ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଢେଙ୍କାନାଳ, ଶୁକ୍ରବାର, ମାର୍ଚ୍ଚ ୧୮/୨୦୨୨ (୮+୮=୧୬ ପୃଷ୍ଠା) | Dhenkanal, Friday, March 18/2022 | Page 16 | ₹ 7.00 | ★★★★★

୧୮ଶ ଭାଗ ୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ପଞ୍ଜାବରେ ଦୁର୍ନୀତି ରୋକିବାକୁ ହେଲ୍ପଲାଇନ ନମ୍ବର**

ପଞ୍ଜାବକୁ ଦୁର୍ନୀତିମୁକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତାଙ୍କ ବ୍ୟକ୍ତିଗତ ହ୍ବାଟ୍ସଆପ୍ ନମ୍ବରକୁ ହେଲ୍ପଲାଇନ ନମ୍ବର ଭାବେ ବ୍ୟବହାର କରିବାକୁ କହିଛନ୍ତି।

୦୮

୦୨

**ସିଜେଆଇଙ୍କ ନ୍ୟାୟିକ ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ**

ଭାରତରେ ନ୍ୟାୟିକ ସହାୟତା ଚାହୁଁଥିବା ବ୍ୟକ୍ତିଙ୍କୁ ଲିଗାଲ ଆସିଷ୍ଟାନ୍ସ ସେଣ୍ଟର ସ୍ଥାପନ ଲାଗି ସିଜେଆଇ ଏନ୍.ଭି. ରମନା ୟୁଏଇର ପ୍ରବାସୀ ଭାରତୀୟ ସଂଗଠନଙ୍କୁ ପ୍ରସ୍ତାବ ଦେଇଛନ୍ତି।



# ଏପ୍ରିଲ ୨୮ରୁ ଯୁକ୍ତ ୨ ପରୀକ୍ଷା

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

## ନିଜ ଶିକ୍ଷକ କରିବେ ପ୍ରାକ୍ଟିକାଲ ପରୀକ୍ଷା

## ମୂଲ୍ୟାୟନକୁ ନେଇ ଦ୍ୱନ୍ଦ୍ୱ



ରାଜ୍ୟରେ ଆସନ୍ତା ଏପ୍ରିଲ ୨୮ ତାରିଖରୁ ଅଫଲାଇନ ମୋଡରେ ଯୁକ୍ତ ୨ ପରୀକ୍ଷା ହେବ। କଳା, ବାଣିଜ୍ୟ ଓ ବିଜ୍ଞାନର ପରୀକ୍ଷା ହେବ। ଏଥିରେ ମୋଟ ୩ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେବେ। ଯୁକ୍ତ ୨ ପରୀକ୍ଷା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। କରୋନା ମହାମାରୀ ପାଇଁ ପରୀକ୍ଷା ବ୍ୟବସ୍ଥାରେ କୋହଳ କରାଯାଇଛି। ଖରା ପାଇଁ ସକାଳ ୯ ଟାରୁ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ନିଜ କଲେଜ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରାକ୍ଟିକାଲ ପରୀକ୍ଷା ଦେବେ। ଶେଷ କ୍ୱାର୍ଟର ପରୀକ୍ଷାର ଥିଓରି ଓ ପ୍ରାକ୍ଟିକାଲ ମାର୍କରୁ ପିଲାଙ୍କୁ ୨୦ ପ୍ରତିଶତ ମାର୍କ ମିଳିବ।

ସେହିପରି ମୂଲ୍ୟାୟନ ପାଇଁ ଦୁଇଟି ପଦ୍ଧତି ଅବଲମ୍ବନ କରାଯିବ। ପ୍ରଥମଟିରେ ବାର୍ଷିକ ପରୀକ୍ଷା ଆଧାରରେ ଫଳାଫଳ ଘୋଷଣା କରାଯିବ। ଦ୍ୱିତୀୟଟିରେ ବାର୍ଷିକ ପରୀକ୍ଷାରୁ ୮୦ ପ୍ରତିଶତ ଏବଂ ଶେଷ କ୍ୱାର୍ଟର ପରୀକ୍ଷାରୁ ୨୦ ପ୍ରତିଶତ ମାର୍କ ମିଳିବ। ଉଭୟ ମୂଲ୍ୟାୟନ ପଦ୍ଧତିରେ ସର୍ବାଧିକ ମାର୍କକୁ ନେଇ ପରୀକ୍ଷା ଫଳ ଘୋଷଣା କରାଯିବ। କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ପ୍ରଥମ ଥର ପାଇଁ ଅଫଲାଇନରେ ଯୁକ୍ତ ୨ ପରୀକ୍ଷା କରାଯାଉଛି।

ତେବେ ପରୀକ୍ଷା ମୂଲ୍ୟାୟନ ପଦ୍ଧତିକୁ ନେଇ ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ପବିତ୍ର ମହଲା କହିଛନ୍ତି ଯେ, ଅଫଲାଇନ ପରୀକ୍ଷା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ପରୀକ୍ଷା ମୂଲ୍ୟାୟନକୁ ନେଇ ଯେଉଁ ଦୁଇଟି ବିକଳ୍ପ ରଖାଯାଇଛି ତାହା ସମୟ ଅଧିକ ନେବ ଏବଂ ଦ୍ୱନ୍ଦ୍ୱ ମଧ୍ୟ ସୃଷ୍ଟି କରିବ। ସେଥିରୁ ଗୋଟିଏ ବିକଳ୍ପ ରଖିବା ଉଚିତ, ଯଦ୍ଵାରା ମୂଲ୍ୟାୟନ ଠିକ୍ ହେବା ସହ ପିଲାମାନଙ୍କୁ ନ୍ୟାୟ ମିଳିପାରିବ। ନିଜ ଶିକ୍ଷକମାନେ ପ୍ରାକ୍ଟିକାଲ ପରୀକ୍ଷା ପରିଚାଳନା କରିବେ। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଚଳିତ ବର୍ଷ ଅନେକ ପିଲା ଅନଲାଇନରେ ପଢ଼ିଛନ୍ତି, ତେବେ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ନିଜ ଶିକ୍ଷକ ପ୍ରାକ୍ଟିକାଲ ପରୀକ୍ଷା କଲେ କିଛି ଅସୁବିଧା ନାହିଁ।

# ୨.୫୦ ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ୍ ଜମା ଉପରେ ଟିକସ ଲାଗିବ

**ନୂଆଦିଲ୍ଲୀ, ୧୭।୩**



କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ବାର୍ଷିକ ଜମା ୨.୫୦ ଲକ୍ଷରୁ ଊର୍ଦ୍ଧ୍ୱ ହେଲେ ଏହା ଉପରେ ଟିକସ ଲଗାଇବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ସରକାରୀ କର୍ମଚାରୀଙ୍କ ପାଇଁ ଏହି ସୀମା ୫ ଲକ୍ଷ ରଖାଯାଇଛି। ନୂଆ ଆୟକର ଆଇନ ନିୟମାବଳୀରେ ଏପ୍ରିଲ ୧ରୁ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ଟିକସଯୋଗ୍ୟ ଏବଂ ଅଣଟିକସଯୋଗ୍ୟ ଜମା ଆକାଉଣ୍ଟ ଭାବେ ବିଭକ୍ତ କରାଯିବ। ପିଏଫ୍ ଜମା ଉପରେ ସୁଧହାର ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ କରାଯାଇଥିବାବେଳେ ଏବେ ଅଧିକ ଜମା ଉପରେ ଟିକସ ଲଗାଇବାକୁ ଇପିଏଫ୍ଓ ଯୋଜନା କରୁଛି। ନୂଆ ନିୟମ ଅନୁଯାୟୀ ଜଣେ ଘରୋଇ କର୍ମଚାରୀ ପିଏଫ୍‌ରେ ବାର୍ଷିକ ୫ ଲକ୍ଷ ଟଙ୍କା ଜମା କରୁଥିଲେ, ୨.୫୦ ଲକ୍ଷ ଟଙ୍କା ଉପରେ ଟିକସ ଲାଗିବ। ସେହିପରି ଜଣେ ସରକାରୀ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟରେ ୬ ଲକ୍ଷ ଟଙ୍କା ଜମା ହେଉଥିଲେ, ସେ ୧ ଲକ୍ଷ ଟଙ୍କା ଉପରେ ଟିକସ ଦେବେ। ଉଚ୍ଚ ଆୟକାରୀ ବ୍ୟକ୍ତି ଯେପରି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଫାଇଦା ନ ନେବେ, ସେଥିପାଇଁ ଏଭଳି ଟିକସ ବ୍ୟବସ୍ଥା କରାଯାଇଛି। ଏହା ୧ ପ୍ରତିଶତ ଟିକସଦାତାଙ୍କୁ ପ୍ରଭାବିତ କରିବ ବୋଲି ପୂର୍ବରୁ କୁହାଯାଇଥିଲା।

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆୟକର ନିୟମାବଳୀ, ୧୯୬୨ରେ ଏକ ନୂଆ ଧାରା ୯ଡି ଯୋଡ଼ାଯାଇଛି। ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ଇପିଏଫ୍ ହିତାଧିକାରୀଙ୍କୁ ଅଣଟିକସ ଜମାକାରୀ ବିବେଚନା କରାଯିବ। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷ(୨୦୨୧ ଏପ୍ରିଲ୍ ୧ରୁ ୨୦୨୨ ମାର୍ଚ୍ଚ ୩୧ ମଧ୍ୟରେ) ଇପିଏଫ୍ ଜମାକୁ ଟିକସଯୋଗ୍ୟ ବିବେଚିତ ହେବ। ସୂଚନାଯୋଗ୍ୟ, ଘରୋଇ ବା ବେସରକାରୀ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ମାସିକ ମୂଳ ବେତନର ୧୨ ପ୍ରତିଶତ ଇପିଏଫ୍ ଯୋଗଦାନ ଭାବେ ଜମା କରାଯାଇଥାଏ। ଏଥିରେ ନିଯୁକ୍ତିଦାତା ସମାନ ପରିମାଣ ଅର୍ଥ ଜମା କରିଥାନ୍ତି। ମାସିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପାଉଥିବା କର୍ମଚାରୀଙ୍କ ଇପିଏଫ୍ ଜମାକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି କୌଣସି ସଂସ୍ଥାରେ ୨୦ରୁ ଅଧିକ କର୍ମଚାରୀ ନିୟୋଜିତ ଥିଲେ ସେମାନଙ୍କ ଇପିଏଫ୍ ଆକାଉଣ୍ଟ ଖୋଲିବା ବାଧ୍ୟତାମୂଳକ।

### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୧୮ ଓ ୧୯ ତାରିଖ ଶୁକ୍ରବାର ଏବଂ ଶନିବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୨୧ ତାରିଖ ସୋମବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

**ସାଉଦି ନାରାଜ**

**ଦୁର୍ନୀତି ଯୋଗୁ ୪୩.୨% ଭାରତୀୟଙ୍କ ଖୁସି ପ୍ରଭାବିତ**

ପୃ-୨

**ନକଲି ଡାକ୍ତରଙ୍କ ଡ୍ରାଇଭର ଗିରଫ**

ପୃ-୩

# ଆଇସିଜେ ରାୟକୁ ରୁଷିଆର ଅବଜ୍ଞା

**ହେଗ୍/ମସ୍କୋ, ୧୭।୩**

ୟୁକ୍ରେନ୍ ଉପରେ ଆକ୍ରମଣ ତୁରନ୍ତ ବନ୍ଦ କରିବାକୁ ନେଦରଲାଣ୍ଡ୍‌ସର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ବୁଧବାର ରୁଷିଆକୁ ନିର୍ଦ୍ଦେଶ ଦେଇଥିବାବେଳେ ମସ୍କୋ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଆଇସିଜେ ରାୟକୁ ରୁଷିଆ ମାନିବ ନାହିଁ ବୋଲି ଗୁରୁବାର ସ୍ପଷ୍ଟ ଶୁଣାଇଦେଇଛି। ରାୟର ଅନୁପାଳନ ପାଇଁ ଉଭୟ ରୁଷିଆ ଓ ୟୁକ୍ରେନ୍ ସହମତି ପ୍ରକାଶ କରିବା ଦରକାର। କିନ୍ତୁ ଏହି ମାମଲାରେ ସହମତି ପ୍ରକାଶ ପାଇବା ସମ୍ଭବ ନୁହେଁ ବୋଲି କ୍ରେମ୍‌ଲିନ୍‌ର ଜଣେ ମୁଖପାତ୍ର କହିଛନ୍ତି। ଆଇସିଜେ ରାୟ ମାନିବା ବାଧ୍ୟତାମୂଳକ ହୋଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଇବା ନେଇ ଅଦାଲତଙ୍କ କର୍ତ୍ତୃତ୍ୱ ନ ଥିବାରୁ ପୂର୍ବରୁ ଅନେକ ଦେଶ ଏହାକୁ ଅଣଦେଖା କରିଥିବା ନଜିର ରହିଛି।

ରୁଷିଆ ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କରେ ଗଣହତ୍ୟା କରାଯାଉଥିବା ଦର୍ଶାଇ ଯୁଦ୍ଧର ଯଥାର୍ଥତା ପ୍ରତିପାଦିତ କରୁଥିବାବେଳେ ନିକଟରେ କ୍ୱିଭ୍‌ର ପ୍ରତିନିଧି ଆଣ୍ଟୋନ୍ କୋରିନେଭିକ୍ ତୁରନ୍ତ ମିଲିଟାରି ରେଶନ ବନ୍ଦ ନିର୍ଦ୍ଦେଶ ଦାବି କରି ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅନ୍ତର୍ଜାତୀୟ ବିବାଦର ଶୁଣାଣିବେଳେ ରୁଷିଆ ଆଇସିଜେ କୋର୍ଟ ବର୍ଜନ କରିଥିଲା। ଜାତିସଂଘର ୧୯୪୮ ଜେନୋସାଇଡ୍ କନ୍‌ଭେନଶନ୍ ପରିଧିରେ ୟୁକ୍ରେନ୍‌ର ନିବେଦନ ଆସୁ ନ ଥିବାରୁ ଆଇସିଜେ ଏହାର ଶୁଣାଣି କରିପାରିବେ ନାହିଁ ବୋଲି ମସ୍କୋ ଯୁକ୍ତି ବାଢ଼ିଥିଲା। ଆଇସିଜେରେ ଅଧ୍ୟକ୍ଷତା କରୁଥିବା ଆମେରିକୀୟ ବିଚାରପତି ଜୋଆନ୍ ଡୋନୋଗ୍ହୁ ବୁଧବାର ରାୟ ଶୁଣାଇବା ବେଳେ କହିଥିଲେ, ରୁଷୀୟ ସଂଘ ଫେବୃୟାରୀ ୨୪ରେ ୟୁକ୍ରେନ୍ ବିରୋଧରେ ଆରମ୍ଭ କରିଥିବା ସାମରିକ ଅପରେଶନକୁ ତୁରନ୍ତ ବନ୍ଦ କରୁ। ଇତିମଧ୍ୟରେ ଆଇସିଜେ ନିର୍ଦ୍ଦେଶକୁ ଆମେରିକା ସ୍ୱାଗତ କରିଛି। ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ରୁଷିଆକୁ ତୁରନ୍ତ ସାମରିକ ଅଭିଯାନ ପାଇଁ ଆଇସିଜେ ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାୟ, ଯାହାକୁ ଆମେ ସ୍ୱାଗତ କରୁଛୁ। ୟୁକ୍ରେନ୍‌ରେ ମାନବୀୟ ସଙ୍କଟ ଦୂର କରିବା ଲାଗି ରୁଷିଆ ଏହାକୁ ମାନିବା ଦରକାର। ଜାତିସଂଘର ଚାର୍ଟର ଅନୁସାରେ ଆଇସିଜେ ଏହି ଅନ୍ତର୍ଜାତୀୟ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ଦୁଇରାଷ୍ଟ୍ର ଯୁଦ୍ଧ ଆଇନ ସମେତ ଅନ୍ୟ ଅନ୍ତର୍ଜାତୀୟ ଆଇନ ଅନୁସାରେ ନିଜ ଉତ୍ତରଦାୟିତ୍ୱ ତୁଲାଇବା ଉଚିତ ବୋଲି ପ୍ରାଇସ୍ କହିଛନ୍ତି। ଅନ୍ୟପକ୍ଷେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି, ରାୟକୁ ଆମେ ପାଳନ କରିବୁ ନାହିଁ। ରାୟର ଅନୁପାଳନ ଲାଗି ଉଭୟ ପକ୍ଷ ରାଜି ହେବା ଦରକାର।







**ପାକିସ୍ତାନ ଦେଇ ଉଜ୍‌ବେକିସ୍ତାନକୁ ରପ୍ତାନି ହେଲା ଭାରତୀୟ ପଣ୍ୟ**

ପ୍ରଥମ ଥର ଲାଗି ଭାରତୀୟ ଘରୋଇ ବ୍ୟବସାୟୀଙ୍କୁ ସେମାନଙ୍କ ବ୍ୟବସାୟିକ ସାମଗ୍ରୀ ପାକିସ୍ତାନ ଦେଇ ଉଜ୍‌ବେକିସ୍ତାନକୁ ରପ୍ତାନି ଲାଗି ଇସ୍‌ଲାମାବାଦ ଅନୁମତି ଦେଇଛି। ନୂଆଦିଲ୍ଲୀ, ଇସ୍‌ଲାମାବାଦ, କାବୁଲ ଏବଂ ତାସ୍‌କେଣ୍ଟ ମଧ୍ୟରେ ବାଣିଜ୍ୟିକ କାରବାରର ଏହା ଅଂଶବିଶେଷ। ଭାରତର ୧୪୦ ଟନ୍ ପଣ୍ୟ ପାକିସ୍ତାନ ଅତିକ୍ରମ କରି ତୋର୍‌ଖାମ ସୀମା ଦେଇ ଆଫଗାନିସ୍ତାନ ଯାଇଥିଲା। ବୁଧବାର ସେଠାରୁ ଉଜ୍‌ବେକିସ୍ତାନ ରାଜଧାନୀ ତାସ୍‌କେଣ୍ଟ ପଠାଯାଇଛି।



## ଆସାମରେ ‘ଜେଲେନ୍‌ସ୍କି ଚା’




ରୁଷିଆ ଆକ୍ରମଣରେ ଭୟଭୀତ ନ ହୋଇ ଅଦ୍ଭୁତ ସାହସିକତା ପ୍ରଦର୍ଶନ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ନାଁରେ ଆସାମର ଏକ ଷ୍ଟାର୍ଟଅପ୍ କମ୍ପାନୀ ଚା’ ପ୍ରସ୍ତୁତ କରିଛି। ଜେଲେନ୍‌ସ୍କିଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଚା’ ଲଞ୍ଚ୍ କରାଯାଇଛି। ଆସାମର ଏହା ସବୁଠାରୁ ଷ୍ଟ୍ରଙ୍ଗ୍ ସିଟିସି (କ୍ରଶ ଟିଅର କର୍ଲ) ବୋଲି ଆରୋମେଟିକ୍ ଟି କମ୍ପାନୀର ନିର୍ଦ୍ଦେଶକ ରଞ୍ଜିତ୍ ବରୁଆ କହିଛନ୍ତି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଜେଲେନ୍‌ସ୍କିଙ୍କୁ ଉଦ୍ଧାର କରିବା ପାଇଁ ଆମେରିକାର ଅଫର୍ ସତ୍ତ୍ୱେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ବଦଳରେ ସେ ଅସ୍ତ୍ର ମାଗିଥିଲେ। ଏହା ହିଁ ତାଙ୍କ ଚରିତ୍ରକୁ ଦର୍ଶାଉଛି। ରୁଷିଆଠାରୁ ଜିତିବା ସହଜ ହୋଇ ନ ଥିଲେ ହେଁ ଜେଲେନ୍‌ସ୍କି ଏବେ ବି ଲଢୁଛନ୍ତି ବୋଲି ବରୁଆ ପ୍ରକାଶ କରିଛନ୍ତି। ‘ଜେଲେନ୍‌ସ୍କି ଚା’ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ୟୁକ୍ରେନ୍ ସ୍ଥିତି ବ୍ୟଥିତ କରିଛି



ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ରେ ଘଟୁଥିବା ଜୀବନହାନି ଜାପାନ ରାଜକୁମାରୀଙ୍କୁ ବ୍ୟଥିତ କରିଛି। ଜାପାନ ସମ୍ରାଟ ନରୁହିତୋଙ୍କ ଏକମାତ୍ର ଝିଅ ପ୍ରିନ୍ସେସ୍ ଆଇକୋ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୟୁକ୍ରେନ୍‌ରେ ବହୁ ମୂଲ୍ୟବାନ ଜୀବନ ଯାଉଛି। ସେସବୁର ଦୃଶ୍ୟ ତାଙ୍କ ହୃଦୟକୁ ବ୍ୟଥିତ କରିଛି। ସେ ଶାନ୍ତିରେ ବିଶ୍ୱାସ କରନ୍ତି। ଦୁଇରାଷ୍ଟ୍ରର ଲୋକଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ ବୋଲି ପ୍ରିନ୍ସେସ୍ ଆଶାବ୍ୟକ୍ତ କରିଛନ୍ତି।

## ୟୁକ୍ରେନ୍ ନାଟୋର ଅଂଶ କହିଲେ ହାରିସ୍



ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଏକ ବିବାଦୀୟ ଟୁଇଟ୍ ଚର୍ଚ୍ଚାକୁ ଆସିଛି। ୟୁକ୍ରେନ୍ ନାଟୋର ଏକ ଅଂଶ ବୋଲି ତାଙ୍କ ଟୁଇଟ୍ ଦର୍ଶାଉଥିବା ଜଣାପଡ଼ିବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀ ଏହା ଉପରେ ବିଭିନ୍ନ ପ୍ରତିକ୍ରିୟା ରଖୁଛନ୍ତି। ମଙ୍ଗଳବାର ହାରିସ୍ ଏକ ଟୁଇଟ୍‌ରେ ଲେଖିଥିଲେ, ‘ମୁଁ ପୋଲାଣ୍ଡରେ ଥିବାବେଳେ ଆମେରିକା ଏବଂ ପୋଲାଣ୍ଡ ସୈନ୍ୟଙ୍କୁ ଭେଟି ନାଟୋ ସଦସ୍ୟ ଦେଶଗୁଡ଼ିକରେ ଶାନ୍ତି, ସ୍ୱାଧୀନତା ଏବଂ ନିରାପତ୍ତା ବଜାୟ ରଖିବା ପାଇଁ ଧନ୍ୟବାଦ ଦେଇଛି। ନାଟୋ ମେମ୍ବର ସୁରକ୍ଷାରେ ୟୁକ୍ରେନ୍ ନାଗରିକଙ୍କ ସହ ଆମେରିକା ଦୃଢ଼ତାର ସହ ଛିଡ଼ା ହୋଇଛି’। ଏହି ଟୁଇଟ୍ ବିବାଦୀୟ ହେବାରୁ ପ୍ରାୟ ଘଣ୍ଟାଏ ପରେ ତାହାକୁ ହଟାଇ ଦିଆଯାଇଥିଲା। ଶେଷ ବାକ୍ୟକୁ ଠିକ୍ କରାଯାଇ ‘ୟୁକ୍ରେନ୍ ନାଗରିକ ଏବଂ ନାଟୋ ସହଯୋଗୀଙ୍କ ସୁରକ୍ଷା ପାଇଁ ଆମେରିକା ଦୃଢ଼ତାର ସହ ଛିଡ଼ା ହୋଇଛି’ ବୋଲି ଲେଖାଯାଇଥିଲା।

# ଥିଏଟରକୁ ରୁଷିଆର ଟାର୍ଗେଟ

**କ୍ୱିଭ୍, ୧୭।୩**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ନ ଦେଇ ରୁଷୀୟ ସୈନ୍ୟ ଯେକୌଣସି ସ୍ଥାନରେ କ୍ଷେପଣାସ୍ତ୍ର, ବୋମାମାଡ଼ କରୁଛନ୍ତି। ଯୁଦ୍ଧର ୨୨ ଦିନରେ ଗୁରୁବାର ରୁଷିଆ ୟୁକ୍ରେନ୍‌ର ମାରିଉପୋଲରେ ଥିବା ଏକ ସିନେମା ହଲ୍ ଉପରେ ବୋମାମାଡ଼ କରିଛି। ଏକ ବିମାନ ଥିଏଟର ଉପରେ ବୋମା ପକାଇବା ପରେ ୩ ମହଲା ବିଶିଷ୍ଟ ଥିଏଟର ବିଲ୍ଡିଂ ଜଳିବା ସହ ଧସି ଯାଇଛି। ସେଠାରେ ୧ ହଜାରରୁ ୧୨ ଶହ ଲୋକ ଆଶ୍ରୟ ନେଇଥିଲେ ବୋଲି ମାରିଉପୋଲ ଡେପୁଟି ମେୟର ସେରଗି ଓରଲୋଭ୍ କହିଛନ୍ତି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଜଣା ପଡ଼ି ନ ଥିବାବେଳେ ଶତାଧିକ ସେଠାରେ ଫସି ରହିଥିବା ଆଶଙ୍କା କରାଯାଉଛି। କ୍ରମାଗତ ଆକ୍ରମଣ ଯୋଗୁ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଏବଂ ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା କଷ୍ଟକର ହୋଇପଡ଼ିଛି ବୋଲି ମାରିଉପୋଲ ମେୟରଙ୍କ ପରାମର୍ଶଦାତା ପେଟ୍ରୋ ଆଣ୍ଡ୍ରିୟୁସ୍‌ଚେନ୍‌କୋ କହିଛନ୍ତି।

ନିରୀହ ଲୋକମାନେ ଆକ୍ରମଣରୁ ବର୍ତ୍ତିବା ପାଇଁ ଥିଏଟରରେ ଆଶ୍ରୟ ନେଇଥିବାବେଳେ ରୁଷିଆ ସେଠାରେ ବୋମା ପକାଇବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିନ୍ଦା କରିଛନ୍ତି। ୟୁକ୍ରେନ୍ ଲୋକଙ୍କ ପ୍ରତି ରୁଷିଆର ଅମାନବୀୟ ଅତ୍ୟାଚାର ହୃଦୟ ବିଦାରକ ବୋଲି ଜେଲେନ୍‌ସ୍କି ଏକ ଭିଡିଓରେ କହିଛନ୍ତି। ରୁଷିଆ ଆକ୍ରମଣରେ କେବଳ ମାରିଉପୋଲରେ ୨୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହାବାଦ୍ ଏବେ ବି ମାରିଉପୋଲରେ ଥିବା ପ୍ରାୟ ୩ ଲକ୍ଷ ନାଗରିକ ବିନା ପାଣି, ଖାଦ୍ୟ, ବିଦ୍ୟୁତ୍, ଗ୍ୟାସ୍‌ରେ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ରୁଷୀୟ ସେନ୍ୟ ସେଠାକୁ ପରିବହନ ବ୍ୟବସ୍ଥା ବନ୍ଦ କରିଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି।

**ଆଶ୍ରୟ ନେଇଥିଲେ ୧ ହଜାରରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ**



ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର ମାରିଉପୋଲ ଥିଏଟର ଧ୍ୱସ୍ତବିଧ୍ୱସ୍ତ।

## ଦେଶଦ୍ରୋହୀଙ୍କୁ ସଫା କରିବୁ: ପୁଟିନ୍



**ମସ୍କୋ, ୧୭।୩:** ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆକୁ ଏକଘରକିଆ କରିବାକୁ ଆମେରିକା ଓ ସହଯୋଗୀ ରାଷ୍ଟ୍ର ଉଦ୍ୟମ କରୁଛନ୍ତି। ଫଳରେ ଆମେରିକା ଓ କେତେକ ୟୁରୋପୀୟ ଦେଶକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶତ୍ରୁ ଦେଶ ତାଲିକାରେ ରଖିଛନ୍ତି। ଏହି ଦେଶଗୁଡ଼ିକୁ ଗୁପ୍ତଭାବେ ସହାୟତା କରୁଥିବା ରୁଷୀୟ ନାଗରିକଙ୍କୁ ସେ ଦେଶଦ୍ରୋହୀ ଆଖ୍ୟାଦେଇ ସେମାନଙ୍କ ମୂଳପୋଛ କରିବା ନିମନ୍ତେ ପୁଟିନ୍ ଧମକ ଦେଇଛନ୍ତି। ପାଶ୍ଚାତ୍ୟ ଦେଶ ରୁଷିଆକୁ ଧ୍ୱଂସ କରିବାକୁ ଚାହୁଁଥିବା ପୁଟିନ୍ ଏକ ଟେଲିଭିଜନରେ ଭିଡିଓ କନଫରେନ୍ସ ବାର୍ତ୍ତାରେ ଅଭିଯୋଗ ଆଣିଛନ୍ତି। ରୁଷୀୟ ନାଗରିକ ବିଶ୍ୱାସଘାତକଙ୍କ ଉପରେ ଛେପ ପକାଇବା ଉଚିତ। ସମାଜକୁ ସ୍ୱଚ୍ଛ ରଖିବାରେ ନାଗରିକଙ୍କ ଏହି କାର୍ଯ୍ୟ ଏକତା ବଜାୟ ରଖିବା ସହ ଦେଶକୁ ଶକ୍ତିଶାଳୀ କରିବ ଏବଂ ଆମେ ଯେ କୌଣସି ଚ୍ୟାଲେଞ୍ଜକୁ ସାମ୍ନା କରିପାରିବା ବୋଲି ପୁଟିନ୍ କହିଛନ୍ତି। ନିକଟରେ ଏକ ରୁଷୀୟ ଟେଲିଭିଜନ ଚ୍ୟାନେଲର ଜଣେ ସମ୍ପାଦିକା ୟୁକ୍ରେନ୍ ଯୁଦ୍ଧ ବିରୋଧୀ ପୋଷ୍ଟର ଦେଖାଇବା ପରେ ପୁଟିନ୍‌ଙ୍କ ଏଭଳି ପ୍ରତିକ୍ରିୟା ସାମ୍ନାକୁ ଆସିଛି। ୟୁକ୍ରେନ୍‌ରେ ସ୍ୱତନ୍ତ୍ର ମିଲିଟାରି ଅପରେଶନ ଚାଲିଛି। କୌଣସି ରୁଷୀୟ ନାଗରିକ ଏହାକୁ ‘ଯୁଦ୍ଧ’ କିମ୍ବା ‘ଆକ୍ରମଣ’ ନ କହିବା ପାଇଁ ପୁଟିନ୍ ପୂର୍ବରୁ ନିର୍ଦ୍ଦେଶ ଜାରି କରିଛନ୍ତି।

### ସଂକ୍ଷେପରେ

## ତିବ୍ବତରେ ଚାଇନାର ୧.୨୦ ଲକ୍ଷ କି.ମି. ରାସ୍ତା

**ବେଜିଂ, ୧୭।୩:** ତିବ୍ବତରେ ଚାଇନା ପକ୍ଷରୁ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବାବେଳେ ୨୦୨୧ରେ ୧.୨୦ ଲକ୍ଷ କି.ମି. ରାସ୍ତା କରାଯାଇଛି। ତିବ୍ବତର ୫ ସହର ଓ ୬୬ ପ୍ରଶାସନିକ ଗ୍ରାମରେ ଗତବର୍ଷ ଏହି ନିର୍ମାଣ କରାଯାଇଥିବା ଗୁରୁବାର ଚାଇନାର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତିବ୍ବତର ପ୍ରାଦେଶିକ ରାଜଧାନୀ ଲହାସାକୁ ଅରୁଣାଚଳ ପ୍ରଦେଶ ସୀମାନ୍ତ ନିଙ୍ଗ୍‌ଚି ସହର ସହ ଯୋଡ଼ିବା ଲାଗି ଗତବର୍ଷ ଚାଇନା ଏକ ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍ ନେଟ୍‌ୱର୍କ ମଧ୍ୟ ପ୍ରତିଷ୍ଠା କରିଥିଲା।

## ଆଶିଷ ଝା ହ୍ୱାଇଟ୍ ହାଉସ୍ କୋଭିଡ୍ ରେସ୍‌ପନ୍ସ କୋଅର୍ଡିନେଟର

**ନୂଆଦିଲ୍ଲୀ, ୧୭।୩:** ଭାରତୀୟ ବଂଶୋଦ୍ଭବ ଡା. ଆଶିଷ ଝାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍‌ର କୋଭିଡ୍ ରେସ୍‌ପନ୍ସ କୋଅର୍ଡିନେଟର ଭାବେ ନିଯୁକ୍ତି ଦେଇଛନ୍ତି।



ଆସନ୍ତା ମାସରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଆଶିଷ ଝା ବ୍ରାଉନ୍ ୟୁନିଭର୍ସିଟି ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥର ଡିନ୍ ଅଛନ୍ତି। ବାଇଡେନ୍‌ଙ୍କ କୋଭିଡ୍-୧୯ ରେସ୍‌ପନ୍ସ ସଂଯୋଜକ ଜେଫ୍ ଜିଏଣ୍ଟସ୍‌ଙ୍କ କାର୍ଯ୍ୟକାଳ ଏପ୍ରିଲ ମାସରେ ଶେଷ ହେଉଥିବାରୁ ଆଶିଷ ଝାଙ୍କୁ ଏହି ପଦବୀ ମିଳିଛି। ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ସମ୍ମାନିତ ମନେ କରୁଥିବା ଡା. ଝା କହିଛନ୍ତି।

## ୪୫ ଦିନରେ ୭ ମହଲା ବିଲ୍ଡିଂ ନିର୍ମାଣ କଲା ଡିଆରଡିଓ

**ନୂଆଦିଲ୍ଲୀ, ୧୭।୩ (ପି.ଟି.):** ଭାରତର ପ୍ରତିରକ୍ଷା ଗବେଷଣା ସଂସ୍ଥା ଡିଆରଡିଓ ନିଜସ୍ୱ ପ୍ରଯୁକ୍ତି ବ୍ୟବହାର କରି ୪୫ ଦିନରେ ୭ ମହଲା ଅଟ୍ଟାଳିକା ନିର୍ମାଣ କରିଛି। ବେଙ୍ଗାଲୁରୁସ୍ଥିତ ଏରୋନଟିକାଲ ଡେଭେଲପମେଣ୍ଟ ଏଷ୍ଟାବ୍ଲିଶ୍‌ମେଣ୍ଟରେ ୧.୩ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ଏହି ବିଲ୍ଡିଂରେ ବାୟୁସେନାର ୫ମ ପିଢ଼ିର ମଧ୍ୟମ ଓଜନ ଲଢୁଆ ବିମାନ ଉପରେ ଗବେଷଣା ଓ ବିକାଶ କରାଯିବ।

## ଦକ୍ଷିଣ କୋରିଆରେ ଦୈନିକ ସଂକ୍ରମଣ ୬ ଲକ୍ଷ ଟପିଲା

**ସିଓଲ, ୧୭।୩ (ପି.ଟି.):** ଦକ୍ଷିଣ କୋରିଆରେ ଗୁରୁବାର ଗୋଟିଏ ଦିନରେ ୬,୨୧,୦୦୦ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨ ଲକ୍ଷ ଅତିକ୍ରମ କରିଛି। ଓମିକ୍ରନ୍ ଆସିବା ପରେ ଫେବୃୟାରୀରୁ ଇତିମଧ୍ୟରେ ୭୪ ଲକ୍ଷରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ଏଥିସହିତ ୨୪ ଘଣ୍ଟାରେ ୪୨୯ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବ ଦିନ ତୁଳନାରେ ଏହା ୧୪୦ ଅଧିକ। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି।

## ଆଜି ବାଇଡେନ୍-ଜିନ୍‌ପିଙ୍ଗ୍ ଆଲୋଚନା



**ୱାଶିଂଟନ୍, ୧୭।୩:** ୟୁକ୍ରେନ୍ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ଆଲୋଚନା କରିବେ। ଏ ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଚାଇନା ଓ ଆମେରିକା ମଧ୍ୟରେ ଚାଲିଥିବା ପ୍ରତିଯୋଗିତା ଏବଂ ସାମ୍ନା କରିବାକୁ ପଡୁଥିବା ନୂଆ ଚ୍ୟାଲେଞ୍ଜ ବାବଦରେ ମଧ୍ୟ ଉଭୟ ପକ୍ଷ କଥା ହେବେ ବୋଲି ଜଣାପଡ଼ିଛି। ୟୁକ୍ରେନ୍ ଆକ୍ରମଣ ପରଠାରୁ ରୁଷିଆକୁ ଯେପରି ଚାଇନା କୌଣସି ପ୍ରକାର ସହଯୋଗ କିମ୍ବା ସମର୍ଥନ ନ ଦିଏ ସେଥିପାଇଁ ଜିନ୍‌ପିଙ୍ଗ୍‌ଙ୍କ ଉପରେ କୂଟନୈତିକ ଚାପ ପଡୁଛି। ନିକଟରେ ରୁଷିଆ ଚାଇନାକୁ ସାମରିକ ସହାୟତା ମାଗିଥିବା ଜଣାପଡ଼ିଥିଲା। ଏପରି କଲେ ଚାଇନା ଭୟଙ୍କର ପରିଣାମ ଭୋଗିବ ବୋଲି ୱାଶିଂଟନ୍ ବେଜିଂକୁ ଚେତାବନୀ ଦେଇଥିଲା।



କୋଲକାତାରେ ମହିଳାମାନେ ଗୁରୁବାର ହୋଲି ଖେଳୁଛନ୍ତି।

## ଅଭିଷେକ ବାନାର୍ଜୀଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ମାମଲା ସହ ସମ୍ପୃକ୍ତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତୃଣମୂଳ କଂଗ୍ରେସ ଏମ୍‌ପି ଅଭିଷେକ ବାନାର୍ଜୀ ଓ ତାଙ୍କ ସ୍ତ୍ରୀଙ୍କୁ ଜେରା ପାଇଁ ସାନି ସମନ ଜାରି କରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ଟିଏମ୍‌ସିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଛନ୍ତି। ଆସନ୍ତା ସପ୍ତାହରେ ଅଭିଷେକ ଓ ସ୍ତ୍ରୀ ରୁଜିରାଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଗତବର୍ଷ ସେପ୍ଟେମ୍ବର ୧୦ରେ ପ୍ରଥମେ ଇଡି ବାନାର୍ଜୀ ଦମ୍ପତିଙ୍କୁ ସମନ କରିଥିଲେ। ଏହାକୁ ସେମାନେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗତ ୧୧ ତାରିଖରେ ଅଦାଲତ ସେମାନଙ୍କ ଆବେଦନକୁ ଖାରଜ କରିଦେବା ସହ ଇଡିଙ୍କ କାର୍ଯ୍ୟାଳୟରେ ହାଜର ହେବା ଲାଗି କହିଥିଲେ।

ପଶ୍ଚିମବଙ୍ଗର କୁନୁସ୍ତୋରିଆ ଏବଂ କଜୋରା ଅଞ୍ଚଳରେ ରହିଥିବା ଇଷ୍ଟର୍ନ କୋଲ୍‌ଫିଲ୍ଡ ଲିମିଟେଡ୍‌ରେ ବହୁ କୋଟି ଟଙ୍କାର କୋଇଲା ଚୋରି ଦୁର୍ନୀତିରେ ଅଭିଷେକ ଓ ରୁଜିରା ସମ୍ପୃକ୍ତ ଥିବା ନେଇ ସିବିଆଇ ୨୦୨୦ ନଭେମ୍ବରରେ ମାମଲା ଦାଏର କରିଥିଲା। ଏହାକୁ ଆଧାର କରି ଇଡି ମନିଲଣ୍ଡରିଂ ମାମଲାର ତଦନ୍ତ କରୁଛି।

## ରୁଷିଆ ବିରୋଧରେ ଭୋଟ ଦେଲେ ଭାରତର ବିଚାରପତି

**ନୂଆଦିଲ୍ଲୀ, ୧୭।୩**

ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ୟୁକ୍ରେନ୍ ଆକ୍ରମଣ ମାମଲାର ଶୁଣାଣି ବେଳେ ରୁଷିଆ ବିରୋଧରେ ଭୋଟ ଦେଇଛନ୍ତି ଭାରତରୁ ପ୍ରତିନିଧିତ୍ୱ କରୁଥିବା ବିଚାରପତି ଜଷ୍ଟିସ୍ ଦଲବୀର ଭଣ୍ଡାରୀ। ଭାରତ ଜାତିସଂଘରେ ରୁଷିଆ ବିପକ୍ଷରେ ଭୋଟ ଦେଉ ନ ଥିବାବେଳେ ଜଷ୍ଟିସ୍ ଭଣ୍ଡାରୀଙ୍କ ମତଦାନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ୧୯୪୭ ଅକ୍ଟୋବର ୧ରେ ରାଜସ୍ଥାନର ଯୋଧପୁରରେ ଜନ୍ମିତ ଦଲବୀର ଭଣ୍ଡାରି ପୂର୍ବରୁ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଆଇସିଜେରେ ଏହା ହେଉଛି ଜଷ୍ଟିସ୍ ଦଲବୀର ଭଣ୍ଡାରୀଙ୍କ ଦ୍ୱିତୀୟ ପାଳି। ୨୦୧୨ରେ ସେ ପ୍ରଥମ ଥର ପାଇଁ ଆଇସିଜେକୁ ନିର୍ବାଚିତ ହୋଇଥିଲେ। ଏହି କାର୍ଯ୍ୟକାଳ ୨୦୧୮ରେ ଶେଷ ହୋଇଥିଲା। ପରେ ଭାରତ ତାଙ୍କୁ ପୁନଃ ମନୋନୀତ କରି ଆଇସିଜେକୁ ପଠାଇଥିଲା। ଫଳରେ ବ୍ରିଟେନ୍‌ରୁ ପ୍ରତିନିଧିତ୍ୱ କରିବା ପାଇଁ ଆଗ୍ରହୀ ଥିବା ଜଷ୍ଟିସ୍ ଗ୍ରିନ୍‌ଉଡ୍ ଆଉ ଥରେ ନିର୍ବାଚିତ ହୋଇପାରି ନ ଥିଲେ।



ଜଷ୍ଟିସ୍ ଦଲବୀର ଭଣ୍ଡାରୀ

### ରାୟ ସପକ୍ଷ/ବିପକ୍ଷରେ କିଏ



ଆଇସିଜେରେ ଯୁଦ୍ଧ ବନ୍ଦ ପ୍ରସ୍ତାବକୁ ୧୩ ଜଜ୍ ସମର୍ଥନ କରିଥିବାବେଳେ ୨ ଜଣ ବିଚାରପତି ବିରୋଧ କରିଥିଲେ। ଭାରତର ବିଚାରପତି ରୁଷିଆ ବିରୋଧରେ ଭୋଟ ଦେଇଥିବାବେଳେ ଚାଇନାର ବିଚାରପତି ରାୟକୁ ବିରୋଧ କରିଥିଲେ। ବିରୋଧ କରିଥିବା ଦୁଇ ବିଚାରପତି ହେଲେ ଭାଇସ୍-ପ୍ରେସିଡେଣ୍ଟ କିରିଲ୍ ଗେଭୋରଜିଆନ୍ (ରୁଷିଆ) ଏବଂ ଶୁଏ ଜଜ୍ ହନ୍‌କିନ୍ (ଚାଇନା)। ରାୟ ସପକ୍ଷରେ ଭୋଟ ଦେଇଥିବା ବିଚାରପତିମାନେ ହେଲେ ଆଇସିଜେରେ ଅଧ୍ୟକ୍ଷତା କରୁଥିବା ଜୋଆନ୍ ଇ ଡୋନୋଗ୍ହୁଏ (ଆମେରିକା), ପିଟର ଟୋମ୍‌କା (ସ୍ଲୋଭାକିଆ), ଦଲବୀର ଭଣ୍ଡାରୀ (ଭାରତ), ରୋନି ଆବ୍ରାହମ୍ (ଫ୍ରାନ୍ସ), ମହମ୍ମଦ ବେନୋଉନା (ମରକ୍କୋ), ଅବଦୁଲକାୱି ଅହମ୍ମଦ ୟୁସୁଫ (ସୋମାଲିଆ), ଜୁଲିଆ ସେବୁଟିନ୍‌ଡେ (ଉଗାଣ୍ଡା), ପାଟ୍ରିକ୍ ଲିପ୍‌ଟୋନ୍ ରିବନ୍‌ସନ (ଜାମାଇକା), ନୱାଫ୍ ସଲାମ (ଲେବାନନ୍), ଇୱାସୱା ୟୁଜି (ଜାପାନ), ଜର୍ଜ ନୋଲ୍‌ଟେ (ଜର୍ମାନୀ), ହିଲାରୀ ଚାର୍ଲ୍ସଓର୍ଥ (ଅଷ୍ଟ୍ରେଲିଆ) ଏବଂ ଅସ୍ଥାୟୀ ବିଚାରପତି ୟେସ୍ ଦଉଡେଟ୍।

## ନ୍ୟାୟିକ ସହାୟତା କେନ୍ଦ୍ର ସ୍ଥାପନ କରନ୍ତୁ ପ୍ରବାସୀ ଭାରତୀୟ

### ସିଜେଆଇଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ଭାରତରେ ନ୍ୟାୟିକ ସହାୟତା ଚାହୁଁଥିବା ଲୋକମାନଙ୍କୁ ସହଯୋଗ ପାଇଁ ଲିଗାଲ ଆସିଷ୍ଟାନ୍ସ ସେଣ୍ଟର ସ୍ଥାପନ କରିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁବାର ୟୁଏଇରେ ଥିବା ପ୍ରବାସୀ ଭାରତୀୟ ସଂଗଠନଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି। ଜାତୀୟ ଏବଂ ରାଜ୍ୟ ସ୍ତରରେ ଆଇନ ସେବା କର୍ତ୍ତୃପକ୍ଷ ସହାୟତା ଚାହୁଁଥିବା ୭୦% ଲୋକଙ୍କୁ ମାଗଣାରେ ନ୍ୟାୟିକ ସେବା ଯୋଗାଉଛନ୍ତି। ସମସ୍ତଙ୍କ ପାଖରେ ଏହା ପହଞ୍ଚାଇବାକୁ ହେଲେ ଅଧିକ ନ୍ୟାୟିକ ସହାୟତା କେନ୍ଦ୍ର ଖୋଲାଯିବା ଆବଶ୍ୟକ। ଆବୁଧାବିସ୍ଥିତ ଇଣ୍ଡିଆ ସୋସିଆଲ୍ ଆଣ୍ଡ କଲ୍‌ଚରାଲ ସେଣ୍ଟରରେ ଭାରତୀୟମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜଷ୍ଟିସ ରମନା କହିଥିଲେ, ବହୁସଂଖ୍ୟାରେ ଭାରତୀୟ ୟୁଏଇରେ ରହିଛନ୍ତି ଏବଂ ଏଠାର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନେ ଭାରତରେ ଅଭାବୀ ଲୋକଙ୍କୁ ଆଇନ ସେବା ଯୋଗାଇଦେବା ଲାଗି ନ୍ୟାୟିକ ସହାୟତା କେନ୍ଦ୍ର ଖୋଲିବା ଦିଗରେ ଚିନ୍ତା କରିବା ଆବଶ୍ୟକ ବୋଲି ସିଜେଆଇ ପ୍ରସ୍ତାବ ଦେଇଥିଲେ।



ଜଷ୍ଟିସ୍ ଏନ୍.ଭି. ରମନା

## ଦୁର୍ନୀତି ଯୋଗୁ ୪୩.୨% ଭାରତୀୟଙ୍କ ଖୁସି ପ୍ରଭାବିତ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

### ଷ୍ଟେଟ୍ ଅଫ୍ ହାପିନେସ୍ ରିପୋର୍ଟ

ଦୁର୍ନୀତି ଯୋଗୁ ୪୩.୨ ପ୍ରତିଶତ ଭାରତୀୟଙ୍କ ଖୁସି ପ୍ରଭାବିତ ହେଉଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ମହିଳାଙ୍କ ତୁଳନାରେ ପୁରୁଷଙ୍କର ଏ ସମ୍ପର୍କିତ ଅନୁଭବ କମ୍ ବୋଲି ହାପିପ୍ଲସ୍ କନ୍‌ସଲ୍ଟିଂର ‘ଷ୍ଟେଟ୍ ଅଫ୍ ହାପିନେସ୍’ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଭାରତୀୟମାନେ ପୂର୍ବାପେକ୍ଷା ଖୁସି ଅଛନ୍ତି ଏବଂ ଦେଶର ଜୀବନ-ମୂଲ୍ୟାୟନ ସ୍କୋର ୬.୮୪ ରହିଛି। ଖୁସି ର୍‍ୟାଙ୍କିଙ୍ଗ୍‌ରେ ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଣ୍ଡିଚେରୀ, ଚଣ୍ଡିଗଡ଼, ଦିଲ୍ଲୀ ଓ ଗୋଆ ଆଗରେ ରହିଛି।

ଅଧ୍ୟୟନ ଅନୁଯାୟୀ ସରକାର ଏବଂ ବ୍ୟବସାୟରେ ଦୁର୍ନୀତି ଅଧିକ ବୋଲି ୪୩.୨ ପ୍ରତିଶତ ଭାରତୀୟ ବିଶ୍ୱାସ କରନ୍ତି। ଦୁର୍ନୀତି ଯୋଗୁ ଲୋକେ ହତୋତ୍ସାହିତ ହେଉଛନ୍ତି। ଏହା ଖୁସି ମାପିବା ପାଇଁ ବ୍ୟବହୃତ ମୂଲ୍ୟାୟନକୁ ପ୍ରଭାବିତ କରୁଛି। ଦେଶର ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳର ୨୦,୦୭୩ ଜଣଙ୍କ ସାକ୍ଷାତ୍‌କାର ନିଆଯାଇ ଉକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନକାରାତ୍ମକ ସ୍ଥିତିରେ ମାନସିକ ସୁସ୍ଥତାକୁ ସାମାଜିକ ସହାୟତା ସୁରକ୍ଷା ଦେଇପାରିବ ବୋଲି ୮୭.୮ ପ୍ରତିଶତ ଭାରତୀୟ ଅନୁଭବ କରନ୍ତି। ଅନ୍ୟପକ୍ଷରେ ନକାରାତ୍ମକ ଭାବପ୍ରବଣତା ଜୀବନ ତୁଷ୍ଟୀକରଣକୁ ବଦଳାଇଦିଏ ଏବଂ ଆତ୍ମସନ୍ତୋଷକୁ କମାଇଦିଏ। ୩୨.୯ ପ୍ରତିଶତ ଭାରତୀୟ ନିୟମିତ ଭାବେ ବିବ୍ରତ, ଦୁଃଖ ଓ କ୍ରୋଧର ଭାବାବେଗ ଅନୁଭବ କରିଥାନ୍ତି ବୋଲି ଅଧ୍ୟୟନରେ କୁହାଯାଇଛି। କୋଭିଡ୍ ଜନିତ ଅନିଶ୍ଚିତତା, ସ୍ୱାସ୍ଥ୍ୟ, ଆର୍ଥିକ ସଶକ୍ତୀକରଣ, ପରିବାର, ବନ୍ଧୁ ଓ କାର୍ଯ୍ୟକ୍ଷେତ୍ରରେ ଚାପ ଆଦି କାରଣରୁ ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ଭାରତୀୟ ଭୟ ଓ ଚିନ୍ତାଗ୍ରସ୍ତ ଅନୁଭବ କରୁଥିବା ଅଧ୍ୟୟନରୁ ଜଣାପଡ଼ିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୬,୫୧,୪୧,୧୨୭ | ୬୦,୮୩,୩୮୫ | ୩୯,୭୧,୬୮,୩୦୨ |
| ଭାରତ | ୪,୩୦,୦୧,୪୭୭ | ୫,୧୬,୧୬୧ | ୪,୨୪,୫୪,୫୪୬ |
| ଓଡ଼ିଶା | ୧୨,୮୬,୯୫୭ | ୯୧୧୬(+୫୩) | ୧୨,୭୭,୧୫୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କଫି ଷ୍ଟଲ୍‌ରୁ ବିଦେଶ ଭ୍ରମଣ

## ୨୬ତମ ଟ୍ରିପ୍‌ରେ ବାହାରିଛନ୍ତି ରୁଷିଆ

କୋଚି

କୋଚିର ବୃଦ୍ଧା ଦମ୍ପତି 'ଶ୍ରୀ ବାଲାଜି କଫି ହାଉସ୍' ନାମରେ ଏକ କଫି ଷ୍ଟଲ୍ ଚଲାଉଛନ୍ତି। କଫି ବିକ୍ରି କରି ଯାହା ଆୟ କରନ୍ତି ସେଥିରେ ଘର ଚଳେଇବା ସହ ପ୍ରତିବର୍ଷ ବିଦେଶ ବୁଲିବାକୁ ଯାଆନ୍ତି ଏହି ଦମ୍ପତି। ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ। କାରଣ କଥାରେ ଅଛି, ଇଚ୍ଛା ଥିଲେ ଉପାୟ ଆପେ ମିଳିଯାଏ। କେ.ଆର. ବିଜୟନ ବୟସ ୭୧ ବର୍ଷ। ବିଦେଶ ବୁଲିବା ତାଙ୍କର ଭାରି ପସନ୍ଦ। ସେଥିପାଇଁ ତ ପ୍ରତିବର୍ଷ ପତ୍ନୀଙ୍କୁ ସାଥୀରେ ନେଇ ସେ ଯେମିତି ହେଲେ ବିଦେଶ ବୁଲିବାକୁ ଯାଇଥାନ୍ତି। ତାଙ୍କ କଫି ଷ୍ଟଲକୁ ୨୭ ବର୍ଷ ପୂରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୫ଟି ଦେଶ ସେ ବୁଲିସାରିଛନ୍ତି। ବର୍ତ୍ତମାନ ୨୬ତମ ଯାତ୍ରା ପାଇଁ ସେ ପ୍ରସ୍ତୁତ ହେଉଛନ୍ତି। ଅକ୍ଟୋବରରେ ୬୯ ବର୍ଷୀୟା ପତ୍ନୀ ମୋହନାଙ୍କୁ ନେଇ ବିଜୟନ ରୁଷିଆ ଯିବା ପାଇଁ ବାହାରିଛନ୍ତି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଭେଟିବା ପାଇଁ ଏହି ଦମ୍ପତି ଆଶା ରଖିଛନ୍ତି। ଅକ୍ଟୋବର ୨୧ରୁ ୮ ଦିନିଆ ଟ୍ରିପ୍‌ରେ ଏହି ବୃଦ୍ଧା ଦମ୍ପତି ରୁଷିଆ ଯିବେ। ମହାମାରୀ ସଂକ୍ରମଣ କାରଣରୁ ଦୁଇ ବର୍ଷ ହେବ ଏହି ଦମ୍ପତି ବିଦେଶ ବୁଲିବାକୁ ଯାଇନାହାନ୍ତି। ବିଦେଶ ଭ୍ରମଣ ପାଇଁ ଟ୍ରାଭେଲ ଏଜେନ୍ସି ବିଜୟନଙ୍କୁ ସାହାଯ୍ୟ କରୁଥିବା ସେ କହିଛନ୍ତି। ୨୦୦୭ରେ ସେ ପ୍ରଥମେ ଇସ୍ରାଏଲ ଯାଇଥିଲେ। ୨୦୧୯ ନଭେମ୍ବର ଡିସେମ୍ବରରେ ବିଜୟନ ଏବଂ ମୋହନା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ବୁଲିବାକୁ ଯାଇଥିବାବେଳେ ମହିନ୍ଦ୍ରା ଗ୍ରୁପ୍ ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ଏ ନେଇ ସମସ୍ତ ଖର୍ଚ୍ଚ ବହନ କରିଥିଲେ।





IMMEDIATE

AIR COMPRESSORS FOR SALE



**Specifications:**

| Make | Capacity (Air - 12Kg.) |
|---|---|
| 1. ELGI Aircompressor TS15HN | 15HP 11KW 500 Ltr. Tank |
| 2. ELGI Compressor TS07HN | 7HP 5.5KW 300 Ltr. Tank |
| 3. ELGI Compressor TS07HN | 7HP 5.5KW 300 Ltr. Tank |
| 4. (IR) Ingersoll Rand 2545 | 7.5HP 5.5KW 300 Ltr. Tank |
| 5. (IR) Ingersoll Rand 2475 | 7.5HP 5.5KW 300 Ltr. Tank |

All above air compressors and dryers are in excellent working condition.
Interested parties may kindly send quotation to **<dhtacc@gmail.com>**.
The Compressors and dryers can be inspected between 11.30 am to 4 pm.

**Please contact: 9937996852**


# ନକଲି ଡାକ୍ତରଙ୍କ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

- ନୟାଗଡ଼ରେ ଥିବା ମାଉସୀ ଘରୁ ଧରାପଡ଼ିଲେ
- ବିବାହ, ଠକେଇ ଘଟଣାରେ ରମେଶଙ୍କୁ ସହଯୋଗ କରୁଥିଲେ
- ରମେଶଙ୍କ ମାଟ୍ରିମୋନିଆଲ ଆକାଉଣ୍ଟ ହଟାଇବାକୁ ଚିଠି ଲେଖିଲା ପୋଲିସ

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ସମ୍ପତ୍ତି ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଡ୍ରାଇଭର ଚିତ୍ତରଞ୍ଜନ ପଟ୍ଟନାୟକ ଓରଫ ପପୁ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଲୋଧାଛୁଆଁ ଗ୍ରାମସ୍ଥିତ ମାଉସୀ ଘରୁ ତାଙ୍କୁ ସ୍ପେଶାଲ ସ୍କ୍ୱାଡ୍ କାବୁ କରିଛି। ମହିଳା ଥାନାରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ତଦନ୍ତ କରୁଥିବା ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପଚାରି ମାରାଥନ୍ ଜେରା କରିଥିଲା। ଏହାପରେ ତାଙ୍କୁ ଗିରଫ କରାଯାଇଥିବା ମହିଳା ଥାନା ଅଧିକାରୀ ସନ୍ତୋଷିନୀ ବେହେରା କହିଛନ୍ତି। ରମେଶଙ୍କ ପାଖ ଲୋକ ଥିଲେ ପପୁ। ରମେଶଙ୍କୁ ବିବାହ କରିବାରେ ସେ ସାହାଯ୍ୟ କରି ଆସୁଥିଲେ। ଜେରାବେଳେ ପପୁ ରମେଶଙ୍କ ଅନେକ ଗୋପନ ତଥ୍ୟ ପୋଲିସ ଆଗରେ କହିଥିବା ଜଣାପଡ଼ିଛି। ସେପଟେ ରମେଶଙ୍କ ଭିଣୋଇ ବହୁଦିନ ଧରି ଫେରାର ଅଛନ୍ତି। ତେଣୁ ତାଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି।

ଅପରପକ୍ଷରେ, ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍‌ରେ ଆକାଉଣ୍ଟ ଖୋଲି ମହିଳାଙ୍କୁ ଫସାଉଥିଲେ। ସେ ଦେଇଥିବା ପ୍ରୋଫାଇଲରେ ଡାକ୍ତର ବୋଲି ଦର୍ଶାଉଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ବିଶ୍ୱାସ କରି ଶିକ୍ଷୟିତ୍ରୀ, ଡାକ୍ତରାଣୀଙ୍କ ଭଳି ବହୁ ଉଚ୍ଚ ଶିକ୍ଷିତା ମହିଳା ତାଙ୍କ ସହ ଯୋଗାଯୋଗ କରୁଥିଲେ। ଏହାପରେ ରମେଶ ନାନା ମିଥ୍ୟା ପ୍ରତିଶ୍ରୁତି ଦେଇ ଫସାଇ ବିବାହ କରିବା ପରେ ତାଙ୍କ ସୁନା, ଟଙ୍କା ଓ ସମ୍ପତ୍ତି ଲୁଟୁଥିଲେ। ଏବେବି ସାଦି ଡଟ୍ କମ୍ ଭଳି ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟରେ ରମେଶଙ୍କ ଆକାଉଣ୍ଟ ରହିଛି। ତେଣୁ ଏସବୁ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ହଟାଇବାକୁ କମିଶନରେଟ୍ ପୋଲିସ ବିଭିନ୍ନ ମାଟ୍ରିମୋନିଆଲ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି।

ସୂଚନାଯୋଗ୍ୟ, ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଫେବୃୟାରୀ ୧୪ରେ ରମେଶଙ୍କୁ ଗିରଫ କରାଯାଇଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ରମେଶ ଭିନ୍ନ ଭିନ୍ନ ସମୟରେ ୩ ପର୍ଯ୍ୟାୟରେ ୧୩ଦିନ ପାଇଁ ରିମାଣ୍ଡରେ ଆସିଥିଲେ ମଧ୍ୟ ପୋଲିସ ତାଙ୍କଠାରୁ ଅନେକ ତଥ୍ୟ ହାସଲ କରିପାରି ନ ଥିଲା। ସେ ପୋଲିସକୁ ଭ୍ରମାତ୍ମକ କଥା କହି ଅନେକ ଘଟଣାକୁ ଗୋପନ ରଖିଥିବା ପୋଲିସ ସନ୍ଦେହ କରିଥିଲା। ତେଣୁ ଗୁରୁବାର ରମେଶଙ୍କ ଲାଏ ଡିଟେକ୍ସନ୍ କରାଯାଇଥିଲା। ଉକ୍ତ ଟେଷ୍ଟ ରିପୋର୍ଟ ଆସିବା ପରେ ରମେଶ କେତେ ମିଛ ଓ କେତେ ସତ କହିଛନ୍ତି ତାହା ଜଣାପଡ଼ିବ।

**କୋଟିଆ ବିବାଦ**

# ଆନ୍ଧ୍ର ସହ ରହିବାକୁ ୩ ସରପଞ୍ଚ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ, ୨୧ରେ ଶୁଣାଣି

ପଟ୍ଟାଙ୍ଗୀ, ୧୭।୩(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ କୌଣସି ସମାଧାନର ବାଟ ଏଯାଏ ବାହାରିପାରିନାହିଁ। ଏଭଳି ସ୍ଥିତିରେ ଆନ୍ଧ୍ର ସହ ରହିବାକୁ ଫାଟୁସିନେରି ସରପଞ୍ଚ କୁନେଟି କୁସଆମାଁଙ୍କ ସହ ଆନ୍ଧ୍ରର ଅନ୍ୟ ଦୁଇ ପଞ୍ଚାୟତ ସାରିକା ଓ କୁରୁକୁଟିର ସରପଞ୍ଚ ଆଇନଜୀବୀ ରେଗୁ ମହେଶ୍ୱର ରାଓଙ୍କ ମାଧ୍ୟମରେ ଗତ ଫେବୃୟାରୀ ୧୫ ତାରିଖରେ ସୁପ୍ରିମକୋର୍ଟରେ ଏକ ମିସ୍‌କେସ୍‌କେସ୍ (ନଂ ଡବ୍ଲ୍ୟୁପି(ସି)ନଂ. ୧୧୩/୨୦୨୨) ଦାଖଲ କରିଛନ୍ତି। ଉକ୍ତ ମାମଲାର ଶୁଣାଣି ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ ହୋଇଛି, ଯାହାକି ଓଡ଼ିଶା ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। କୋଟିଆ ପଞ୍ଚାୟତର ତିନି ଗ୍ରାମ ଗଞ୍ଜେଇ ପଦର, ଫଗୁଣସିନେରି ଓ ଫାଟୁସିନେରିରେ ଆନ୍ଧ୍ର ସରକାର ସରପଞ୍ଚ ନିର୍ବାଚିତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଉପରୋକ୍ତ ସରପଞ୍ଚମାନେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ସେମାନଙ୍କ ସହ ୨୧ ଖଣ୍ଡ ଗ୍ରାମବାସୀ ଆନ୍ଧ୍ର ରାଜ୍ୟର ସମସ୍ତ ସରକାରୀ ଯୋଜନାରୁ ସୁବିଧା ପାଉଛନ୍ତି। ତେଣୁ ସେମାନଙ୍କୁ ଆନ୍ଧ୍ର ରାଜ୍ୟ ସହ ରହିବାକୁ ଅନୁମତି ମିଳୁ। ସୂଚନାଯୋଗ୍ୟ ସାରିକା ଓ କୁରୁକୁଟି ପଞ୍ଚାୟତର କେତେକ ଗ୍ରାମ ଓଡ଼ିଶାରେ ରହିଛି।


DSPL-429

**୧୨ ରୁ ୧୪ ବର୍ଷ ପିଲାମାନଙ୍କ ପାଇଁ କୋଭିଡ୍ ଟୀକାକରଣ**

**ଟୀକାକରଣ ପାଇଁ ଯୋଗ୍ୟତା:**
୧୨ ରୁ ୧୪ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା **କର୍ବିଭାକ୍ସ (CorBEvax™)** ଟୀକା ନେଇପାରିବେ।



**ପଞ୍ଜିକରଣ ଉପାୟ :**
- କୋ-ୱିନ୍ ପୋର୍ଟାଲ୍‌ରେ ଅନ୍‌ଲାଇନ୍ ପଞ୍ଜିକରଣ କରିପାରିବେ କିମ୍ବା
- ୧୨ ରୁ ୧୪ ବର୍ଷ ପିଲାଙ୍କ ପାଇଁ ସ୍ଥିରିକୃତ କୋଭିଡ୍ ଟୀକାକରଣ କେନ୍ଦ୍ରକୁ ଯାଇ ଅନ୍‌ସାଇଟ୍ ପଞ୍ଜିକରଣ କରିପାରିବେ।
- ଫଟୋ ଥିବା କୌଣସି ଜନ୍ମ ତାରିଖର ପ୍ରମାଣପତ୍ର ସମ୍ପୃକ୍ତ ଟୀକାଦାନ କେନ୍ଦ୍ରରେ ଦେଖାଇ ଏଥିପାଇଁ ପଞ୍ଜିକରଣ କରାଯାଇ ପାରିବ।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ :**
୧ମ ଡୋଜ୍ ଟୀକା ନେବାର ୪ ସପ୍ତାହ ପରେ ୨ୟ ଡୋଜ୍ ନିଆଯାଇ ପାରିବ।

**ନିକଟ ଅତୀତରେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ପିଲାମାନେ କୋଭିଡ୍‌ରୁ ସୁସ୍ଥ ହେବାର ୩ ମାସ ପରେ ଟୀକା ନେଇପାରିବେ।**

OIPR-10003/13/0158/2122

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳିବା

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

facebook.com/HFWOdisha
http://www.health.odisha.gov.in/
@HFWOdisha






**ବ୍ୟାଙ୍କ ଶାଖା ଗୁଡ଼ିକର କାଉଣ୍ଟରରେ ମଇଳା, ଚିରା-ଫଟା, କ୍ଷତିଗ୍ରସ୍ତ କିମ୍ବା ତ୍ରୁଟିଯୁକ୍ତ କରେନ୍ସୀ ନୋଟକୁ ବଦଳାନ୍ତୁ**

- ଆପଣଙ୍କ ନିକଟସ୍ଥ ବ୍ୟାଙ୍କ ଶାଖାରେ କରେନ୍ସୀ ନୋଟକୁ ବଦଳା ଯାଇପାରିବ*
- ଯଦି ବ୍ୟାଙ୍କ ଶାଖା ନୋଟ ବଦଳେଇବା ପାଇଁ ମନା କରନ୍ତି, ତେବେ ସେଇ ବ୍ୟାଙ୍କରେ ଅଭିଯୋଗ ଦାଖଲ କରନ୍ତୁ, ଯଦି ଅଭିଯୋଗ ଏକ ମାସ ପର୍ଯ୍ୟନ୍ତ ଅମୀମାଂସିତ ରହେ, ତେବେ ଆପଣ RBIର ଲୋକପାଳ (Ombudsman)ଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ

*RBI Note refund Rules, 2009 (amended in 2018) ଅନ୍ତର୍ଗତ କରେନ୍ସୀ ନୋଟକୁ ବଦଳାଯାଏ.

ଆର୍‌ବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଫିଡବ୍ୟାକ ଦେବା ପାଇ rbikehtahai@rbi.org.in କୁ ଲେଖନ୍ତୁ

**ଆଜିର ମନ୍ତବ୍ୟ**

"ଭାରତକୁ ଆଧୁନିକ ତଥା ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବାର ବୃହତ୍ତର ଲକ୍ଷ୍ୟରୁ ପ୍ରଶାସନିକ ଅଧିକାରୀମାନେ କଦାପି ଦୃଷ୍ଟି ହଟାନ୍ତୁ ନାହିଁ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆରୁଷୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବୁଲ ମାଠିଆ ପେଟ,**
**ଛ' ମାସ ଜଗିଲି ଦେଉଳ ବାଟ;**
**ଦିନେ ନ ପାଇଲି ଭେଟ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଦେଉଳକୁ ଠାକୁର ପୂଜିବାକୁ ଆସି ଦେଖା ସାକ୍ଷାତରୁ ମନ ଦେଇ ପରେ ଠକି ହୋଇଗଲେ ମନର ସବୁ ସରାଗ ମରିଯାଏ, ପ୍ରେମ ଉପରୁ ଭରସା ତୁଟିଯାଏ। ଯାହାଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ହୋଇ ନ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆସିଛୁ ଏକା, ଯିବୁ ଏକା;**
**ସାଙ୍ଗରେ ନ ଯିବେ ପିଲା ପଟିକା।**

ମଣିଷ ଆସିଥାଏ ଏକା, ଯାଇଥାଏ ଏକା। ସଂସାରରୁ ମରି ହଜି ଗଲେ ସାଙ୍ଗରେ କିଛି ଧନ ସମ୍ପତ୍ତି କି ସାଙ୍ଗ ସାଥୀ ନେଇ ଯାଇ ପାରି ନ ଥାଏ। କେବଳ ନିଜେ ଅର୍ଜି ଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାଙ୍କୁ ରିକ୍ତ ବା ଶୂନ୍ୟ ହସ୍ତରେ ଯିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୨୦ରେ କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ

କୋଣାର୍କ,୧୭।୩(ଡି.ଏନ୍.ଏ.)- ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ଅର୍କ ବିହାର, କୋଣାର୍କରେ ପ୍ରତିଷ୍ଠିତ ସାଂସ୍କୃତିକ ଗୁରୁକୁଳ ଆଶ୍ରମ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୩୬ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉପଲକ୍ଷେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ଆସନ୍ତା ୨୦ ତାରିଖରେ କୋଭିଡ୍ କଟକଣା ମଧ୍ୟରେ ଏହି ଉତ୍ସବ ହେବାକୁ ଥିବାବେଳେ ପ୍ରଥମେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୪ଟା ଯାଏ କୋଣାର୍କ ସାହିତ୍ୟ ଉତ୍ସବ ପାଳିତ ହେବ। ଓଡ଼ିଶାର ବିଭିନ୍ନ ଜିଲାରୁ ବିଶିଷ୍ଟ ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ ବୋଲି ନାଟ୍ୟ ମଣ୍ଡପ ତରଫରୁ ସୂଚନା ଦିଆଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

ବ୍ରଜରାଜନଗର,୧୭।୩(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ରାମପୁର ଫାଣ୍ଡି ଅନ୍ତର୍ଗତ କୋଲିଆରୀ କ୍ୱାର୍ଟର୍ସ ନଂ୧୪ରେ ରହୁଥିବା ରମେଶ ନାୟକ ସ୍ତ୍ରୀ ପଙ୍କଜିନୀ ନାୟକ (୬୦)ଙ୍କୁ ପିଟି ହତ୍ୟା କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଘଟଣା ଘଟିଥିବାବେଳେ ଗୁରୁବାର ଏହା ଲୋକଲୋଚନକୁ ଆସିଛି। ପଙ୍କଜିନୀଙ୍କ ପୁଅ ପ୍ରକାଶଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ.୭୭/୨୨) ରୁଜୁକରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଫିସର ସରୋଜ ନାୟକ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ ରମେଶଙ୍କ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସ୍ତ୍ରୀ ପଙ୍କଜିନୀ ଏମ୍‌ସିଏଲ୍‌ରେ ଚାକିରି କରୁଥିବାବେଳେ ୬ମାସ ପୂର୍ବେ ଅବସର ନେଇଛନ୍ତି। ରମେଶ କିମ୍ବା ତାଙ୍କ ପୁଅ ପ୍ରକାଶଙ୍କ କୌଣସି ରୋଜଗାର ପନ୍ଥା ନ ଥିଲା। ଫଳରେ ପଙ୍କଜିନୀ ଓ ୩ ବିବାହିତ ଝିଅଙ୍କ ବୁଝାମଣାରେ ଘର ଚାଲୁଥିଲା। ହେଲେ ଏହାକୁ ରମେଶ ବରଦାସ୍ତ କରିପାରୁ ନ ଥିଲେ। ଏଥିପାଇଁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀ ଝଗଡ଼ା ଲାଗୁଥିଲା। ବୁଧବାର ପ୍ରକାଶ କୌଣସି କାମରେ ବରଗଡ଼ ଯାଇଥିବାବେଳେ ରାତି ପ୍ରାୟ ୧ଟାରେ ରମେଶ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ମନା କରିବାରୁ ରମେଶ ତାଙ୍କୁ ପିଟି ପିଟି ମାରିଦେଇଥିଲେ। ପ୍ରକାଶ ଘରକୁ ଫେରି ମାଆଙ୍କ ମୃତଦେହ ପାଖରେ ବାପା ବସିଥିବା ଦେଖି ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇ ଘଟଣାସ୍ଥଳରେ ପହଞ୍ଚି ରମେଶଙ୍କୁ ଫାଣ୍ଡିକୁ ନେଇ ପଚରାଉଚୁରା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିର୍ବାଚନ ଅଧିକାରୀଙ୍କଠାରେ ଫେରାଦ ହେଲା ଭାଜପା

ଜୁନାଗଡ,୧୭।୩(ଡି.ଏନ.ଏ.)

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଗୁରୁବାର ଏକ ଘଟଣାରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ସ୍ଥାନୀୟ ନିର୍ବାଚନ ଅଧିକାରୀ ତଥା ତହସିଲଦାର ବେଦବ୍ୟାସ ଭୋଇଙ୍କଠାରେ ଭାଜପା କର୍ମୀମାନେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଜୁନାଗଡ ସହରର ୱାର୍ଡ ନଂ. ୧୨ ଅଙ୍ଗନୱାଡି କେନ୍ଦ୍ରରେ ପ୍ରଫୁଲ୍ଲ ସାହୁ ନାମକ ଜଣେ ଯୁବକ ନିଜକୁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀ କହି ନୂତନ ଏସ୍‌ଏଚ୍‌ଜି ଗୋଷ୍ଠୀଗୁଡିକ ବ୍ୟାଙ୍କ ଖାତା ଖୋଲିବା ଓ ସବ୍‌ସିଡି ଯୋଗାଇ ଦେବା ପାଇଁ ସ୍ଥାନୀୟ ମହିଳାଙ୍କୁ ଏକତ୍ର କରି ପ୍ରତିଶ୍ରୁତି ଦେଉଥିଲେ। ଏପରିକି ସେହି ସମୟରେ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ବବି ବାଗ (ଯିଏ କି ୧୨ନଂ. ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ଚକ୍ରଧର ବାଗଙ୍କ ଭାଇ) ସେ ମଧ୍ୟ ଉପସ୍ଥିତ ଥିଲେ। ପୌର ନିର୍ବାଚନ ସମୟରେ କିଭଳି ଭାବେ ତରବରିଆ ଭାବେ ଏସ୍‌ଏଚ୍‌ଜି ମହିଳାଙ୍କ ବ୍ୟାଙ୍କ ଖାତା ଖୋଲିବା ଓ ସବ୍‌ସିଡି ଯୋଗାଇଦେବା ଘଟଣା ସମ୍ପର୍କରେ ସ୍ଥାନୀୟ ଭାଜପା କର୍ମୀମାନେ ଯୁବକଙ୍କୁ କାବୁ କରିଥିଲେ। ଯୁବକ ଜଣକ ମିଶନ ଶକ୍ତିର ଜୁନାଗଡ ଅଧିକାରୀ ଖାନ ବାବୁ ଓ ସିଡିପିଓଙ୍କ ନିର୍ଦ୍ଦେଶରେ ଏହି କାମ କରୁଥିବା କହିଥିଲେ। ଭାଜପା କର୍ମୀମାନେ ସେମାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଯାହାକି ଭାଜପା କର୍ମକର୍ତ୍ତାଙ୍କଠୁ ଜଣାପଡିଛି। ଶାସକ ଦଳ ଇଙ୍ଗିତରେ ଯୁବକ ଜଣକ ଏଭଳି କାମ କରି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ସନ୍ଦେହ କରିଥିଲେ। ପରେ ଯୁବକଙ୍କୁ ସହର ଭିତରେ ଚଲାଇ ସ୍ଥାନୀୟ ଥାନାକୁ ଆଣିଥିଲେ ଭାଜପା କର୍ମୀ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବରିଷ୍ଠ ନେତା ରୂପେଶ ଜୈନ, କାଳୀପ୍ରସାଦ ରାୟଗୁରୁ, ନଗର ସଭାପତି ଶିବରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ମନ କଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ଖୋଜି ପାଉ ନ ଥିବେ। କର୍ମକ୍ଷେତ୍ରରେ ମନ୍ଥର ଗତି ସହ ଅଫିସରେ ଫାଇଲ୍ ଚାପର ସମ୍ମୁଖୀନ ହୋଇପାରନ୍ତି। ପିଲାମାନଙ୍କ ବିଶୃଙ୍ଖଳିତ ଚଳଣି ଅସନ୍ତୋଷର କାରଣ ହେବ।

**ବୃଷ** – ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପାରିବାରିକ ଜୀବନରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। ସ୍ୱାସ୍ଥ୍ୟ ଦିଗରୁ ସେପରି କିଛି ବିଶେଷ ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** – ଆକସ୍ମିକ କଳହ ସୃଷ୍ଟି କାରଣରୁ ନିଜ ଲୋକମାନେ ଦୂରେଇ ଯିବାର ସମ୍ଭାବନା ରହିଛି। ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ଚିନ୍ତାକୁ ବଢ଼ାଇବ। ଅବଶ୍ୟ କର୍ମ କ୍ଷେତ୍ର, ଯାନବାହନ, ଦୋକାନବାଡ଼ି, ସଭା ସମିତିରୁ ଉପକୃତ ହେବେ। ମାତ୍ର ପ୍ରତ୍ୟେକ ସମୟରେ କିଛିନା କିଛି କାରଣକୁ ନେଇ ଟେନସନ୍ କିଛି ମାତ୍ରାରେ ଲାଗିରହିବ।

**କର୍କଟ** – ପୂର୍ବ ବିବାଦକୁ ନେଇ ନିଜର ଲୋକମାନେ ଶତ୍ରୁତା କରିପାରନ୍ତି। ପୁଷ୍ୟା ନକ୍ଷତ୍ର ସକାଶେ ଧନହାନି କିମ୍ବା ଅର୍ଥକୁ କେନ୍ଦ୍ରକରି କଳହର ମାତ୍ରା ବଢ଼ି ଯାଇପାରେ। ଯୁକ୍ତିତର୍କ ହେତୁ ସଭାରେ ଆଲୋଚନା ଅସମାପ୍ତ ରହିପାରେ। ମାନସିକ ସ୍ତରରେ ଅଶାନ୍ତି ପୂରାପୂରି ଲାଗି ରହିବ।

**ସିଂହ** – କର୍ମଜଞ୍ଜାଳ ପ୍ରଭାବରୁ ଆଜି ଆପଣ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହିପାରିବେ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟହାନି ଜନିତ ମନ ଉଦ୍‌ବେଗ ରହିବ। ଷ୍ଟେସନେରି ଜିନିଷ,ନୂତନ ବସ୍ତ୍ର ଅଳଙ୍କାର କିମ୍ବା ଗାଡ଼ିମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କନ୍ୟା** – ବାକି କାମଗୁଡ଼ିକ ସାରିବା ସକାଶେ ଅସାମର୍ଥ୍ୟତା ପ୍ରକାଶ ପାଇବ। ହିତାକାଂକ୍ଷୀଙ୍କ ସାହାଯ୍ୟରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିପାରେ। ଚିତ୍ରା ନକ୍ଷତ୍ରର ଅଧିକାଂଶ ସମୟ ମନରେ ଆଶଙ୍କା ଓ ଅସ୍ଥିରତା ଲାଗି ରହିପାରେ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ପ୍ରଶାସନ ଓ ରାଜନୀତି କ୍ଷେତ୍ରରେ ନିର୍ଭରଶୀଳ ହେତୁ ଚିନ୍ତାକୁଳ ହେବେ ।

**ତୁଳା** – ସାମୟିକ ବ୍ୟସ୍ତତା କାରଣରୁ ଅଫିସରେ କାମଗୁଡ଼ିକ ଗୋଳମାଳିଆ ଧରିପାରେ। ବିଭିନ୍ନ ପ୍ରକାର ଅସୁବିଧା ହେତୁ ବହୁ ଦିନରୁ ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ବିବାଦୀୟ ଘଟଣାରେ ବିଜୟଲାଭ କରିବେ।

**ବିଛା** – ମନରେ ବିଭିନ୍ନ ପ୍ରକାର ଭାବନା ଉଦ୍ରେକ ହେବାରୁ କାର୍ଯ୍ୟଧାରା ନିୟନ୍ତ୍ରିତ ରହି ନ ପାରେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ଅତୀତ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବନ୍ଧୁ ସମ୍ପର୍କ ଛିନ୍ନ ହୋଇପାରେ।

**ଧନୁ** – ସହନଶୀଳତାର ଅଭାବଜନିତ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ସକାଳୁ ସକାଳୁ ବନ୍ଧୁଙ୍କ ଜରିଆରେ ଖୁସି ଖବରଟିଏ ପାଇବେ।

**ମକର** – ଆଜିର କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଦସ୍ଥବ୍ୟକ୍ତିଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବାର ସୂଚନା ମଧ୍ୟ ରହିଛି। ସନ୍ତାନଙ୍କ କୃତି ଓ କୃତିତ୍ୱର ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କୁମ୍ଭ** – ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବାର ସୂଚନା ବହୁ ଆଗରୁ ପାଇବେ। ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାର ଝମେଲା ହେତୁ ବ୍ୟସ୍ତ ରହିପାରନ୍ତି । ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ମୀନ** – ସାମୟିକ କୌଣସି ଜିନିଷର ଅଭାବଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଶିଳ୍ପ,ପ୍ରକଳ୍ପ ପ୍ରଭୃତି ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ। ଘର କଥା ମନକୁ ବାରମ୍ବାର ଆଲୋଡ଼ନ କରିବାରୁ ଅଶାନ୍ତ ରହିପାରନ୍ତି । ଆଜିର ବାଣିଜ୍ୟ, ବ୍ୟବସାୟ ଓ ପରିବହନ କିଛି ମନ୍ଦ ହେବନି।


# classifieds Everyday
0674-2580101, 2549302

**real estate**

**SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

**Puri, Book your own luxurious flat @2.2lakh with all modern accessories and stay immediately. 9437158062.** D-23422

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

Sum Hospital ଘଙ୍ଘାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**6.33 Acres of land available for sale near Puri Sea Beach close to Swosti Resorts and Iskon Puri (not for Joint Venture). Contact owner at 9811226997 or 7657009833.** D-23432

**Plot for sale gharabari 30ft. road 4km. from NH Retang road near Polytechnic College. 9777345831.** D-71020

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71957

**healthcare**

Refreshing your mind and body with the best therapy, 7873794731. D-23292

Newly open SPA positively health benifit with expert. Contact: 7749976301. D-71960

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Newly opening SPA positively health benefits with expert therapist. 8917332216. D-71959

Ayurvedic full body massage by experienced male/ female therapist. 7381172169. D-71480

All types body massage with hiprofile smart lady room service available. 8917243035. D-71341

**business**

Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

ମୁଁ ରଶ୍ମିରେଖା ସ୍ୱାଇଁ, ସ୍ୱାମୀ- ଲୋକନାଥ ମହାରଥୀ, ଘର- 1053/5528, ଜଗମୋହନ ନଗର, ଜାଗମରା, ଭୁବନେଶ୍ୱର ରହୁଅଛୁ। ମୁଁ ଜାଗମରାରେ ଗୋଟିଏ ଜାଗା କିଣିଛି କିଣିବା ସମୟରେ ବିକ୍ରେତା ମୋତେ ପଟ୍ଟା ଯାହାର Khata No.- 1133/2746, sale deed No.-3695, dtd- 22.09.1995 ଏବଂ GPA No.-11131210139 dtd 31.08.2012 ହସ୍ତାନ୍ତର କରିଥିଲେ। ମୁଁ ଏହିସବୁ ଡକ୍ୟୁମେଣ୍ଟକୁ Unit-1 Market ପାଖରେ ହଜାଇ ଦେଇଛି। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ଏହି property ବନ୍ଧକ ଦେଇ SBIରୁ Home loan ନେବାକୁ ଯାଉଛି। ଯଦି ଏହି documents ମିଳେ ଦୟାପୂର୍ବକ SBI, RACPC, Bhubaneswarରେ ହସ୍ତାନ୍ତର କରିବାକୁ ଅନୁରୋଧ। ଉପରେଲିଖିତ ଆକାରରେ ଦେଇଥିବା ସମସ୍ତ ତଥ୍ୟ ସତ୍ୟ ଅଟେ, ମିଛ ଥିଲେ SBI ମୋ ଉପରେ legal କାର୍ଯ୍ୟାନୁଷ୍ଠାନ ନେଇ ପାରିବ। ଧ-୨୩୪୩୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ବରିଷ୍ଠ ଦେଓ୍ୱାନୀ ଅଦାଲତ, କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ।
ସକ୍‌ସେସନ୍ ମିସ୍ ସାର୍ଟିଫିକେଟ୍ କେଶ୍ ନଂ.-୦୧/୨୦୨୧
ମଧୁସ୍ମିତା ସାହୁ ....ଦରଖାସ୍ତକାରୀ
ବନାମ
ସସ୍ମିତା ସାହୁ ....ଅପରପକ୍ଷ

ସ୍ଥଳାଭିଷିକ୍ତ ହେବାର ଅନ୍ୟାନ୍ୟ ଦାବିଦାରଙ୍କ ପ୍ରତି ଉପସ୍ଥିତ ହେବା କାରଣ ନୋଟିସ୍। (ଉତ୍ତରାଧିକାରୀ ସାର୍ଟିଫିକେଟ ସମ୍ବନ୍ଧୀୟ ୧୯୨୫ ସାଲ ଆ୩୭୩ଇନ), ଜିଲ୍ଲା- ଢେଙ୍କାନାଳ
ମୁକାମ କାମାକ୍ଷାନଗରସ୍ଥିତ ଢେଙ୍କାନାଳ ଜିଲ୍ଲା ସିଭିଲ୍ ଜଜ୍ (ବରିଷ୍ଠ)ଙ୍କ ଅଦାଲତ ଉତ୍ତରାଧିକାରୀ ସାର୍ଟିଫିକେଟ କେଶ୍ ନଂ.-୦୧।୨୦୨୧, ମଧୁସ୍ମିତା ସାହୁ, ପିତା- ୰ରବୀନ୍ଦ୍ର କୁମାର ସାହୁ, ସା/ପୋ.ଅ.-ଜିରାଳ, ଥାନା- କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ, ଆବେଦନକାରୀ ଓ ଅପରପକ୍ଷ ତାଙ୍କ ଭଉଣୀ ସସ୍ମିତା ସାହୁ ଅଟନ୍ତି। ଏହି ଦୁଇ ଜଣ ଉତ୍ତରାଧିକାରୀ ସାର୍ଟିଫିକେଟ ନିମନ୍ତେ ଦାବିଦାର ଅଟନ୍ତି।

ଏତଦ୍ୱାରା। ସର୍ବସାଧାରଣ ଓ ଅନ୍ୟ କୌଣସି ଦାବିଦାରଙ୍କ ଅବଗତ ପାଇଁ ଦିଆଯାଉଛି ଯେ, ଆବେଦନକାରୀ ଓ ଅପର ପକ୍ଷଙ୍କ ପ୍ରାର୍ଥନାର ବିଚାର ନିମନ୍ତେ ତା୧୮।୦୪।୨୦୨୨ରିଖ ଦିନ ଧାର୍ଯ୍ୟ ହୋଇଛି। ଅତଏବ ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ଜଣାଇ ଦିଆଯାଉଛି ଯେ, ଯଦି ମୃତ ବ୍ୟକ୍ତି ପ୍ରତିମା ସାହୁ, ସ୍ୱାମୀ- ୰ରବୀନ୍ଦ୍ର କୁମାର ସାହୁ, ସା/ପୋ.ଅ.- ଯମୁନାକୋଟ୍, ଥାନା- ଭୁବନ, ଜିଲ୍ଲା- ଢେଙ୍କାନାଳଙ୍କର ଅନ୍ୟ କେହି ଉତ୍ତରାଧିକାରୀ ବା ତାହାର ତ୍ୟକ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥିବେ କିମ୍ବା ଆବେଦନକାରୀଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରାର୍ଥନାର ବିରୁଦ୍ଧରେ କେହି ଆପତ୍ତି ଉପସ୍ଥିତ କରିବାକୁ ଇଚ୍ଛା କରନ୍ତି, ତେବେ ଉପରୋକ୍ତ ନିରୂପିତ ଦିବସରେ ସେ କିମ୍ବା ସେମାନେ, ସ୍ୱୟଂ ଅଥବା ଓକିଲ ଦ୍ୱାରା ଉପସ୍ଥିତ ହୋଇ ଆପଣାର ଆପତ୍ତି ଦର୍ଶାଇବେ ଓ ତତ୍‌ପୋଷକତାର କୌଣସି ଦଲିଲ ଓ ସାକ୍ଷ୍ୟ ଦେବାକୁ ଇଚ୍ଛା କରିବେ, ତାହା ସେହି ଦିବସରେ ଉପସ୍ଥାପନ କରିବାକୁ ପ୍ରସ୍ତୁତି ରହିବେ। ଅଦ୍ୟ ତା୦୮।୦୩।୨୨ରିଖ ଅଦାଲତଙ୍କ ସହି ମୋହର ସହ ମୁକାମ- କାମାକ୍ଷାନଗର ତା୦୮।୦୩।୨୦୨୨
ସ୍ୱାକ୍ଷର ବରିଷ୍ଠ ଦେଓ୍ୱାନୀ ଅଦାଲତ
କାମାକ୍ଷାନଗର, ଢେଙ୍କାନାଳ
ଧ-୭୦୩୮୮


# ରାୟଗଡ଼ା ଏସ୍‌ବିଆଇର ମୁଦ୍ରା ମେଳା

ଦଶ ଟଙ୍କିଆ, ଛୋଟ ୧ ଟଙ୍କିଆ ମୁଦ୍ରାର ବୈଧତା ନେଇ ସଚେତନତା

ରାୟଗଡ଼ା ଅଫିସ,୧୭।୩

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ରାୟଗଡ଼ା ଶାଖା ପକ୍ଷରୁ ମୁଦ୍ରା ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଶାଖା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏଥିରେ ଅନେକ ବ୍ୟବସାୟୀ, ଦୋକାନୀ ଓ ଜନସାଧାରଣ ଯୋଗ ଦେଇଥିଲେ। ମୁଦ୍ରା ମେଳାରେ ନୋଟ୍ ବଦଳରେ ମୁଦ୍ରା ବିନିମୟର ସୁବିଧା କରାଯାଇଥିଲା। ଏଥିସହ ଚିରା ଏବଂ ମଇଳା ଆର୍‌ବିଆଇ ନିର୍ଦ୍ଦେଶନାମା ଆଧାରରେ ବିନିମୟ କରାଯାଇଥିଲା। ଏହି ଅବସରରେ ଆର୍‌ବିଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର କେଶବ କର୍କରା ଉପସ୍ଥିତ ରହି ପ୍ରଚଳିତ ମୁଦ୍ରା ଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଥିବା କହିଛନ୍ତି। ବଜାରରେ ଏବେ ବିଭିନ୍ନ ଆକୃତି ଓ ଡିଜାଇନ୍‌ର ୫୦ ପଇସା ସମେତ ୧, ୨, ୫, ୧୦ ଓ ୨୦ ଟଙ୍କା ମୂଲ୍ୟର ମୁଦ୍ରା ପ୍ରଚଳିତ ଅଛି। କିନ୍ତୁ କେତେକ ଅଞ୍ଚଳରେ ଦଶ ଟଙ୍କିଆ ଏବଂ ୧ ଟଙ୍କିଆ ଛୋଟ ମୁଦ୍ରାର ବୈଧତାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। କେତେଜଣ ବ୍ୟବସାୟୀ ଏବଂ ଦୋକାନୀମାନେ ଏହି ମୁଦ୍ରା ଗ୍ରହଣ ପାଇଁ ଅନିଚ୍ଛା ପ୍ରକାଶ କରୁଥିବାର ଖବର ସାମ୍ନାକୁ ଆସୁଛି। ତେଣୁ ଏ ବିଷୟରେ ଆର୍‌ବିଆଇ ଜେନେରାଲ ମ୍ୟାନେଜର ଚିନ୍ତା ପ୍ରକଟ କରିଛନ୍ତି। ଏହା ଏକ ଗୁଜବ। ସମସ୍ତ ମୁଦ୍ରା ବୈଧ ତେଣୁ ନେଣଦେଣ କରିବାକୁ ସେ ନିବେଦନ କରିଛନ୍ତି। ଏଥିସହ ବ୍ୟାଙ୍କରେ ମଧ୍ୟ କାରବାର ସମୟରେ ମୁଦ୍ରା ଗୁଡ଼ିକୁ ଗ୍ରହଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିବା ସେ ଜଣାଇଛନ୍ତି। ଏହି ମୁଦ୍ରା ମେଳାରେ ଆର୍‌ବିଆଇର ସହାୟକ ମହାପ୍ରବନ୍ଧକ ଆଲୋକ ରଞ୍ଜନ ରଣରାହୁ, ଏସ୍‌ବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ଶଶାଙ୍କ ଶେଖର ନାୟକ ଓ ରାୟଗଡ଼ା ଶାଖାର ମୁଖ୍ୟ ପରିଚାଳକ ସରୋଜ କାନ୍ତ ବେହେରା ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବ୍ରହ୍ମଗିରି,,୧୭।୩(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି- ଡେଲାଙ୍ଗ ରାସ୍ତାର ପଲ୍ଲି ନିକଟରେ ଗୁରୁବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ବରୁଡି ଗ୍ରାମର ସୁଶାନ୍ତ ପ୍ରଧାନ। ମିଳିଥିବା ସୂଚନା ଅନୁଯାୟୀ, ସୁଶାନ୍ତ ଏବଂ ତାଙ୍କର ଜଣେ ବନ୍ଧୁ ଏକ ବାଇକ୍‌ରେ ସୁକଳ ଛକପଟେ ଯାଉଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଏକ ହାଇୱା (ଓଆର-୦୫ଏଆର-୫୧୫୧) ସହିତ ଧକ୍କା ହୋଇଥିଲେ । ଫଳରେ ସୁଶାନ୍ତ ଓ ତାଙ୍କ ବନ୍ଧୁ ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଜବତ କରିବା ସହିତ ନଂ.୬୭/୨୨ରେ ଏକ ମାମଲା ରୁଜୁ କରି ସୁଶାନ୍ତଙ୍କ ମୃତଦେହ ଜବତ କରିଛି। ତେବେ ହାଇୱା ଡ୍ରାଇଭର ଫେରାର ଅଛନ୍ତି।

❝ ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। **-ଶ୍ରୀମା**



# ସାଉଦି ନାରାଜ



ବର୍ନାଡ ହକେଲ

ଆମେରିକା ଓ ସାଉଦି ସମ୍ପର୍କ ଏବେ ଆହୁରି ବିଗିଡ଼ିଯାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆ ଉପରେ ବହୁ ଆର୍ଥିକ କଟକଣା ଲଗାଯାଇଛି। ଏହା ସହ ରୁଷିଆ ଉତ୍ପାଦିତ ତୈଳ ଆମଦାନୀ ଉପରେ ଆମେରିକା କଟକଣା ଲଗାଇବା ପରେ ତୀବ୍ର ମୂଲ୍ୟବୃଦ୍ଧିକୁ ରୋକିବା ଲାଗି ସାଉଦି ଆରବ ଏବଂ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ତୈଳ ଉତ୍ପାଦନ ବୃଦ୍ଧି କରିବେ ବୋଲି ଆଶା କରୁଛି। ହେଲେ ସାଉଦି ଏବଂ ୟୁଏଇ ନେତାମାନେ ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାକୁ ଲକ୍ଷ୍ୟକରି ବାଇଡେନ୍ ମଧ୍ୟ ବିକଳ୍ପ ଖୋଜୁଛନ୍ତି। ଆମେରିକାର ଏକ ପ୍ରତିନିଧିମଣ୍ଡଳୀ ଭେନେଜୁଏଲା ଯାଇଥିଲେ। ୨୦୧୯ରେ ଏହି ଦେଶ ସହ ଆମେରିକା କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା। ସମ୍ଭବତଃ ଏହି ଦେଶ ଉପରେ ଲାଗୁ କରାଯାଇଥିବା ତୈଳ କଟକଣା ହଟାଇବା ଲାଗି ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ପାଇଁ ସେଠାକୁ ଯାଇଥିଲେ। ପ୍ରତିଦିନ ରୁଷୀୟ ଅଶୋଧିତ ତୈଳର ପାଖାପାଖି ୨.୫ ମିଲିୟନ ବ୍ୟାରେଲ ଅଭାବ ପଡ଼ିବ। ବାସ୍ତବରେ ଏହାକୁ ଭେନେଜୁଏଲା କିମ୍ବା ଇରାନ ଭରଣା କରିପାରିବେ ନାହିଁ। କାରଣ କଟକଣା ଯୋଗୁ ଉଭୟ ଦେଶରେ ଅଏଲ ଫିଲ୍ଡ ଏବଂ ଜାତୀୟ କମ୍ପାନୀଗୁଡ଼ିକ ହ୍ରାସ ପାଇଛି। ଏଣୁ ଅଧିକ ତୈଳ ଉତ୍ପାଦନ କରିବା ପୂର୍ବରୁ ଏଗୁଡ଼ିକୁ ପୁନର୍ଜୀବିତ କରିବାକୁ ପଡ଼ିବ ଏବଂ ଏଥିପାଇଁ ବହୁ ମାସ ଲାଗିଯିବ।

ଏବେ ଅର୍ଗାନାଇଜେଶନ ଅଫ୍ ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ(ଓପିଇସି)ର ନେତୃତ୍ୱ ନେଉଥିବା ସାଉଦି ଆରବ ଏବଂ ୟୁଏଇର ଅତ୍ୟଧିକ ଉତ୍ପାଦନ କରିବା କ୍ଷମତା ରହିଛି। ଉଭୟ ଦେଶ ହିଁ ସଙ୍କଟ ଦୂର କରି ତୈଳ ବଜାରରେ ସ୍ଥିରତା ଆଣିପାରିବେ। ସେମାନେ ବ୍ୟାରେଲ ପ୍ରତି ଦର ୧୫୦ ଡଲାରରେ ପହଞ୍ଚିବା କିମ୍ବା ଏହାକୁ ଟପିବାକୁ ଦେବେ ନାହିଁ। ତୈଳ ଉତ୍ପାଦନକୁ ନେଇ ବାଇଡେନ୍ ଏବେ କଠିନ ପରିସ୍ଥିତିରେ ପଡ଼ିଯାଇଛନ୍ତି। ବାଇଡେନ୍ ପ୍ରଶାସନ କେବେ ବି ସାଉଦି ନେତାମାନଙ୍କ ସହ ଭଲ ସମ୍ପର୍କ ରଖିନାହିଁ। ଗତବର୍ଷ ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିବାକୁ ବାଇଡେନ୍ ନିର୍ଦ୍ଦେଶ ଦେଇଥିଲେ, ଯାହା ଇସ୍ତାନବୁଲସ୍ଥିତ ସାଉଦିର ବାଣିଜ୍ୟ ଦୂତାବାସରେ ସାମ୍ବାଦିକ ଜମାଲ ଖାଶୋଗିଙ୍କ ହତ୍ୟା ମମଲାରେ ଏହାର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ (ଏମ୍‌ବିଏସ୍)ଙ୍କ ସମ୍ପୃକ୍ତିକୁ ସୂଚିତ କରିଥିଲା। ବାଇଡେନ୍ ସିଧାସଳଖ ଏମବିଏସ୍‌ଙ୍କୁ ଦୋଷାରୋପ କରି ନ ଥିଲେ ବି ରିପୋର୍ଟ ପ୍ରକାଶ କରିବା ନିଷ୍ପତ୍ତିକୁ ନେଇ ତାଙ୍କୁ ଆମେରିକାରେ ସମାଲୋଚନାର ଶିକାର ହେବାକୁ ପଡ଼ିଲା। ସାଉଦି ଆରବକୁ ନିକୃଷ୍ଟ ଓ ସାମାଜିକ ମୂଲ୍ୟବୋଧକୁ ସୁରକ୍ଷା ଦେଇପାରୁନଥିବା ଦେଶ ଭାବେ ବର୍ଣ୍ଣନା କରିଥିଲେ ଓ ଏହାକୁ ସାଉଦି ଲୋକମାନେ ଗ୍ରହଣ କରି ନ ଥିଲେ। ସାଉଦି ଆରବର ମାନବ ଅଧିକାର ରେକର୍ଡକୁ ସମାଲୋଚନା କରି ଆମେରିକା ଏମ୍‌ବିଏସଙ୍କ ସଫଳତା ଉପରେ ପ୍ରଶ୍ନ ଉଠାଇ ତା' ସାର୍ବଭୌମତ୍ୱକୁ ଉପେକ୍ଷା କରିବା ସ୍ପଷ୍ଟ ହୋଇଥିଲା। କିନ୍ତୁ ସାଉଦି ଆରବ ତୈଳ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆମେରିକାର ଅନୁରୋଧ ଗ୍ରହଣ କରିବା ଲାଗି ନାରାଜ ହେବା କେବଳ ବାଇଡେନ୍‌ଙ୍କ ବିରୋଧୀ ଭାବକୁ ପ୍ରକାଶ କରୁନାହିଁ, ବରଂ ବାଇଡେନ ରାଷ୍ଟ୍ରପତି ହେବାର ବହୁ ପୂର୍ବରୁ ଦୁଇ ଦେଶର ସମ୍ପର୍କ ବିଗିଡ଼ିବାରେ ଲାଗିଛି। ବିଶେଷକରି ୧୧ ସେପ୍ଟେମ୍ବର ୨୦୦୧ ଉଗ୍ରବାଦୀ ଆକ୍ରମଣ ଏବଂ ଆମେରିକାର ଇରାକ ଉପରେ ବିଧ୍ୱଂସକାରୀ ଦମନ ପରେ ସମ୍ପର୍କ ଖରାପ ହେବା ଆରମ୍ଭ ହୋଇଥିଲା। ସାଉଦି ଆରବ ଏଭଳି ଆକ୍ରମଣକୁ ବିରୋଧ କରୁଥିବା ଯୋଗୁ ସମ୍ପର୍କ ବିଗିଡ଼ିଯାଇଥିଲା। ବାରାକ୍ ଓବାମା ରାଷ୍ଟ୍ରପତି ଥିବା ସମୟରେ ମଧ୍ୟ ସମ୍ପର୍କ ଖରାପ ହୋଇଥିଲା। ଓବାମା ପ୍ରଶାସନର ଏସିଆ କେନ୍ଦ୍ରିକ ମନୋଭାବ ଯୋଗୁ ଆମେରିକାର ମଧ୍ୟ ପ୍ରାଚ୍ୟ ମେଣ୍ଟ ରାଷ୍ଟ୍ରଗୁଡ଼ିକ ପ୍ରତି ଅଣଦେଖା କରାଯାଉଥିବା ସେମାନେ ଅନୁଭବ କରିଥିଲେ। ୨୦୧୫ରେ ଇରାନ ସହ ଆମେରିକାର ଆଣବିକ ଚୁକ୍ତି ପରେ ଆମେରିକା ସେମାନଙ୍କର ଦୀର୍ଘମିଆଦୀ ମେଣ୍ଟକୁ ପ୍ରତ୍ୟାଖ୍ୟାନ କରୁଛି ବୋଲି ସାଉଦି ଅନୁଭବ କରିଥିଲା।

ଓବାମାଙ୍କ ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ସେ ଏମ୍‌ବିଏସ୍‌ଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବଜାୟ ରଖିଥିଲେ ବି ତାଙ୍କ ନେତୃତ୍ୱରେ ଦ୍ୱିପାକ୍ଷିକ ସମ୍ପର୍କ ଲଗାତର ନିମ୍ନଗାମୀ ହେବାରେ ଲାଗିଲା। ୨୦୧୯ରେ ଇରାନ ସାଉଦି ଆରବର ଅଏଲ ରିଫାଇନାରିଗୁଡ଼ିକ ଉପରେ ଆକ୍ରମଣ କରିବା ପରେ ଆମେରିକା ସଉଦିକୁ ସୁରକ୍ଷା ଦେଇପାରି ନ ଥିଲା। ଏହାଯୋଗୁ ସାଉଦିର ୫୦% ତୈଳ ଉତ୍ପାଦନ ସାମୟିକ ବନ୍ଦ ହୋଇଯାଇଥିଲେ ମଧ୍ୟ ଇରାନ ବିରୋଧରେ ଆମେରିକା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଅନ୍ୟପକ୍ଷରେ ସାଉଦି ସାମରିକ ଶକ୍ତିକୁ ନେଇ ଟ୍ରମ୍ପ ଲଗାତର ସମାଲୋଚନା କିଲେ। ଟ୍ରମ୍ପଙ୍କ ସମ୍ପୂର୍ଣ୍ଣ ଶାସନ କାଳରେ ସାଉଦି ଆରବ ଆମେରିକାଠାରୁ ଦୂରେଇ ଯାଇ ରୁଷିଆ ସହ ସମ୍ପର୍କ ମଜଭୁତ କରିଛି। ଏହି ଧାରା ୨୦୧୬ର ଶେଷ ଆଡକୁ ଅର୍ଥାତ୍ ଟ୍ରମ୍ପଙ୍କ ଦ୍ୱାରା ଓପିଇସି ଓ ରୁଷିଆ ସହ ତୈଳ ଉତ୍ପାଦନ କମ୍ କରିବା ଲାଗି ଏକ ଚୁକ୍ତି କରିବାର ଠିକ୍ ପୂର୍ବରୁ ଆରମ୍ଭ ହୋଇଥିଲା। ପରେ ଓପିଇସି ସହ ଅନ୍ୟ ପ୍ରମୁଖ ଅଣ ଓପିଇସି ଦେଶଗୁଡ଼ିକର(ଓପିଇସି ପ୍ଲସ୍) ଚୁକ୍ତିକୁ ଆଧାର କରି ସଉଦି ଏବଂ ରୁଷିଆ ତୈଳ ଉତ୍ପାଦନ କୋଟା ତିନି ବର୍ଷ ପାଇଁ ପାରସ୍ପରିକ ସହଯୋଗରେ ଚାଲୁ ରଖିଲେ। କିନ୍ତୁ ୨୦୨୦ରେ କୋଭିଡ୍-୧୯ ମହାମାରୀରେ ବିଶ୍ୱରେ ତୈଳ ଚାହିଦା ମାନ୍ଦା ହେବା ଯୋଗୁ ଓପିଇସି ପ୍ଲସ୍ ଉତ୍ପାଦନ କମ୍ କରିବା ପାଇଁ ଦାବି କଲେ ବି ରୁଷିଆ ମନା କରିଦେଲା। ଏଣୁ ସାଉଦି ଆରବ ଅଧିକ ଉତ୍ପାଦନ କରି ମାର୍କେଟକୁ ଛାଡ଼ିଲା ଏବଂ ଶେଷରେ ରୁଷିଆକୁ ଚୁକ୍ତିରୁ ପଛକୁ ହଟିବା ଲାଗି ବାଧ୍ୟ କଲା। ତୈଳ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାର ସହଯୋଗ ବାଦ୍ ସାଉଦି ଓ ରୁଷିଆ ମଧ୍ୟରେ ଏବେ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ସମ୍ପର୍କ ଅପରିହାର୍ଯ୍ୟ ହୋଇଯାଇଛି। ସାଉଦି ଆରବ ଦୃଷ୍ଟିକୋଣରୁ ରୁଷିଆର ଅସ୍ତ୍ରଶସ୍ତ୍ର ଯୋଗାଣରେ ଅଧିକ କ୍ଷମତା ରହିଛି। କେବଳ ଏତିକି ନୁହେଁ ଇରାନ ଉପରେ ଚାପ ପକାଇବାରେ ଏହା ଏକ ପ୍ରମୁଖ ରାଷ୍ଟ୍ର ବୋଲି ସାଉଦି ଅନୁଭବ କରୁଛି।

ଆମେରିକା ସହ ସମ୍ପର୍କ ନଷ୍ଟ ହେବା ଦ୍ୱାରା ସଉଦି ଯେଉଁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବ, ସେଥିରୁ ଉଦ୍ଧାର କରିବାରେ ରୁଷିଆ ଏକ ମାତ୍ର ରାଷ୍ଟ୍ର ନୁହେଁ। ଫ୍ରାନ୍ସ ଏବଂ ଇଂଲଣ୍ଡ ସହ ଏହାର ମଧ୍ୟ ଘନିଷ୍ଠ ସମ୍ପର୍କ ରହିଛି। ସାଉଦି ମଧ୍ୟ ତା' ଦେଶରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବା ଲାଗି ଚାଇନା ଓ ଅନ୍ୟ ଦେଶଗୁଡ଼ିକ ସହ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଉଦ୍ୟମ ଚଳାଇଛି। ଏହି ସମୟରେ ସାଉଦି ଆରବ ଏବଂ ୟୁଏଇକୁ ଆମେରିକା ମିଲିଟାରି ହାର୍ଡୱେର ବିକ୍ରି କରିବାରେ ବାଧା ସୃଷ୍ଟି କରିଛି। ୟେମେନରେ ଗୁଇନ୍ଦା ଓ ନୀତିଗତ ସମର୍ଥନ ଦେବା ଲାଗି ଆମେରିକା ମନା କରିଦେଇଥିବାବେଳେ ସାଉଦି ଏବଂ ଏହାର ମିତ୍ର ଦେଶଗୁଡ଼ିକ ୟେମେନକୁ ନିୟନ୍ତ୍ରଣକୁ ନେବାକୁ ଚାହୁଁଥିବା ଇରାନ ସମର୍ଥିତ ହାଉଥିଙ୍କୁ ପ୍ରତିରୋଧ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ୟେମେନକୁ ନିୟନ୍ତ୍ରଣକୁ ନେଲେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଏହାର କି ପ୍ରଭାବ ପଡ଼ିବ ତାହାକୁ ବାଇଡେନ ପ୍ରଶାସନ ବିଚାର କରୁନାହିଁ। ହାଉଥିର ରଣନୀତିକ ବିପଦକୁ ବି ଗମ୍ଭୀରତାର ସହ ନେଉନାହିଁ।

ସାଉଦି ଅଧିକ ତୈଳ ଉତ୍ପାଦନ କରୁଛି କେବଳ ନିଜ ଲାଭ ପାଇଁ। ରୁଷିଆକୁ ସମର୍ଥନ ନ କରି ଆମେରିକା ପଟକୁ ଚାଲିଯାଇ ସାଉଦି ନେତାମାନେ ବିପଦକୁ ଆମନ୍ତ୍ରଣ କରି ଆର୍ଥିକ ଭବିଷ୍ୟତକୁ ବିପଦକୁ ଠେଲି ଦେବାକୁ ଚାହୁଁ ନାହାନ୍ତି। ସଉଦି ନେତାମାନେ ୧୯୭୦ ଦଶକର ଶିକ୍ଷାକୁ ଭଲ ଭାବେ ଆତ୍ମସମୀକ୍ଷା କରିଛନ୍ତି, ଯେଉଁ ସମୟରେ ଅତ୍ୟଧିକ ତୈଳ ମୂଲ୍ୟ ଯୋଗୁ ଚାହିଦା କମିଯାଇଥିଲା। ଶେଷ କଥା ହେଉଛି, ସାଉଦି ନେତାମାନେ ତୈଳ ଇନ୍ଧନ ଶକ୍ତି ବଦଳରେ ଅକ୍ଷୟ ଶକ୍ତି ଗ୍ରହଣ କରିବାକୁ ଆମେରିକା ଏବଂ ଏହାର ମେଣ୍ଟ ଦେଶଗୁଡ଼ିକୁ ପ୍ରେରିତ କରିପାରନ୍ତି। ପ୍ରଶ୍ନ ହେଉଛି କେଉଁ ମୂଲ୍ୟରେ ସେମାନେ ଏଭଳି କରିବାକୁ ପ୍ରେରିତ ହେବେ।

**ପ୍ରାଧ୍ୟାପକ, ନିୟର୍ ଇଷ୍ଟର୍ନ ଷ୍ଟଡିଜ୍;**
**ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସରିଜିଓନାଲ ଷ୍ଟଡି ଅଫ୍ କଣ୍ଟେମ୍ପରାରି ମିଡିଲ ଇଷ୍ଟ**

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହଁ, ୨୨ ବର୍ଷ ହେଲା ଗୁଜରାଟର ଜଣେ ଶିକ୍ଷକ ଡ୍ୟୁଟି ଆରମ୍ଭ ହେବାର ୨-୩ ଘଣ୍ଟା ପୂର୍ବରୁ ସ୍କୁଲ ଆସୁଛନ୍ତି। କାହିଁକି ଜାଣନ୍ତି ? ଭରୁଚର ସରକାରୀ ଶିକ୍ଷକ କମଳେଶ କୋଶମିୟା ସ୍କୁଲରେ ଗଛ ଲଗାଇବା ଲାଗି ବେଳାବେଳି ଆସୁଛନ୍ତି। ପ୍ରତିଦିନ ଗଛ ଲଗାଇବା ଓ ତାହାର ଯତ୍ନ ନେବାରେ ସମୟ ଦେବା ଦ୍ୱାରା ଏବେ ସ୍କୁଲର ସବୁ ସ୍ଥାନ ସବୁଜ ହୋଇଯାଇଛି। ୧୯୮୪ରୁ କମଳେଶ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏହି କାର୍ଯ୍ୟ କରୁଛନ୍ତି। ଏଥିରେ ସ୍କୁଲ ପିଲାମାନେ ତାଙ୍କୁ ସହଯୋଗ କରୁଛନ୍ତି। ସେ ପିଲାମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ମଧ୍ୟ ଶିକ୍ଷା ଦେଉଛନ୍ତି। ପିଲାମାନେ ପରିବେଶକୁ ଭଲ ପାଇଲେ ପୃଥିବୀର ସୁରକ୍ଷା ଉପରେ ଧ୍ୟାନ ରଖିବେ ବୋଲି କହନ୍ତି କମଳେଶ। କେବଳ ସ୍କୁଲ ନୁହେଁ, ଅନ୍ୟ ସ୍ଥାନରେ ବି ସେ ୧ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି। ସ୍କୁଲ ଭିତରେ ସବୁଆଡ଼େ ଗଛ ହୋଇଯିବା ପରେ ଏବେ ସେ ପିଲାମାନଙ୍କୁ ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବା ଶିଖାଉଛନ୍ତି ଓ ଏହାର ନାମ ରଖିଛନ୍ତି 'ପରିବେଶ ପ୍ରୟୋଗଶାଳା'। ସେ ସ୍କୁଲ ଗାର୍ଡେନରେ ଅଦରକାରୀ ଜିନିଷ ଉପଯୋଗ କରି ଏକ ଲାଇବ୍ରେରି କରିଛନ୍ତି। ପକ୍ଷୀମାନେ ପାଣି ପିଇବା ପାଇଁ ଗାର୍ଡେନରେ ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୯୭

- ଅବସରପ୍ରାପ୍ତ ଆର୍ମି ଜେନେରାଲ ମୁଇନୁଦ୍ଦିନ୍ ହାଇଦର ସିନ୍ଧ୍ ପ୍ରଦେଶର ନୂଆ ରାଜ୍ୟପାଳ ନିଯୁକ୍ତ।
- ଦାଉଦ ଇବ୍ରାହିମ ଗ୍ୟାଙ୍ଗ୍‌ର ସଭ୍ୟମାନଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପାର୍ଲାମେଣ୍ଟ ସଦସ୍ୟ କଳ୍ପନାଥ ରାୟଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ।
- ପୁରୁଖା ଚଳଚ୍ଚିତ୍ର ଅଭିନେତା ବିମାନ ବାନାର୍ଜୀଙ୍କ ୮୧ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 5 | | 7 | | | | |
| | | | | 3 | | | | 6 |
| | | | | | | 7 | | |
| | | | | | 1 | | | |
| 4 | 9 | 1 | 5 | | 2 | | | |
| | | 7 | | 6 | 3 | | | 9 |
| 8 | | | | | | | | |
| | | 9 | | 2 | 6 | | 5 | 4 |
| | | 4 | | 5 | | 8 | | 3 |

ଏହାର ଉତ୍ତର ଆଗାମୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 2 | 6 | 3 | 5 | 1 | 4 |
| 2 | 5 | 6 | 1 | 9 | 4 | 3 | 7 | 8 |
| 3 | 1 | 4 | 8 | 7 | 5 | 9 | 6 | 2 |
| 8 | 2 | 9 | 5 | 1 | 6 | 7 | 4 | 3 |
| 7 | 6 | 3 | 9 | 4 | 8 | 2 | 5 | 1 |
| 5 | 4 | 1 | 3 | 2 | 7 | 6 | 8 | 9 |
| 4 | 3 | 2 | 7 | 5 | 1 | 8 | 9 | 6 |
| 6 | 9 | 5 | 4 | 8 | 2 | 1 | 3 | 7 |
| 1 | 8 | 7 | 6 | 3 | 9 | 4 | 2 | 5 |

ଗତକାଲିର ଉତ୍ତର

# ସ୍ୱର୍ଗକୁ ନିଶୁଣି ନାହିଁ



ନିରଞ୍ଜନ ସାହୁ

'ସ୍ୱର୍ଗକୁ ନିଶୁଣି ନାହିଁ'। ଏଇ କଥାପଦକ ଆପଣ କେବେ ନା କେବେ ଶୁଣିଥିବେ। ହୁଏତ ତତ୍‌କ୍ଷଣାତ୍ ଧାରଣା ହୋଇଥିବ ଏହା ଯେପରି ଏକ ଅବିସମ୍ବାଦିତ ସତ୍ୟ - ଏହାର ପୁନର୍ଲେଖ ନିରର୍ଥକ ଅବା - ସ୍ୱର୍ଗ ଏକ କାଳ୍ପନିକ ସ୍ଥାନ ହୋଇଥିବାରୁ ସେଠାକୁ ଏକ ଭୌତିକ ବସ୍ତୁ ସହିତ ସଂଯୁକ୍ତ କରିବା ନିହାତି ଅସମ୍ଭବ ବ୍ୟାପାର।

ଏପରି ଅନେକ ଜିନିଷ ଆଜି ଅଛି ଯାହା କେବେ ନା କେବେ ଦିନେ କେବଳ କଳ୍ପନାର ବସ୍ତୁ ଥିଲା। ଅର୍ଥାତ୍ କଳ୍ପନା କେବେ ଏକ ନିରନ୍ତର ଋତୁ ନୁହେଁ। ଯେମିତି ଜହ୍ନ ସହିତ ଜଡ଼ିତ କାହାଣୀଗୁଡ଼ିକର ଶେଷ ଅଧ୍ୟାୟ ଲେଖା ସରିଛି, ଠିକ୍ ସେଇମିତି ଠାକୁରାଣୀଙ୍କ ସହିତ ଆଗରୁ କୁହାଯାଉଥିବା କିଛି ରୋଗର ଆକ୍ରୋଶ। ତେଣୁ କ'ଣ ସ୍ୱର୍ଗକୁ ନିଶୁଣି କେବେ ତିଆରି ହୋଇ ପାରିବ! ନିଶୁଣି କହିଲେ ଆମେ ଶିଡ଼ି ବୁଝିଥାଉ। ଯାହା ପୁରୁଣା କାଳରେ ବାଉଁଶ ଦ୍ୱାରା ତିଆରି ହେଉଥିଲା ଏବଂ ଦୁଇ ହାତରେ ତାକୁ ଧରି ଗୋଟିଏ ପରେ ଗୋଟିଏ ପାହାଚ ସଦୃଶ ବାଡ଼ି ଅତିକ୍ରମ କରି ଉଚ୍ଚସ୍ଥାନରେ ପହଞ୍ଚିବା ପାଇଁ ଉପଯୋଗ କରାଯାଉଥିଲା। ବହୁତଳ ବ୍ୟବସ୍ଥା ହେଲାପରେ ଆମେ ଆଜିକାଲି ଯେଉଁ ଲିଫ୍ଟ ବ୍ୟବହାର କରୁଛନ୍ତି ତାହାହିଁ ଆଧୁନିକ ଯୁଗର ବୈଦ୍ୟୁତିକ ନିଶୁଣି। ଅନୁମାନ କରିପାରନ୍ତି ଯଦି ଆପଣ କେବେ ଲିଫ୍ଟ ଦ୍ୱାରା ବୁର୍ଜ ଖଲିଫା ପରି ଶହେ ଅଢ଼ଷଠି ମହଲା କୋଠାର ଶୀର୍ଷକୁ ଯାଉଛନ୍ତି ତା'ହେଲେ ମୁହୂର୍ତ୍ତେ ଅନୁଭବ ହୋଇପାରେ ଆପଣ ସ୍ୱର୍ଗକୁ ନିଶୁଣିରେ ଚଢ଼ୁଛନ୍ତି ଯେମିତି କ୍ଷିପ୍ର ଗତିରେ!

ପୌରାଣିକ ତଥ୍ୟ ଅନୁସାରେ ରାବଣ ମୃତ୍ୟୁ ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ କଥା ଶ୍ରୀରାମଚନ୍ଦ୍ରଙ୍କୁ କହିବାକୁ ଚାହିଁଥିଲେ। ସେଥିରେ ଗୋଟିଏ ପ୍ରମୁଖ କଥା ଥିଲା ସ୍ୱର୍ଗକୁ ନିଶୁଣି ବାନ୍ଧିବା ସମ୍ପର୍କରେ। ରାବଣ କୁଆଡ଼େ କହିଥିଲେ - ତାଙ୍କ ଜୀବଦ୍ଦଶାରେ ସେ ଅନୁଭବ କରିଥିଲେ ସ୍ୱର୍ଗକୁ ନିଶୁଣି ତିଆରି କରିବା କାମଟି ସେ ହାତକୁ ନେବେ। ତାଙ୍କୁ ପୁଣି କେବେ ଅବବୋଧ ହୋଇଥିଲା, ତାଙ୍କର ଶକ୍ତି ସାମର୍ଥ୍ୟ ପରାକ୍ରମ ଅନୁସାରେ ଏହା ଗୋଟିଏ ମାମୁଲି କାମ। ତେଣୁ ତାକୁ ସେ ବାରମ୍ବାର ତାଙ୍କର କାର୍ଯ୍ୟକ୍ରମର ପ୍ରାଥମିକତାରୁ ହଟାଇ ଦେଉଥିଲେ। 'ହଁ ଏଇ କାମଟିକୁ କେବେ କରିଦେବା। ଯେବେ ଚାହିଁବା ତାହା ହୋଇଯିବ' - ଏହିପରି ଏକ ଭାବନା ତାଙ୍କ ଭିତରେ ସୃଷ୍ଟି ହେଉଥିଲା ଏବଂ ଏହାର ଫଳ ହେଲା ଏଇଆ ଯେ ସେ ଅନେକ ବର୍ଷ ବଞ୍ଚିଲେ ମଧ୍ୟ ଜୀବଦ୍ଦଶା ମଧ୍ୟରେ ସେହି କାମଟିକୁ କାର୍ଯ୍ୟକାରୀ କରିପାରି ନ ଥିଲେ।

ଆମ୍ଭେମାନେ ଅନେକ ସମୟରେ ଏହିଭଳି ଭାବନା ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଯେତେବେଳେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରେ ନାହିଁ ଏବଂ କେବଳ ସେହି କାମଗୁଡ଼ିକ ଆମେ କରନ୍ତି ଯାହାକୁ ଆମେ ପ୍ରାଥମିକତା ଦିଅନ୍ତି କେବଳ। କୌଣସି ଜିନିଷ ମନେ ମନେ ଚିନ୍ତା କଲେ ଆପେ ଆପେ ହୋଇଯାଏ ନାହିଁ। ପଶୁରାଜ ସିଂହ ଯଦି କେବଳ ମନେମନେ ଚିନ୍ତା କରନ୍ତା ଯେ ତା'ର ଶକ୍ତି ଅଧିକ ଆଉ ସିଏ ଯେତେବେଳେ ଚାହିଁବ ସେତେବେଳେ ତାକୁ ମୃଗପରି କୋମଳ ଆହାର ମିଳିଯିବ। ବାସ୍ତବରେ ସେପରି କିଛି ହୁଏ ନାହିଁ। ସେଥିପାଇଁ ତାକୁ କଠିନ ପରିଶ୍ରମ କରିବାକୁ ପଡ଼େ। ଏପରିକି ବୈଜ୍ଞାନିକ ଅନୁଧ୍ୟାନରୁ ଜଣାଯାଇଛି ସିଂହ ଯେତେଥର ମୃଗକୁ ଅନୁଧାବନ କରେ ସେଥିରୁ ଶତକଡ଼ା ଅଶୀ ଭାଗ ସେ ସଫଳ ହୁଏ ନାହିଁ, ଏହାର କାରଣ ସିଂହ ଖାଦ୍ୟ ପାଇଁ ଦୌଡ଼େ; ମାତ୍ର ମୃଗ ଦୌଡ଼େ ଜୀବନ ବଞ୍ଚାଇବା ପାଇଁ ତେଣୁ ସେ ସମସ୍ତ ସାମର୍ଥ୍ୟ ଖର୍ଚ୍ଚ କରେ ନିଜକୁ ମୃତ୍ୟୁର ଫାଶରୁ ମୁକୁଳେଇବା ପାଇଁ।

ରାବଣ ସେ ସମୟରେ ସବୁଠାରୁ ବଳଶାଳୀ ବୁଦ୍ଧିମାନ ରାଜା ହୋଇଥିବେ ନିଶ୍ଚୟ। ତେଣୁ ତାଙ୍କର ରାଜଧାନୀ ଥିଲା ସୁବର୍ଣ୍ଣ ନିର୍ମିତ ଯାହା ବୁଝାଇ ଦେଉଥିଲା ତାଙ୍କର ଦେଶ କେତେ ଧନଶାଳୀ। ତାଙ୍କର ତ ବ୍ୟକ୍ତିଗତ ପୁଷ୍ପକ ବିମାନ ଥିଲା ଆଜିକାଲିର ଧନାଢ଼୍ୟ ବର୍ଗଙ୍କ ପ୍ରାଇଭେଟ୍ ଜେଟ୍ ଭଳି। ତେଣୁ ସେ ବି ଛୋଟମୋଟ କଥାକୁ କ'ଣ ତାଙ୍କ ଆଖି ଆଗରେ ଲକ୍ଷ୍ୟ ରଖିଥାନ୍ତେ। ସେହି ଲକ୍ଷ୍ୟ ହୁଏତ ଏକ ବୃହତ୍ତର ଲକ୍ଷ୍ୟ ନିଶ୍ଚିତ, ତାଙ୍କର ଧାରଣା ହୋଇଥିବ ପୃଥିବୀରେ ଯେହେତୁ ମୃତ୍ୟୁର ଲୀଳାଖେଳା, ଯଦି ସ୍ୱର୍ଗକୁ ପୃଥିବୀ ସହିତ ସଂଯୁକ୍ତ କରାଯାଇପାରିବ କେତେ ଚମତ୍କାର ନ ହେବ ସତରେ! ସ୍ୱର୍ଗ କହିଲେ କାଳ୍ପନିକ ଭାବରେ ଏପରି ଏକ ରାଜ୍ୟ ଯେଉଁଠି ଖାଲି ସୁଖ ହିଁ ସୁଖ। ଏପରି ଏକ ସମ୍ଭାବନାର ରାଜ୍ୟକୁ କିଏ ବା ଯିବାକୁ ଚାହିଁବ ନାହିଁ? ତେଣୁ ରାବଣ ପରି ସେ ଯୁଗର ବୁଦ୍ଧିମାନ, ଶକ୍ତିମାନ ଶାସକ ସେହିଭଳି ବିଶାଳ ଲକ୍ଷ୍ୟଟିଏ ପୋଷଣ କରିବା କିଛି ନିରୁତ୍ସାହଜନକ ନୁହେଁ, ସେ ନିଜେ ମୃତ୍ୟୁର କିଛିକ୍ଷଣ ପୂର୍ବରୁ ଯେତେବେଳେ ତାଙ୍କର ଲକ୍ଷ୍ୟ ହାସଲ କରି ନ ପାରିବାର କାରଣ କହିଲେ, ତାହା ଖାଲି ତତ୍କାଳୀନ ଶ୍ରୋତାଙ୍କୁ ମୁଗ୍ଧ କରି ନ ଥିଲା, ଯୁଗକୁ ଯୁଗ ଶ୍ରୋତାମାନଙ୍କୁ ପ୍ରେରଣା ଦେଇ ଆସିଛି। ରାବଣ କହିଥିଲେ କୁଆଡ଼େ ମୋ ଭିତରେ ଟିକିଏ ଅଳସୁଆ ପଣ ରହିଯାଇଥିଲା ବୋଧହୁଏ। ଯେଉଁ କାମଟି କରିବାକୁ ମୋର ଆଗ୍ରହର ଅଭାବ ଲକ୍ଷ୍ୟ କରିଥିଲି। ଏଇ ଅଳସୁଆପଣ ଜୀବନର ସବୁଠାରୁ ବଡ଼ ଅନ୍ତରାୟ ଆମେ ଆମର ଲକ୍ଷ୍ୟସ୍ଥଳରେ ନ ପହଞ୍ଚି ପାରିବାର।

ହେଳାଦ୍ୱାରା କାର୍ଯ୍ୟ ସିଦ୍ଧି ବ୍ୟାହତ ହୁଏ, ନିର୍ଦ୍ଧନ ହେଲେ ବୁଦ୍ଧିର ଅପଚୟ ଘଟେ, ମାଗିବା ଦ୍ୱାରା ଆତ୍ମସମ୍ମାନ ବିପନ୍ନ ହୁଏ ଏବଂ କୁଭୋଜନ ଦ୍ୱାରା କୁଳ ନାଶ ହୁଏ। ଏମନ୍ତ କଥା କହିଥିଲେ ଚାଣକ୍ୟ ପଣ୍ଡିତେ। ଆମ୍ଭେମାନେ ଆଜିବି ଏଇକଥା ଦେଖୁନାହାନ୍ତି କି? ଆପଣ ସକାଳେ ଉଠି ଦେଖିବେ ଟୁଥ୍‌ପେଷ୍ଟ ସରିଯାଇଛି। ବହୁତ ଚିପାଚିପି କରି ସେଇଠୁ ଟିକିଏ ନେଇ ଦାନ୍ତଘଷା କାମ ସାରିଦେବେ। ଆଜି ଅଫିସ୍‌ରୁ ଫେରିଲା ବେଳେ ଏଇଟା ନେଇଆସିବି ବୋଲି ଭାବିଥିବେ; ମାତ୍ର ଅଫିସରୁ ଫେରିବା ବେଳେ ସେଇଟିକୁ ବିଶୁଦ୍ଧ ଭାବେ ଭୁଲିଯାଇଥିବେ ଆଉ ଆରଦିନ ସକାଳକୁ ଦେଖିବେ ଯେ ଗତକାଲି ଯେଉଁ ଛୋଟିଆ କାମଟିଏ କରିବେ ବୋଲି ଭାବିଥିଲେ ତାହା ଭୁଲିଯାଇଥିବାରୁ ଆଜିର ଦାନ୍ତଘଷା ପାଇଁ କେଡ଼େ ହୀନସ୍ତା ହେଉଛନ୍ତି। ଶେଷକୁ ପେଷ୍ଟକୁ କାଟି ସେଇଠୁ ଟିକିଏ ମନ ବୁଝିଲା ଭଳି ବାହାର କରି କାମ ଶେଷ କରିବେ, ଏଇ ଘଟଣାଟିର ମୂଳକଥା ସେଇ ଅବହେଳା ନୁହେଁ କି।

ବହୁକଥା କରିବା ପାଇଁ ଆମେ ସ୍ୱପ୍ନ ଦେଖନ୍ତି; ମାତ୍ର ଅବହେଳାକ୍ରମେ ସେଥିରେ ନିଜକୁ ଦୃଢ଼ ଭାବରେ ପ୍ରେରିତ କରି ନ ପାରିବାରୁ ସେଇ କାମଟି ହାସଲ କରିପାରନ୍ତି ନାହିଁ। ଏ ସମ୍ପର୍କରେ ଆମର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ୍ କଲାମ ଗୋଟିଏ କଥା କହିଥିଲେ ଯାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହିଥିଲେ - ସେଇଟି ସ୍ୱପ୍ନ ନୁହେଁ ଯାହା ଆମେ ଶୋଇଥିବା ବେଳେ ରାତିରେ ଦେଖୁଁ ବରଂ ସ୍ୱପ୍ନ ହେଉଛି ସେଇଟା ଯାହାକି ଆମକୁ ଏପରି ଆନ୍ଦୋଳିତ କରେ ଯେ ରାତିରେ ଶୁଏଇ ଦିଏନି, ସେଇ କାମ ହାସଲ ନ ହେବା ପର୍ଯ୍ୟନ୍ତ।

ଅନେକ ଦିନ ପୂର୍ବରୁ ଯାହା ଅସମ୍ଭବ ଲାଗୁଥିଲା ତାହା ଆଜି ଆମ ହାତପାହାନ୍ତାରେ। ଏହା ପଛରେ କେବଳ ଗୋଟାଏ ସ୍ୱପ୍ନ ବା ଭାବନା ନ ଥିଲା ସେଥିରେ ତାକୁ ହାସଲ କରିବାର ପ୍ରବଳ ଚେଷ୍ଟା ଓ ଯୋଜନାବଦ୍ଧ କାର୍ଯ୍ୟକ୍ରମ। ହୁଏତ ସେଦିନ ଆଉ ଡେରି ନାହିଁ ଯେତେବେଳେ ସ୍ୱର୍ଗକୁ ନିଶୁଣି ଗଢ଼ାହେବ। ଆଜି ଯେତେବେଳେ ବୈଜ୍ଞାନିକମାନେ ମୃତ୍ୟୁକୁ ଜୟ କରିବା ପାଇଁ ବିଜ୍ଞାନାଗାରରେ ପ୍ରଚେଷ୍ଟା ଜାରି ରଖୁଛନ୍ତି ତାହା କ'ଣ ସ୍ୱର୍ଗକୁ ନିଶୁଣି ଗଢ଼ିବା ନୁହେଁକି ?

ଏତେ କଥା ଆଲୋଚନା କଲା ପରେ ମୋର ହେତୁ ହେଉଛି ଯେ 'ସ୍ୱର୍ଗକୁ ନିଶୁଣି ନାହିଁ' ପରେ 'ବଡ଼ ଲୋକକୁ ଉତ୍ତର ନାହିଁ' ଲେଖିଦେଲେ କଥାଟା ସମ୍ପୂର୍ଣ୍ଣ ହୁଏ; ମାତ୍ର କଥାର ପୃଷ୍ଠଭୂମି ବଦଳିଯାଏ ସମ୍ପୂର୍ଣ୍ଣ। ଅବଶ୍ୟ ସେ ବିଷୟରେ ଆଲୋଚନା ବାରାନ୍ତରେ, ଅନ୍ୟତ୍ର।

**ମୋ:୯୪୩୮୪୮୨୯୧୧**

# ରଙ୍ଗଖେଳ କାଳ ନ ହେଉ



ଅଲେଖ ଚନ୍ଦ୍ର ମିଶ୍ର

ହୋଲି କହିଲେ ଆଗେ ଯାହା ବୁଝାଯାଉଥିଲା ଏବେ ତାହା ଆଉ ନାହିଁ। ହୋଲିକା ଦହନ, ରାଧାକୃଷ୍ଣଙ୍କର ଅବିର ଖେଳ, ମେଳଣ, ଝୁଲଣ, ବିମାନରେ ବୁଲି ବିଭିନ୍ନ ସ୍ଥାନରେ ଚାଚେରୀ ଭୋଗ ଗ୍ରହଣ, ଗୋପାଳଙ୍କର ଲଉଡ଼ି ଖେଳ ଓ ଓଗାଳ ଇତ୍ୟାଦି ଯୁଗଯୁଗରୁ ପ୍ରଚଳିତ ପରମ୍ପରା ଏବେ ବିଲୋପର ଦ୍ୱାରଦେଶରେ। ଅଧୁନା ହୋଲି କହିଲେ ମୁଖ୍ୟତଃ ରଙ୍ଗଖେଳକୁ ହିଁ ବୁଝାଉଛି। ଏହାକୁ ଯଥାର୍ଥ ବୈଜ୍ଞାନିକ ସମର୍ଥନ ବି ମିଳୁଛି। ତେଣୁ ଏହା ଏକ ଭାରତୀୟ ହିନ୍ଦୁପର୍ବ ନ ରହି ସାରା ପୃଥିବୀରେ ବ୍ୟାପିଗଲାଣି। ନେପାଳ, ବାଂଲାଦେଶ, ପାକିସ୍ତାନ, ସୁରିନାମ, ଗୁୟାନା, ତ୍ରିନିଦାଦ ଓ ଟବାଗୋ, ଦକ୍ଷିଣ ଆଫ୍ରିକା, ମାଲେସିଆ, ବ୍ରିଟେନ, ଆମେରିକା, କାନାଡା, ଅଷ୍ଟ୍ରେଲିଆ, ମରିସସ, ଫିଜି ଆଦି ଦେଶ ବିଦେଶରେ ରଙ୍ଗର ଖେଳ ଭାବରେ ଏହା ଖୁବ୍ ଉତ୍ସାହ ଓ ଉଦ୍ଦୀପନା ସହିତ ପାଳିତ ହେଉଛି। ସେମାନେ ତ ହୋଲି ଶବ୍ଦର ନୂତନ ବ୍ୟାଖ୍ୟା ବି କରିଦେଲେଣି। ଇଂରାଜୀ ଅକ୍ଷର ଅନୁସାରେ ଏହାକୁ HOLI (High On Love Initially) ଭାବରେ ନୂତନ ପରିଚିତି ଦେଇଛନ୍ତି। ଶୀତର ପ୍ରକୋପରୁ ମୁକ୍ତି ଓ ବସନ୍ତର ଉଷ୍ଣତାକୁ ସ୍ୱାଗତର ସନ୍ଧିକ୍ଷଣରେ ପଡୁଥିବା ଏହି ପର୍ବଟି ମନ୍ଦ ଉପରେ ଭଲର ବିଜୟ ଭାବରେ ସର୍ବତ୍ର ଆଦୃତି ଲାଭ କରୁଛି।

ବୈଜ୍ଞାନିକମାନଙ୍କ ମତରେ ଶୀତ ଋତୁରେ ପ୍ରବଳ ଥଣ୍ଡା ହେତୁ ବହୁଲୋକ ଠିକ୍ ଭାବରେ ଗାଧାନ୍ତି ନାହିଁ, ଯାହାଫଳରେ ସେମାନଙ୍କ ଦେହ ଉପରେ ଧୂଳି, ମଳି, ଝାଳ ଜମି ନାନାପ୍ରକାର ଚର୍ମ ରୋଗ ସୃଷ୍ଟିକରେ। ରଙ୍ଗ ଖେଳ ପରେ ସମ୍ପୂର୍ଣ୍ଣ ସ୍ନାନ ମାଧ୍ୟମରେ ଦେହକୁ ଘସିମାଜି ସଫା କରାଯାଏ। କେତେକ ସ୍ଥାନରେ ହୋଲିକା ଦହନ କାର୍ଯ୍ୟକ୍ରମ ପରେ ନିଆଁ ଜଳୁଥିବା ଧୂନିକୁ ପରିକ୍ରମା କରାଯାଏ, ଯାହାର ଉତ୍ତାପ ଶରୀର ଉପରେ ଥିବା ଜୀବାଣୁକୁ ନଷ୍ଟ କରିଦିଏ। ଏହାଛଡ଼ା ଋତୁ ପରିବର୍ତ୍ତନଜନିତ ସାଧାରଣ ଅସୁସ୍ଥତା ହୋଲିର ନାଚଗୀତ ଓ ଶାରୀରିକ ସଞ୍ଚାଳନ ଯୋଗୁ ଦୂର ହୋଇଯାଏ। ଆଗେ ହୋଲି ପାଇଁ ପ୍ରସ୍ତୁତ ହେଉଥିବା ରଙ୍ଗର ଉତ୍ସ ଥିଲା ବିଭିନ୍ନ ପ୍ରକାର ଉଦ୍ଭିଦଜାତ ଦ୍ରବ୍ୟ ଯଥା:- ହଳଦୀ, ନିମ, ବେଲ, ତୁଳସୀ, ପଳାଶ ଇତ୍ୟାଦି ଯାହା ମଣିଷ ଶରୀରର ସୁସ୍ଥତା ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହେଉଥିଲା। ଉଦାହରଣ ସ୍ୱରୂପ ସାଧାରଣତଃ ବ୍ୟବହୃତ ହେଉଥିବା କେତୋଟି ରଙ୍ଗ ଏବଂ ତା'ର ଉପାଦାନ ବିଷୟରେ ସୂଚନା ଦିଆଯାଇପାରେ। ସବୁଜ:ମେହେନ୍ଦିର ପାଉଡର, କୃଷ୍ଣଚୂଡ଼ା କିମ୍ବା ନାଗାର୍ଜୁନ ଗଛର ଶୁଖିଲାପତ୍ରର ଗୁଣ୍ଡ, ପୋଇପତ୍ର ଇତ୍ୟାଦି। ହଳଦିଆ:ଶୁଖିଲା ହଳଦୀଗୁଣ୍ଡ, କଞ୍ଚା ହଳଦୀ ରସ, ବେଲ, ଅମଳତା (ସୁନାରି ବା ରାଜ ବୃକ୍ଷ), ବେସନ, ଗେଣ୍ଡୁ, ସିଂହପର୍ଣ୍ଣି, ସୂର୍ଯ୍ୟମୁଖୀ, ସ୍ଥଳପଦ୍ମ, ପଳାଶ ଇତ୍ୟାଦି। କମଳା (ଗେରୁଆ):- ଦାରୁ ହଳଦୀ, ଚୂନ ଓ ହଳଦୀର ମିଶ୍ରଣ, ବତୁରା ମେହେନ୍ଦି। ଲାଲ: ଗୋଲାପ, ଶୁଖିଲା ମନ୍ଦାର ଫୁଲ, ମଞ୍ଜୁଆତି, ଆତ (ରାମଫଳ) ଗଛର ଛେଲି, ରକ୍ତଚନ୍ଦନ, ଡାଳିମ୍ବ ଚୋପା କିମ୍ବା ଦାନା, ଲାଲ ମୂଳା ଇତ୍ୟାଦି। ବାଇଗଣୀ: ବିଭିନ୍ନ ପ୍ରକାର ଦେଶୀୟ କୋଳି ଯଥା ଧଳାଙ୍ଗ, ନୀଳବଦରୀ, କେନ୍ଦୁ, ବରକୋଳି, ବିଟ,ପୋଇଗୁଳି (ମଞ୍ଜି), ଲାଉ ପତ୍ର। ନୀଳ: ଇଣ୍ଡିଗୋ, ଅଙ୍ଗୁର, ନୀଳ ମନ୍ଦାର, ଜକରନ୍ଦା ଫୁଲର ଗୁଣ୍ଡ ବା ପେଷ୍ଟ। ଧୂସର: ପଣସ, କୈଟିସୁରସ, ଖଇର, ଲାଲ ମ୍ୟାପ୍ଲ ଗଛ, କଫି କିମ୍ବା ଚା' ପତ୍ର। କଳା:- କଳା ଅଙ୍ଗୁର, ଜାମୁକୋଳି, ନରକୋଳି, ପାଚିଲା କରମଙ୍ଗା, ଅଁଳା ଇତ୍ୟାଦି।

କିନ୍ତୁ ଉଦ୍‌ବେଗର କଥା ଯେ ଆଜିକାଲି ଆଉ ଏଭଳି ଜଡିବୁଟି, ଚେରମୂଳି ବା ବୃକ୍ଷଲତାରୁ ଉପଲବ୍ଧ ଉପାଦାନକୁ ବ୍ୟବହାର ନ କରି ବଜାରରେ କମ୍ ଦାମରେ ମିଳୁଥିବା ରାସାୟନିକ (ସିନ୍ଥେଟିକ) ରଙ୍ଗ ହିଁ ପସନ୍ଦ କରାଯାଉଛି। ସେ ସବୁକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ କେତେ ଯେ ବିଷାକ୍ତ ଦ୍ରବ୍ୟ ମିଶ୍ରଣ କରାଯାଇପାରେ ତାହା କେହି ଚିନ୍ତା କରନ୍ତି ନାହିଁ। ଏହାର କେତେକ ଦୃଷ୍ଟାନ୍ତ ହେଲା ଲିଡ୍ ଅକ୍ସାଇଡ, ଡିଜେଲ, କ୍ରୋମିଅମ, ଆୟୋଡିନ, କପର୍ ସଲ୍‌ଫେଟ ଇତ୍ୟାଦି ଯାହା ଚର୍ମ ରୋଗ, ଆଲର୍ଜି, ଚକ୍ଷୁପୀଡ଼ା ଇତ୍ୟାଦି ରୋଗ ଜାତ କରୁଛି। ସବୁଜ ରଙ୍ଗରେ କପର୍ ସଲ୍‌ଫେଟ ମିଶିଲେ ସାମୟିକ ଦୃଷ୍ଟିହୀନତା ସୃଷ୍ଟି ହୁଏ। ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ ମିଶାଇଲେ ତାହା ପାରାଲିସିସ, ଚର୍ମକର୍କଟ ରୋଗଜାତ କରାଏ। ଗୋଲାପି ରଙ୍ଗରେ କ୍ରୋମିୟମ ଆୟୋଡାଇଡ ମିଶି ଶ୍ୱାସରୋଗର କାରଣ ହୁଏ। ନୀଳରଙ୍ଗରେ ପ୍ରୁସିଆନ ବ୍ଲୁ ମିଶିପାରେ, ଯାହା ସଂକ୍ରାମକ ଚର୍ମ ରୋଗର ବାହକ ହୁଏ। ରୌପ୍ୟ ରଙ୍ଗରେ ଲିଡ୍ ଅକ୍ସାଇଡ ମିଶେଇଲେ କିଡ୍‌ନୀଜନିତ ରୋଗକୁ ଆହ୍ୱାନ କରାଯାଏ। ଏସବୁ ସତ୍ତ୍ୱେ ପରିସ୍ଥିତି ଏମିତି ହେଲାଣି ଯେ ଏଭଳି କୃତ୍ରିମ ରଙ୍ଗକୁ ଏଡ଼ାଇବା ସହଜ ନୁହେଁ। ରଙ୍ଗର ଖେଳ କାଳ ନ ହେଉ। ଅତଏବ ସେଥିପ୍ରତି ପ୍ରତିଶେଧମୂଳକ ବ୍ୟବସ୍ଥା ଗ୍ରହଣ କରିବା ବ୍ୟତୀତ ଏବେ ଅନ୍ୟ ଉପାୟ ନାହିଁ।

**ମୋ: ୯୪୩୮୬୭୩୮୯୮**

## ପାଠକ ଶ୍ରେଷ୍ଠ ବିଚାରକ

### ହିତାଧିକାରୀ ସୁବିଧାରୁ ବଞ୍ଚିତ

ମହାଶୟ,

ପୂର୍ବେ ଲୋକେ ଅଭାବ ଅନଟନର ସମ୍ମୁଖୀନ ହୋଇ ଉପବାସରେ ଦିନ କାଟୁଥିଲେ ସିନା କାହାର ଅଯାଚିତ ଦ୍ରବ୍ୟ ଗ୍ରହଣ କରିବାକୁ ପସନ୍ଦ କରୁ ନ ଥିଲେ। ବନ୍ୟା, ବାତ୍ୟା ଓ ମରୁଡ଼ିର ସମ୍ମୁଖୀନ ହୋଇ ଅତି କଷ୍ଟରେ ଦୟନୀୟ ଅବସ୍ଥାରେ ଦିନ କାଟୁଥିଲେ। ହେଲେ ରିଲିଫ ଦ୍ରବ୍ୟକୁ ଗ୍ରହଣ କରିବାକୁ ରାଜି ହେଉ ନ ଥିଲେ। ବର୍ତ୍ତମାନ ଲୋକମାନଙ୍କର ଚରିତ୍ର ଓ ଆଚାର ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ସଚଳ ଲୋକେ ଦୀନ, ଦରିଦ୍ର ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଓ ସହାୟତାକୁ ହାତେଇବା ପାଇଁ ତତ୍ପରତା ଦେଖାଉଛନ୍ତି। କଳେବଳେ କୌଶଳେ ଗରିବ ସାର୍ଟିଫିକେଟ ହାସଲ ପୂର୍ବକ ଗରିବ ଲୋକମାନଙ୍କ ଦ୍ରବ୍ୟକୁ ହଡ଼ପ କରୁଛନ୍ତି। ରାଜ୍ୟ ସରକାର ଅକ୍ଷମ ଓ ଅସହାୟ ଲୋକମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଇତ୍ୟାଦି ସହାୟତା ପ୍ରଦାନ କରୁଛନ୍ତି। ହେଲେ କେତେକ ଲୋକ ମାନସମ୍ମାନକୁ ଜଳାଞ୍ଜଳି ଦେଇ ଅସହାୟ ଓ ଅକର୍ମଣ୍ୟ ଲୋକମାନଙ୍କର ସୁଖ ସୁବିଧାକୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ଏହାଦ୍ୱାରା ଉଚିତ ହିତାଧିକାରୀ ସୁବିଧା ପାଇବାରୁ ବଞ୍ଚିତ ହେବା ସହ ରାଜ୍ୟ ଅର୍ଥ ବରବାଦ ହେଉଛି। ବିଭିନ୍ନ ଭତ୍ତା ଓ ସହାୟତା ପ୍ରଦାନ କରିବା ସମୟରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଗଲେ ଯୋଜନାର ସୁଫଳ ମିଳିପାରିବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଥା ନ ଫୁଟିବ ମୁଖୁ
ନୀରବେ ସମ୍ଭାଳି ବୁକୁ
ରଚିବା ନିଶ୍ଚଳ ଏକ ନୀରବ ରାଇଜ,
ସବୁ ଅଚଞ୍ଚଳ ସ୍ଥିର
ନାହିଁ ଗୀତ ନାହିଁ ଗୀର
ରତ ଯହିଁ ସକଳେ ଗୋ ଧ୍ୟାନେ ନିଜ ନିଜ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଭଳି ପାଳିବେ ହୋଲି...

*ଏଥର ସାର୍ବଜନୀନ ସ୍ଥାନରେ ହୋଲି ନ ଖେଳିବାକୁ ସରକାରୀ ନିୟମ ହୋଇଛି। ତେବେ ଏହି ପରିପ୍ରେକ୍ଷୀରେ ଏବର୍ଷ କିଭଳି ହୋଲି ପର୍ବ ପାଳନ କରିବେ ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ...*

### ରଙ୍ଗ ସାଙ୍ଗକୁ ମନୋରଞ୍ଜନର ହେବ ସମାଗମ



ସବୁ ବର୍ଷ ପରି ଏଥର ମଧ ଦୋଳପୂର୍ଣ୍ଣିମା ଦିନ ବସନ୍ତ ମିଳନ ଉତ୍ସବ ଆୟୋଜନ ହେବ। ଆଇ ଇଣ୍ଡଷ୍ଟ୍ରିର ସମସ୍ତ ବ୍ୟକ୍ତିବିଶେଷ ଏହି ଦିନରେ ଏକାଠି ହେଉ। ରଙ୍ଗ ସାଙ୍ଗକୁ ମନୋରଞ୍ଜନର ସମାଗମ ହେବ। କବିତା, ଗୀତ, ଯାଦୁ ଆଦି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଏ। ଏଥର ମଧ ସେହିପରି ହୋଲି ପାଳନ କରିବି।

-ଅରୁଣ ମନ୍ତ୍ରୀ, ଗୀତିକାର

### ବାରିପଦାର ମଟନ୍‌କୁ ମିସ୍ କରିବି



ଏଥର ହୋଲି କାର୍ଯ୍ୟବ୍ୟସ୍ତତା ଭିତରେ କଟିବ। ପ୍ରତିବର୍ଷ ହୋଲିରେ ମୁଁ ବାରିପଦା ନିଜ ଘରକୁ ଯାଏ। ମାତ୍ର ଏଥର ମୋ ଆଗାମୀ ଫିଲ୍ମ 'କିସ୍‌ମିସ୍'ର ଶୁଟିଂ ଚାଲିଥିବାରୁ ଭୁବନେଶ୍ୱରରେ ରହିବାକୁ ପଡ଼ିବ। ତେଣୁ ଏଠାରେ ଭଉଣୀ, ପିଉସୀ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ସହ ହୋଲି ପାଳିବି। ବାରିପଦାରେ ଥିଲାବେଳେ ହୋଲି ମାନେ ଘରେ ମଟନ୍ ନିହାତି ହୁଏ। ଏଥର ବାରିପଦାର ମଟନ୍‌କୁ ବହୁତ ମିସ୍ କରିବି।

-ସ୍ୱରାଜ ବାରିକ୍, ଅଭିନେତା

### ଫାର୍ମ ହାଉସ୍‌ରେ ହୋଲି ପାଳିବି



ଢେଙ୍କାନାଳ ଗୋବିନ୍ଦପୁର ପାଖରେ ଆମର ଏକ ଫାର୍ମ ହାଉସ୍ ଅଛି। ଏଥର ସେଠାରେ ହୋଲି ପାଳନ କରିବୁ। ସେହି ଗାଁର କିଛି ମୁରବିଙ୍କ ସହିତ ମିଶି ବିଭିନ୍ନ ପର୍ବପର୍ବାଣି ଆୟୋଜନ କରାଯାଏ। ଏଥର ବି ସେପରି ଗାଁ ଲୋକଙ୍କ ସହ ହୋଲି ପାଳନ କରିବୁ। ଭୋଜିଭାତ ସହିତ ରଙ୍ଗଖେଳର ସମାହାର ହେବ।

-ଅନିନ୍ଦିତା ଦାସ, କଣ୍ଠଶିଳ୍ପୀ

### ପରିବାର ସହ ହୋଲି ଖେଳିବି



ହୋଲି ଖେଳିବାକୁ ତ ମତେ ବହୁତ ଭଲ ଲାଗେ। ହେଲେ କରୋନା ପାଇଁ ଯେଉଁ କଟକଣା ଅଛି, ତାକୁ ସମସ୍ତେ ମାନିବା ଉଚିତ୍। ଏଥର ହୋଲିରେ ମୁଁ ପରିବାର ଲୋକଙ୍କ ସହିତ ଘରେ ସେଫ୍ ହୋଲି ଖେଳିବି। ଘରେ ରାଧାଶ୍ୟାମଙ୍କ ପୂଜା ହୁଏ ଏବଂ ସେଇଠି ଭୋଗ ଲାଗିବା ପରେ ଆମେ ଆମ୍ଭ ଖାଉ। ତା'ପରେ ପରସ୍ପରକୁ ଫଗୁ ଲଗାଇ ହୋଲିର ଶୁଭେଚ୍ଛା ଜଣାଉ। ଏଥର ହୋଲି ପାଇଁ ମୁଁ ସମସ୍ତଙ୍କୁ ଶୁଭକାମନା ଜଣାଇବା ସହିତ ଅର୍ଗାନିକ୍ କଲରରେ ହୋଲି ଖେଳିବା ପାଇଁ ନିବେଦନ କରୁଛି।

-ସରିତା ସୂପକାର
ଆସୋସିଏଟ୍ ପ୍ରଫେସର, ରମାଦେବୀ ବିଶ୍ୱବିଦ୍ୟାଳୟ

### ଫୁଲରେ ଖେଳିବୁ ହୋଲି



ଏଥର ତ ଆମେ ସପରିବାର ହୋଲି ପାଳିବୁ। କିନ୍ତୁ ତା' ଆଗରୁ ଆମେ ଡିପାର୍ଟମେଣ୍ଟରେ ଆମେ ପରସ୍ପରକୁ ତିଳକ ଲଗାଇବା ସହ ଫୁଲରେ ହୋଲି ଖେଳିଛୁ। ପରିବାର ସହ ବି ଏଥର ଆମେ ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ଫୁଲରେ ହୋଲି ଖେଳିବୁ। କାହିଁକିନା ଏହା ହେଉଛି ବସନ୍ତର ପର୍ବ। ଆଉ ଏହି ଋତୁରେ ରଙ୍ଗବେରଙ୍ଗର ବହୁତ ପ୍ରକାରର ଫୁଲ ମିଳିଥାଏ। ତେଣୁ ଏହି ଥିମ୍‌ରେ ଏଥର ହୋଲି ପାଳିବା ସହିତ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି କି ସମସ୍ତଙ୍କର ମଙ୍ଗଳ ହେଉ।

-ଡ. ଫକିର ମୋହନ ନାହାକ
ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ, ଚଣ୍ଡିଗଡ଼ ୟୁନିଭର୍ସିଟି, ମୋହାଲି, ପଞ୍ଜାବ

# ଶ୍ରୀଗୋବିନ୍ଦଙ୍କ ଲୀଳା

ଋତୁରାଜ ବସନ୍ତର ପବିତ୍ର ଆଗମନ ସହ କୋଇଲିର କୁହୁ କୁହୁ ଓ ଆମ୍ରବୃକ୍ଷର କୁନି କୁନି କଢ଼ର କଳିକା ଭିତରେ ପ୍ରେମମୟ ଶ୍ରୀକୃଷ୍ଣ ଓହ୍ଲାନ୍ତି ଦୋଳଯାତ୍ରାରେ । ପୃଥିବୀରେ ନୂତନ ଶିହରଣ ଯୋଗାଇପାରିବା ଭଳି ଶକ୍ତିରେ ଶକ୍ତିମନ୍ତ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ମୁଖ୍ୟ ଆୟୋଜନ । ଐତିହ୍ୟ ପରମ୍ପରାର ରାଷ୍ଟ୍ର ଭାରତରେ ବହୁ ପ୍ରାଚୀନ କାଳରୁ ହୋଲି ଓ ଦୋଳପର୍ବ ପାଳିତ ହୋଇଆସୁଛି । ଭଗବାନ କୃଷ୍ଣ ମଧ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ସେହିପରି ଫାଲଗୁନ ପୂର୍ଣ୍ଣିମା ଦିନ ପାଳିତ ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ । ଭଗବାନ ବିଷ୍ଣୁଙ୍କ ଅବତାର ସ୍ୱୟଂ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି ଗୋବିନ୍ଦ । ଫଗୁ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ ।



ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ଆଶଙ୍କା ନ ଥାଏ। ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ କୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି ହିଁ ହେଉଛି ରାଧା। ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜମନ୍ତ୍ର ଓ ନାମ ଓ ନାମୀ ଅଭେଦ।

ରଥଯାତ୍ରା ବେଳେ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ ଲାଗି ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷି ଭଗବାନ ଶ୍ରୀନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ ନିମନ୍ତେ ସେ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନା କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଏହି ପବିତ୍ର ମହାରାସକୁ ପୁଣି ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଦେବୀ ରାଧା ଓ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ଆଣି ବିମାନରେ ବସାଯାଇଥାଏ । ବସନ୍ତ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ଦିନଠାରୁ ପରମ୍ପରା ମୁତାବକ ଦୋଳ ମେଳଣ ଆରମ୍ଭ ହୋଇଥାଏ । ଦୁଇ ପ୍ରତିମାକୁ ରଙ୍ଗ ଓ ଅବିର ବୋଳି ପୂଜା କରାଯାଇଥାଏ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ, ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅବିର ଅର୍ପଣ କରିଥାନ୍ତି । ସପ୍ତଖଣ୍ଡ ହରିବଂଶ (ତୃତୀୟ ଖଣ୍ଡର)ତଥ୍ୟ ଅନୁଯାୟୀ 'ପରିମାଣ ଅଟେ ତାର ଶହେ ହାତସ୍ଥଳୀ, ସାତତାଳ ଉଚ୍ଚ ସେ ଯେ ନୁହଇ ତା କଳି ।' ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ ।

–ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ମୋ: ୯୪୩୭୦୫୧୯୫୭


## ନିରୁଦ୍ଦିଷ୍ଟ



**ଶାନ୍ତିଲତା ମାଝୀ**
ବୟସ– ୫୨ ବର୍ଷ
ତାରିଖ– ୦୧।୦୨।୨୦୨୨
ସମୟ– ସକାଳ ୮ ଘଣ୍ଟିକା
ନିଖୋଜ ସ୍ଥାନ– ପାହାଳ, ଭୁବନେଶ୍ୱର,
ଫୋନ୍ ନଂ.– 9438689362, 9439393351
D-70269


# ଶ୍ରୀଜୀଉଙ୍କ ଚାଚେରୀ ବେଶ

ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀଜଗନ୍ନାଥ ଏକ ଲୋକାୟତ ପରମ୍ପରା ରୂପେ ଦୋଳଯାତ୍ରାକୁ ବୈଷ୍ଣବୀୟ ଢଙ୍ଗରେ ପାଳନ କରାଯାଏ। ଏହା ଚାଚେରୀ ଲୀଳା ନାମରେ ପ୍ରଖ୍ୟାତ। ଏହି ପର୍ବରେ ଫଗୁଦଶମୀ ଦୋଳବିମାନରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି। ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ବାହକମାନଙ୍କ କାନ୍ଧରେ ସିଂହଦ୍ୱାର ଗୁମୁଟ ଟପି ଅରୁଣ ସ୍ତମ୍ଭ ପାର ହେଲା ପରେ ଲୋକଙ୍କର ଉତ୍ସାହ ଓ ଉଦ୍ଦୀପନା ଏକ ଭାବଭକ୍ତିପୂର୍ଣ୍ଣ ଦୃଶ୍ୟ ସୃଷ୍ଟି କରିଥାଏ। ଦୋଳ ବେଦିରେ ପହଞ୍ଚିଲା ପରେ ଆରମ୍ଭ ହୁଏ ଫଗୁ ଲାଗି। ପୁଷ୍ପମାଲ୍ୟ, କୁନ୍ଦ ପୁଷ୍ପ ପରି ସୁବାସିତ ପୁଷ୍ପ ଓ ଲାଲ ବେଶରେ ଚାଚେରୀ ବେଶରେ ଦୋଳଗୋବିନ୍ଦ ବିଜେ ହୁଅନ୍ତି। ଫଗୁଣ ଶୁକ୍ଳ ଦଶମୀରୁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦୋଳ ଉତ୍ସବ ବେଳେ ଚାଚେରୀ ବେଶରେ ଶୋଭିତ ହୁଅନ୍ତି ତିନି ଠାକୁର। ଦ୍ୱିପ୍ରହର ଧୂପ ପରେ ପରେ ଆୟୋଜିତ ହୋଇ ଚାଚେରୀ ବେଶ ସନ୍ଧ୍ୟା ଧୂପ ପୂର୍ବରୁ ଓହ୍ଲାଇ ଦିଆଯାଏ। ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଚାଚେରୀ ବେଶରେ ଦିଅଁମାନେ ସ୍ୱତନ୍ତ୍ର ଶୈଳୀରେ ପିନ୍ଧିଥିବା ଶାଢ଼ି, ମସ୍ତକର ଶ୍ରୀକପଡ଼ା, ହାତରେ ଧରିଥିବା ରୁମାଲ ଆଦି ନାଲି ରଙ୍ଗର ହୋଇଥାଏ।



ଶ୍ରୀଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କ ବିଗ୍ରହରେ ନଳୀଭୁଜ ଲାଗି କରାଯାଏ। ଜଗନ୍ନାଥଙ୍କ ନଳୀଭୁଜ ସମ୍ମୁଖରେ ଶଙ୍ଖ ଓ ଚକ୍ର ଏବଂ ବଳଭଦ୍ରଙ୍କ ନଳୀଭୁଜରେ ହଳ ଓ ମୂଷଳ ଖୋଦିତ ହୋଇଥାଏ। ଏହି ବେଶରେ ପିନ୍ଧୁଥିବା ଅଳଙ୍କାରଗୁଡ଼ିକ ହେଲା, ମୁଖର ଉଭୟ ପାର୍ଶ୍ୱରେ କୁଣ୍ଡଳ, ମସ୍ତକ ଶୀର୍ଷରେ ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡ଼ିଆଣୀ ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମମାଳି ଓ ହରଡ଼ ମାଳି। ଏହି ବେଶରେ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼କି ସୁଶୋଭିତା ହୁଅନ୍ତି। ବେଶ ସମୟରେ ଠାକୁରଙ୍କୁ ଆରିସା, ମରିଚ ଲଡ୍ଡୁ, ଖିରି, ଧଉଳା ଓ ଘିନାଡ଼ି ଆଦି ଭୋଗ ଲଗାଯାଏ ତଥା ଫଗୁ ଖେଳ ନୀତି ହୋଇଥାଏ।

–ଅଜୟ କୁମାର ବେହେରା


**OFFICE OF THE DEAN & PRINCIPAL MAHARAJA KRISHNA CHANDRA GAJAPATI MEDICAL COLLEGE**
BERHAMPUR - 760004, GANJAM, ORISSA
No. 2537/MCB.2022/Welfare Dtated, Brahmapur the 16th March 2022

**TENDER NOTICE**

No. E-943: Bids in sealed tender are invited under two bid system from reputed manpower agencies/service providers to provide the services of **Lab Technician, Radiographer, Pharmacist, ECG Technician & DEO** for the MKCG Medical College & Hospital for a period of one year w.e.f. the date of execution of agreement and likely to be extended to a maximum of three years subjects to satisfactory performance, mutual agreement on yearly basis.

Bidders are required to submit the technical & financial bids separately. The bids in sealed Cover-1 containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed "Bid for outsourcing of manpower services" must reach the undersigned within 21 days from the date of advertisement by Speed Post/Registered Post/Courier only.

The bid documents containing eligibility criteria, scope of work, terms and conditions of the tender and draft agreement are enclosed herewith.

The undersigned reserves the rights for cancellation of the tender at any time without assigning any reason thereof.

Sd./- Dean & Principal
MKCG Medical College, Hospital, Berhampur
OIPR-10013/11/0028/2122


## ରାଜ୍ୟ ଖବର

# ଅଭିଯୁକ୍ତ ରଶ୍ମିରଞ୍ଜନଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

## ଜମି ଦେବାକୁ କହି କୋଟିଏରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଜଣେ ପେସାଦାର ଠକଙ୍କୁ କ୍ରାଇମବ୍ରାଞ୍ଚର ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ରଶ୍ମିରଞ୍ଜନ ଦାସ। ସେ ନିଜକୁ ଆର୍‌ଡି ଗ୍ରୁପ୍ ଅଫ୍ କମ୍ପାନୀର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ଜମି ଦେବା ବାହାନାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରିବା ପରେ ଭୁବନେଶ୍ୱର ମାଳତି ବିହାରରେ ଥିବା କମ୍ପାନୀ କାର୍ଯ୍ୟାଳୟରେ ଚଢାଉ କରି ବହୁ ନକଲି କାଗଜପତ୍ର ଜବତ କରିଛି। ତେବେ ତଦନ୍ତବେଳେ ଜଣାପଡିଛି ଯେ, ଅଭିଯୁକ୍ତ ରଶ୍ମିରଞ୍ଜନ ପୂର୍ବରୁ ନିଜକୁ ସିବିଆଇ ଅଧିକାରୀ ଦର୍ଶାଇ ଅନେକଙ୍କୁ ଠକିଛନ୍ତି। ପୁରୀ କୁମ୍ଭାରପଡା ଥାନା ପୋଲିସ ଦ୍ୱାରା ଦୁଇଟି ମାମଲା (ନଂ. ୧୨୭ ଓ ୧୨୮/୨୦୧୬)ରେ ସେ ଗିରଫ ହୋଇଥିଲେ ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ କୁମାର ତ୍ରିପାଠୀ କହିଛନ୍ତି।

ତାଙ୍କ ସୂଚନାନୁସାରେ, ଜମି ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକ ସିଡିଏରେ ରହୁଥିବା ଅନ୍ତର୍ଯ୍ୟାମୀ ନାୟକ। ଅନ୍ତର୍ଯ୍ୟାମୀ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ୨୦୨୧ରେ ସେ ତାଙ୍କ ସାନ ଭାଇ ସୌମେନ୍ଦ୍ରଙ୍କ ଦ୍ୱାରା ଅଭିଯୁକ୍ତ ରଶ୍ମିରଞ୍ଜନଙ୍କ ସହ ପରିଚିତ ହୋଇଥିଲେ। ରଶ୍ମିରଞ୍ଜନ କଟକର ସିଡିଏ ହାଡିଆପଡାରେ ୪ ହଜାର ଫୁଟର ଏକ ଜାଗା ଅଛି ବୋଲି ଅନ୍ତର୍ଯ୍ୟାମୀଙ୍କୁ କହିଥିଲେ। ସ୍ୱଇଚ୍ଛାରେ କିଣିବାକୁ ଚାହୁଁଛ, ତାହେଲେ ମୋର ସିଏମ୍‌ସିରେ ଚିହ୍ନା ଅଛନ୍ତି ବୋଲି କହି ବିଭିନ୍ନ ମିଥ୍ୟା ଆଶ୍ୱାସନା ଦେଇଥିଲା। ଅନ୍ତର୍ଯ୍ୟାମୀ ତାଙ୍କ ସ୍ତ୍ରୀଙ୍କ ନାଁରେ ଉକ୍ତ ଜାଗା କିଣିବାକୁ ଜଣାଇବା ପରେ ରଶ୍ମିରଞ୍ଜନ ତାଙ୍କଠାରୁ ଗତବର୍ଷ ଏପ୍ରିଲ ମାସରେ ପ୍ରଥମେ ନଗଦ ୧୦ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧ କୋଟି ୧୮ ଲକ୍ଷ ଟଙ୍କା ନେଇଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ଅଭିଯୁକ୍ତ ରଶ୍ମିରଞ୍ଜନ ନକଲି ଷ୍ଟାମ୍ପ୍ ଲଗାଇ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅନ୍ତର୍ଯ୍ୟାମୀଙ୍କୁ ଦେଇଥିଲେ। ୧୫ ନଭେମ୍ବର ୨୦୨୧ରେ ଏଗ୍ରିମେଣ୍ଟ ହେବାକୁ କହି ଆଉ ଧରାଛୁଆଁ ଦେଇ ନ ଥିଲେ କି ଫୋନ୍ ଉଠାଇ ନ ଥିଲେ। ଅନ୍ତର୍ଯ୍ୟାମୀଙ୍କ ସନ୍ଦେହ ହେବାରୁ ସେ ଉକ୍ତ କାଗଜପତ୍ରକୁ ନେଇ ସିଏମ୍‌ସି ଅଫିସ୍ ଯାଇଯାଞ୍ଚ କରିବାରୁ ତାହା ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଏହାପରେ ସେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

# ମଝିଆଁ ଭାଇଙ୍କୁ ହତ୍ୟା

କାଳିଆପାଣି,୧୭।୩(ଡି.ଏନ.ଏ.)

ଯାଜପୁର ଜିଲା କାଳିଆପାଣି ଥାନା ଗୁରୁଜଙ୍ଗ ଗ୍ରାମରେ ବୁଧବାର ରାତିରେ ଘରୋଇ କଳିରୁ ହତ୍ୟାକାଣ୍ଡ ଘଟିଛି। ମଝିଆଁ ଭାଇଙ୍କୁ ବଡ଼ ଓ ସାନ ଭାଇ ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଜମାଦାର ମୁଣ୍ଡା(୩୦)। ଅଭିଯୋଗ ପରେ ପୋଲିସ ବଡ଼ ଓ ସାନ ଭାଇଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗ୍ରାମରେ ଶିବ ମୁଣ୍ଡାଙ୍କ ୪ ପୁଅ ଗୋଟିଏ ସ୍ଥାନରେ ରହୁଛନ୍ତି। ବୁଧବାର ରାତିରେ ବଡ଼ଭାଇ ମାଧବ ମୁଣ୍ଡା(୩୫) ମଝିଆଁ ଭାଇ ଜମାଦାରଙ୍କ ଘରେ ପଶିଥିଲେ। ଜମାଦାର ଏହା ଜାଣି ପାଟି କରିବାରୁ ସାନ ଭାଇ ହର୍ଷି ମୁଣ୍ଡା(୨୯) ଦୌଡ଼ି ଆସି ଜମାଦାରଙ୍କୁ ଆକ୍ରମଣ କରିଥିଲେ। ଜମାଦାର ପଡ଼ିଯିବା ପରେ ଉଭୟ ପଳାଇ ଯାଇଥିଲେ। ସକାଳୁ ତାଙ୍କୁ ଡାକ୍ତରଖାନା ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୩୬/୨୨ ରୁଜୁ ହୋଇଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଲିଙ୍ଗରାଜ ମହାପାତ୍ର**
ଅବସରପ୍ରାପ୍ତ ସୈନିକ ଓ ବ୍ୟାଙ୍କ କର୍ମଚାରୀ
ବ୍ରହ୍ମଗିରୀ, ପୁରୀ
ଆବିର୍ଭାବ: ୨୮।୦୨।୧୯୩୫
ତିରୋଧାନ: ୦୯।୦୩।୨୦୨୨
ଫାଲଗୁଣ ଶୁକ୍ଳପକ୍ଷ ସପ୍ତମୀ

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ସ୍ତ୍ରୀ: ବାସନ୍ତୀ, ପୁତ୍ର ଓ ପୁତ୍ରବଧୂ, ନାତି, ନାତୁଣୀ ।
ଧ–୨୩୪୩୩



**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-39/2021-22**

No. O-1858: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 08 Nos. |
| 3 | Estimated Cost (Approxmiate) | From Rs.5.92 lakhs to Rs.553.49 lakhs |
| 4 | Period of Completion | From 60 to 360 days |
| 5 | Date & time of availability of bid document in the portal | From 25.03.2022 at 11.00 hrs. to 16.04.2022 upto 17.00 hrs |
| 6 | Last date & time for seeking clarification | 11.04.2022 upto 17.00 hrs. |
| 7 | Dt. of Opening of Bid | 18.04.2022 at 11.00 hrs. |
| 8 | Last date/time for receipt of bids in the portal | 16.04.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

OIPR-25035/11/0019/2122
Superintending Engineer
RWS&S Division, Berhampur


# ଭାଜପା ରୋଡ୍ ଶୋ'ରେ ପୂର୍ବତନ ମିସ୍ ଇଣ୍ଡିଆ

ବଲାଙ୍ଗୀର ଅଫିସ, ୧୭।୩



ଭାଜପା ପକ୍ଷରୁ ବଲାଙ୍ଗୀରରେ ଆୟୋଜିତ ରୋଡ ଶୋ'ରେ ପୂର୍ବତନ ମିସ୍ ଇଣ୍ଡିଆ ପ୍ରତୀକ୍ଷା ଅରୋରା।

ବଲାଙ୍ଗୀର ପୌରପାଳିକାରେ ଭାଜପା ନିର୍ବାଚନ ପ୍ରଚାରକୁ ଜୋରଦାର କରିଛି। ଗୁରୁବାର ସହରରେ ଭାଜପା ଏକ ରୋଡ ଶୋ ମାଧ୍ୟମରେ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଛି। ଏହି ରୋଡ ଶୋ'ରେ ପୂର୍ବତନ ମିସ୍ ଇଣ୍ଡିଆ ପ୍ରତୀକ୍ଷା ଅରୋରା ଯୋଗଦେଇ ପୌରାଧ୍ୟକ୍ଷା ପ୍ରାର୍ଥିନୀ ସବିତା ବାର୍ଲାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ସ୍ଥାନୀୟ କଲେଜ ଛକରୁ ବାହାରିଥିବା ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅନନ୍ତ ଦାଶ, ଅମନ ନାଗ, କେଶରିଆ ହିନ୍ଦୁ ବାହିନୀର ସନ୍ତୋଷ ଭୋଳ ସାମିଲ ଥିଲେ। ରୋଡ ଶୋ କଚେରି ଛକ, ମେନ୍ ମାର୍କେଟ, ସମଲେଶ୍ୱରୀ ମନ୍ଦିର ଛକ, ଡେଲିମାର୍କେଟ, ବିକ୍ରମ ଛକ, ପିପି ଏକାଡେମୀ ଛକ, ଭାଗୀରଥି ଛକ ଦେଇ ସହର ପରିକ୍ରମା କରିଥିଲା। ଏକ ମଜଭୁତ୍ ପୌର ପରିଷଦ ଗଠନ କରିବାକୁ ହେଲେ ଭାଜପାକୁ ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ ପୌରାଧ୍ୟକ୍ଷା ପ୍ରାର୍ଥିନୀ ବାର୍ଲା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଭାଜପା ନେତା ଦାଶ ତାଙ୍କ ବକ୍ତବ୍ୟରେ ଲୋକେ ଦୁର୍ନୀତି ଓ ଅପାରଗତାର ଉଚିତ ଜବାବ ଦେଇ ଭାଜପା ପୌରାଧ୍ୟକ୍ଷା ଏବଂ କାଉନସିଲର ପ୍ରାର୍ଥୀଙ୍କୁ ବିଜୟ କରାଇବେ ବୋଲି କହିଥିଲେ।


**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**Mudra Finance**
Mob. 8987604637, 9471160476
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 82 RWSS/RRPUR-2021-2022 / Dated: 15.03.2022**

No. O-1859: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up PWS schemes to different villages of Bahalda, Jamda & Tiring Block under RWS&S Division, Rairangpur in the District of Mayurbhanj.
2. No. of packages : 4 (Four) Nos.
3. Period of Compeltion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.290.96 lakhs to 367.89 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 23.03.2022 to 17.00 hours of 12.04.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.13.04.2022 at 16.00 hours onwards
10. Other documents : (As mentioned in DTCN)
11. The bidders have to particiapte in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

OIPR-25010/11/0046/2122
Sd./- Superintending Engineer
RWSS Division, Rairangpur

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର,ମାର୍ଚ୍ଚ ୧୮/୨୦୨୨ Dhenkanal, Friday, March 18/ 2022

# କଂଗ୍ରେସରେ ବଢୁଛି ମତଭେଦ

■୨୪ ଘଣ୍ଟାରେ ଅସନ୍ତୁଷ୍ଟ ନେତାଙ୍କ ଦ୍ୱିତୀୟ ବୈଠକ

■ହୁଡାଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୧୭।୩

ପାଞ୍ଚ ରାଜ୍ୟରେ ନିର୍ବାଚନ ପରାଜୟ ପରେ କଂଗ୍ରେସ ଦଳରେ ମତଭେଦ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅସନ୍ତୁଷ୍ଟ ନେତାମାନଙ୍କ ଗୋଷ୍ଠୀ (ଜି୨୩) ନେତାମାନଙ୍କ ଦ୍ୱିତୀୟ ବୈଠକ ବରିଷ୍ଠ ନେତା ଗୁଲାମ ନବୀ ଆଜାଦଙ୍କ ଘରେ ଗୁରୁବାର ସନ୍ଧ୍ୟାରେ ବସିଛି। ଏଥିରେ କପିଲ ସିବଲ, ଆନନ୍ଦ ଶର୍ମା ଏବଂ ଭୂପିନ୍ଦର ସିଂ ହୁଡା ପ୍ରମୁଖ ଯୋଗ ଦେଇଛନ୍ତି।

ଦଳୀୟ ନେତୃତ୍ୱରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦାବିକୁ ଜି୨୩ ନେତାମାନେ ଜୋର୍‌ଦାର କରିଛନ୍ତି। ବୁଧବାର ରାତିରେ ଗୁଲାମ ନବୀ ଆଜାଦଙ୍କ ବାସଭବନରେ ୧୮ ଅସନ୍ତୁଷ୍ଟ ନେତାଙ୍କ ବୈଠକ ବସି ଏନେଇ ଆଲୋଚନା ହୋଇଥିଲା। ଗୁରୁବାର ସକାଳେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅସନ୍ତୁଷ୍ଟ ନେତା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ାଙ୍କୁ ଭେଟିଥିଲେ। ବୁଧବାର ବୈଠକରେ ହୁଡ଼ାଙ୍କ ସମେତ ବରିଷ୍ଠ ନେତା ଆନନ୍ଦ ଶର୍ମା, କପିଲ ସିବଲ, ମନୀଷ ତିୱାରୀ, ଶଶୀ ଥରୁର, ରାଜ ବବ୍ବର, ସନ୍ଦୀପ ଦୀକ୍ଷିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସର୍ବପୁରାତନ ଦଳକୁ ପୁଣିଥରେ ସକ୍ରିୟ କରିବାକୁ ହେଲେ ସାଂଗଠନିକ ସ୍ତରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଏକମାତ୍ର ବିକଳ୍ପ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।


ରାହୁଲ ଗାନ୍ଧୀ


ଭୂପିନ୍ଦର ସିଂ ହୁଡା

ରାହୁଲଙ୍କ ସହ ସାକ୍ଷାତ୍ ପରେ ହୁଡା ଗୁଲାମ ନବୀଙ୍କ ଘରକୁ ଯାଇ ଆଲୋଚନା କରିଛନ୍ତି। ସେଠାରେ ଆନନ୍ଦ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ମିଳିଥିବା ଖବର ଅନୁଯାୟୀ ଗୁଲାମନବୀ କଂଗ୍ରେସକୁ ସଜାଡ଼ିବା ଲାଗି ଦଳ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ସହ ଆଲୋଚନା କରିପାରନ୍ତି। ନିର୍ବାଚନ ପରାଜୟ ପରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ସୋନିଆ ଇସ୍ତଫା ପ୍ରସ୍ତାବ ଦେଇଥିଲେ। ତେବେ ଏହାକୁ ଦଳୀୟ ନେତାମାନେ ଖାରଜ କରିଦେବା ସହ ସୋନିଆଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ।

# ମାନ୍‌ଙ୍କ ହ୍ୱାଟ୍ସଆପ୍ ନମ୍ବର ହେବ ଦୁର୍ନୀତି ନିରୋଧୀ ହେଲ୍ପଲାଇନ

ନୂଆଦିଲ୍ଲୀ,୧୭।୩

ପଞ୍ଜାବକୁ ଦୁର୍ନୀତିମୁକ୍ତ କରିବା ଲାଗି ମାର୍ଚ୍ଚ ୨୩ ଶହୀଦ ଦିବସରେ ସେଠାର ଏଏପି ସରକାର ଦୁର୍ନୀତି ନିରୋଧୀ ହେଲ୍ପଲାଇନ ନମ୍ବର ଜାରି କରିବେ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଗୁରୁବାର କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ହ୍ୱାଟ୍ସଆପ୍ ନମ୍ବରକୁ ଦୁର୍ନୀତି ନିରୋଧୀ ହେଲ୍ପଲାଇନ ନମ୍ବର ଭାବେ ବ୍ୟବହାର କରାଯିବ। ଯଦି କେହି ଆପଣଙ୍କୁ ଲାଞ୍ଚ ମାଗନ୍ତି, ତେବେ ଏହାର ଅଡିଓ କିମ୍ବା ଭିଡିଓ ରେକର୍ଡିଂ କରି ତାଙ୍କ ପାଖକୁ ପଠାଇବାକୁ ମାନ୍ କହିଛନ୍ତି। ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଞ୍ଜାବରେ ଦୁର୍ନୀତି ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିବା ସହ ଦୁର୍ନୀତି ବିରୋଧରେ ଦଳର ସଂଘର୍ଷରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ପଞ୍ଜାବର ପ୍ରଶାସନିକ ଅଧିକାରୀମାନେ ସାଧୁତାର ସହ କାର୍ଯ୍ୟ କରି ରାଜ୍ୟବାସୀଙ୍କ ସେବା କରିବା ଲାଗି କେଜ୍‌ରିୱାଲ ଆହ୍ୱାନ ଦେଇଛନ୍ତି।


ଭଗୱନ୍ତ ମାନ୍

# ଦୁର୍ନୀତିର ଧରପଗଡ଼ ହେଲେ ଅବସ୍ଥା ଅସମ୍ଭାଳ ହେବ: ବିଶ୍ୱେଶ୍ୱର

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ**

■ଓଡ଼ିଶାରେ ଯେମିତି ଦୁର୍ନୀତି ହୋଇଛି କେଉଁଠି ହୋଇ ନ ଥିବ: ସୁରେଶ

■କେତେ ପ୍ରସଙ୍ଗ ଏଡ଼ାଇବାକୁ ଏମିତି ବାହାନା କରିବେ: ଅମର

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଣ୍ଟନରେ ପାତରଅନ୍ତର ରାଜ୍ୟ ସରକାର କରୁଛନ୍ତି। ଯୋଗ୍ୟ ହିତାଧିକାରୀ ବଦଳରେ ଶାସକ ଦଳ କର୍ମୀଙ୍କୁ ଏହି ଯୋଜନାରେ ଘର ଆବଣ୍ଟିତ କରାଯାଉଛି। ଦୁର୍ନୀତିର ଧରପଗଡ ହେଲେ ଏମାନଙ୍କ ଅବସ୍ଥା ଅସମ୍ଭାଳ ହୋଇଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନିୟମିତତା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏପରି ବର୍ଷିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ବିଭିନ୍ନ ୱାର୍ଡରେ ପ୍ରଚାର ସମୟରେ ଟୁଡୁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଟଙ୍କାରେ ରାଜ୍ୟ ସରକାର ନିଜ ଛାପ ଲଗାଉଛନ୍ତି। ରାଜ୍ୟ ସରକାର କେବଳ ବ୍ରାଣ୍ଡିଂ କରୁଛନ୍ତି ହେଲେ ପାଖରେ ଫଟା ପାହୁଲା(ପଇସା)ଟେ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେବାପରେ ଏହାର ତଦନ୍ତ କେନ୍ଦ୍ର ଗ୍ରାମୀଣ ମନ୍ତ୍ରଣାଳୟ କରିଥିଲା। ଟିମ୍‌ର ତଦନ୍ତ ରିପୋର୍ଟ ଆଧାରରେ ଓଡ଼ିଶା ସରକାର ୨୦୨୧ ଜୁଲାଇ ୨୦ରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିଥିଲେ। ମାତ୍ର ରିପୋର୍ଟ ସନ୍ତୋଷଜନକ ନ ହେବାରୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଥିଲେ। ବିଜେଡି ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଗିରିରାଜ ସିଂ ଏନେଇ ସୂଚନା ଦେଇଛନ୍ତି। ପୌର ନିର୍ବାଚନ ପ୍ରଚାର କରିବା ବେଳେ ଟୁଡୁ ଆହୁରି କହିଛନ୍ତି, କିଛି ଲୋକ କ୍ଷମତା ପାଇଁ ସବୁକିଛି କରିବେ। ଏହା ଗତ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିବା ବେଳେ ପୌର ନିର୍ବାଚନ ସମୟରେ ମଧ୍ୟ ଦେଖିବାକୁ ମିଳିବ। ହେଲେ ସହରୀ ଲୋକମାନେ ସଚେତନ ଅଛନ୍ତି। ସେମାନେ ଭାଜପାକୁ ହିଁ ବାଛିବେ। କାରଣ ପ୍ରଧାନମନ୍ତ୍ରୀ ଭାରତବର୍ଷର ସମ୍ମାନକୁ ବଢାଇବା ସହ ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗକୁ ଆସିଛନ୍ତି। ଏହାକୁ ସଚେତନ ନାଗରିକ ହୃଦୟଙ୍ଗମ କରିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠିକ୍ ଭାବେ ଦିଆଯାଇନାହିଁ। ଯୋଗ୍ୟ ଯେଉଁମାନେ ପାଇବାକୁ ସେମାନଙ୍କୁ ମିଳିନାହିଁ। ଯିଏ ଯାହା ମନ ଇଚ୍ଛାରେ ଦେଇଛି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେପରି ଦୁର୍ନୀତି ହୋଇଛି ଭାରତବର୍ଷରେ ଏମିତି କେଉଁଠି ହୋଇ ନ ଥିବ।

ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, ଯେତେ ତଦନ୍ତ ହେଲେ ବି ଓଡ଼ିଶାରେ ଲୋକଙ୍କ ପାଇଁ କାମ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାନ୍ୱୟନ ଦେଖିବାକୁ ଓଡ଼ିଶାକୁ ଯେଉଁ ଟିମ୍ ଆସିଥିଲେ ସେମାନେ ସବୁବେଳେ ଅନୁଭବ କରି କହିଛନ୍ତି, ରାଜ୍ୟରେ ବହୁତ ଭଲ କାମ ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏକଥାକୁ ସ୍ୱୀକାର କରିଛି। କେତେ ପ୍ରସଙ୍ଗକୁ ଏଡ଼ାଇବାକୁ ସେମାନେ ଏପରି ବାହାନା କରିଛନ୍ତି ବୋଲି ଅମର କହିଛନ୍ତି।

# ଭାଇ ବିପକ୍ଷରେ ଭାଇ

## ନବରଙ୍ଗପୁର ପୌର ନିର୍ବାଚନ

ନବରଙ୍ଗପୁର,୧୭।୩(ବି.ପ୍ର.)

ନବରଙ୍ଗପୁର ପୌର ପରିଷଦର ୱାର୍ଡ ନଂ.୫ରେ ଦୁଇ ଭାଇ ପରସ୍ପର ବିପକ୍ଷରେ କାଉନ୍‌ସିଲର ପ୍ରାର୍ଥୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ସପନ କୁମାର ତ୍ରିପାଠୀ (ବୁଲୁ), ବିଜେଡି ପ୍ରାର୍ଥୀ ଉତ୍ତମ ତ୍ରିପାଠୀ ସମ୍ପର୍କୀୟ ଭାଇ। ସୂଚନାନୁଯାୟୀ ଉତ୍ତମ ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଅନୁଗତ। ସେ କଂଗ୍ରେସରେ ଥିବା ସମୟରେ ଥରେ କାଉନ୍‌ସିଲର ହୋଇଥିଲେ। ପ୍ରଦୀପଙ୍କ ସହ ସେ ମଧ୍ୟ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଅପରପକ୍ଷେ ସପନ ହେଉଛନ୍ତି ଉତ୍ତମଙ୍କ ବଡ଼ବାପା ପୁଅ ଭାଇ। ସେ ଭାଜପାର ଜଣେ ଦୃଢ ସଂଗଠକ। ତେବେ ଦୁଇ ଭାଇଙ୍କ ଲଢ଼େଇ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଆଇ. ମୁରଲୀ କ୍ରିଷ୍ଣା ଏହାର ଫାଇଦା ଉଠାଇବାର ସମ୍ଭାବନା ନେଇ ଚର୍ଚ୍ଚା ହେଉଛି।

# କଂଗ୍ରେସ ଅଧ୍ୟକ୍ଷା ପ୍ରାର୍ଥିନୀଙ୍କ ବ୍ୟାନର ପୋଡ଼ି ଅଭିଯୋଗ

**ଯାଜପୁର ପୌର ପରିଷଦ**

ଯାଜପୁର ଟାଉନ,୧୭।୩(ଡି.ଏନ.ଏ.)

ଯାଜପୁର ପୌର ପରିଷଦର କଂଗ୍ରେସ ଅଧ୍ୟକ୍ଷା ପ୍ରାର୍ଥିନୀ ପ୍ରିୟଦର୍ଶିନୀ ସାମନ୍ତଙ୍କ ଏକ ବ୍ୟାନର ଯାଜପୁର ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଲଗାଯାଇଥିଲା। ତେବେ ଉକ୍ତ ବ୍ୟାନରକୁ କେହି ଅସାମାଜିକ ବ୍ୟକ୍ତି ପୋଡ଼ି ଦେଇଥିବା ଗୁରୁବାର ସକାଳେ ଜଣାପଡ଼ିଛି। ଏହାପରେ ଯାଜପୁର ନଗର କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ କରାଯାଇ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହିତ ନଗର କଂଗ୍ରେସ ତରଫରୁ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ ଯାଜପୁର ଥାନା ଏବଂ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୌର ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ପ୍ରଶାସନ ଯେଉଁ ନୀତି ନିର୍ଦ୍ଧାରଣ କରିଛନ୍ତି ତା'ର ଖୋଲା ଉଲ୍ଲଂଘନ କରାଯାଇଛି ବୋଲି ଅଧ୍ୟକ୍ଷା ପ୍ରାର୍ଥିନୀ ସାମନ୍ତ ଅଭିଯୋଗ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯିବା ସହିତ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ବିଭୁତି ମହାପାତ୍ର ଓ ହୃଷୀକେଶ ପତି ପ୍ରମୁଖ ଦାବି କରିଛନ୍ତି।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**NARAYANI MOTORS**
BHUBANESHWAR: 9583022013, 9583022019, 7440019592. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Interest rate of 7% is provided by select financiers only. #Gold Voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2022.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**କାମ୍ପେଓନ୍ସ ରିମେକ୍‌ରେ ଆମିର**
ସ୍ପେନ୍‌ର ସୁପରହିଟ୍ ଫିଲ୍ମ 'କାମ୍ପେଓନ୍ସ'ର ହିନ୍ଦୀ ସଂସ୍କରଣରେ ଅଭିନୟ କରିବେ ଆମିର ଖାନ୍।
୦୪

୦୮
**ସାଲିମା ଟେଟେ ଅଧିନାୟିକା ମନୋନୀତ**
ଜୁନିୟର ମହିଳା ହକି ବିଶ୍ୱକପ୍ ପାଇଁ ସାଲିମା ଟେଟେ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି।



# କରୋଲିନା ମିସ୍ ୱାର୍ଲ୍ଡ



କରୋଲିନା ବିଲସ୍କା

**ୱାଶିଂଟନ,୧୭।୩**

ପୋଲାଣ୍ଡର କରୋଲିନା ବିଲସ୍କା ୨୦୨୧ ବିଶ୍ୱ ସୁନ୍ଦରୀ ମୁକୁଟ ହାତେଇଛନ୍ତି। ୭୦ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ମାର୍ଚ୍ଚ ୧୬ରେ ପୁର୍ଟୋ ରିକୋସ୍ଥିତ ସାନ୍ ଜୁଆନ୍‌ର କୋକା-କୋଲା ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ୨୦୧୯ର ମିସ୍ ୱାର୍ଲ୍ଡ ଟାଇଟଲ ଜିତିଥିବା ଟୋନି-ଆନ୍ ସିଂ କରୋଲିନାଙ୍କୁ ଏହି ମୁକୁଟ ପିନ୍ଧାଇଥିଲେ। ପ୍ରତିଯୋଗିତାରେ ଆମେରିକାର ଭାରତୀୟ ବଂଶୋଦ୍ଭବ ଶ୍ରୀ ସାଇନି ଫାଷ୍ଟ ରନର୍ସଅପ୍ ହୋଇଥିବାବେଳେ ସେକେଣ୍ଡ ରନର୍ସଅପ୍ କୋଟ ଡ'ଭୋଇରର ଓଲିଭିଆ ୟସ୍ ହୋଇଛନ୍ତି। ମହାମାରୀ କାରଣରୁ ଦୁଇବର୍ଷ ଧରି ପ୍ରତିଯୋଗିତା ବନ୍ଦ ଥିବାବେଳେ ଶେଷଥର ପାଇଁ ୨୦୧୯ରେ ଏହା ଅନୁଷ୍ଠିତ ହୋଇଥିଲା। ମିସ୍ ୱାର୍ଲ୍ଡ କରୋଲିନା ମ୍ୟାନେଜମେଣ୍ଟରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହ ଖେଳ ପ୍ରତି ରହିଛି ତାଙ୍କର ଅହେତୁକ ରୁଚି। ମିସ୍ ୱାର୍ଲ୍ଡ ପ୍ରତିଯୋଗିତାକୁ ନେଇ ଭାରତକୁ ନିରାଶ ହେବାକୁ ପଡ଼ିଛି। ଭାରତ ପକ୍ଷରୁ ହାଇଦ୍ରାବାଦର ମାନସା ୱାରାନାସୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମାନସା ଟପ୍ ୧୩ ଜଣଙ୍କ ଭିତରେ ୧୧ତମ ସ୍ଥାନରେ ଥିବାବେଳେ ଟପ୍ ୬ ରୁ ବାଦ୍ ପଡ଼ିଥିଲେ। ହାଇଦ୍ରାବାଦର ଝିଅ ମାନସା କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଫାଇନାନ୍ସିଆଲ ଇନ୍‌ଫରମେସନ୍ ଏକ୍ସଚେଞ୍ଜ ଆନାଲିଷ୍ଟ ଚାକିରି କରିଥିଲେ। ମଡେଲିଂ ପ୍ରତି ଦୁର୍ବଳତା ଥିବା କାରଣରୁ ସେ ଚାକିରି ସହିତ ମଡେଲିଂ ଆରମ୍ଭ କରିଦେଲେ। ୨୦୨୦ରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ପ୍ରତିଯୋଗିତାରେ ବିଜୟ ମୁକୁଟ ପିନ୍ଧିଥିଲେ ନାମସା। ୨୦୧୭ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ଭାରତ ପାଇଁ ଆଣିଥିଲା ଗୌରବ। କାରଣ ମାନୁସି ଚିଲର ସେହିବର୍ଷ ମିସ୍ ୱାର୍ଲ୍ଡ ମୁକୁଟ ଜିତିଥିଲେ। ଫାଷ୍ଟ ରନର୍ସଅପ୍ ହୋଇଥିବା ଭାରତୀୟ ବଂଶୋଦ୍ଭବ ଶ୍ରୀ ସାଇନି ☞ପୃଷ୍ଠା-୫

# ଉପକୂଳରୁ ଉପାନ୍ତ ସବୁଠି ତାତି



- ୩୯ ଡିଗ୍ରୀ ଉପରେ ରାଜ୍ୟର ୮ ସହର
- ବଲାଙ୍ଗୀରରେ ୪୦ ଡିଗ୍ରୀ ଟପିଲା ପାରଦ
- ସତର୍କ ରୁହ, ମୁକାବିଲା କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ପ୍ରଚଣ୍ଡ ଗ୍ରୀଷ୍ମରେ ଉତ୍ତପ୍ତ ହୋଇଛି ସାରା ଓଡ଼ିଶା। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ଦେଖାଦେଇଛି। ଗତ ୨-୩ ଦିନ ହେବ ପାରଦ ଉପରମୁହାଁ ହୋଇଥିବାବେଳେ ଅସହ୍ୟ ଝାଞ୍ଜି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଦିନ ୧୧ଟା ପରେ ବାହାରେ ରହିବା ମୁସ୍କିଲ ହୋଇପଡୁଛି। ଗୁରୁବାର ରାଜ୍ୟର ୩ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଏବଂ ୮ଟି ସହର ୩୯ ଡିଗ୍ରୀ ଟପିଯାଇଛି। ବଲାଙ୍ଗୀରର ସର୍ବୋଚ୍ଚ ତାପମାତ୍ରା ୪୦.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୦, ଝାରସୁଗୁଡ଼ା ୩୯.୨, ସମ୍ବଲପୁର ୩୯.୧, ଭବାନୀପାଟଣା ୩୯.୪, ଟିଟିଲାଗଡ଼ ୩୯.୬, ସୋନପୁର ୩୯.୨, ନୟାଗଡ଼ ୩୯, ଅନୁଗୋଳ ୩୮.୭, ତାଳଚେର ୩୮, ଭଦ୍ରକ ୩୭.୬, ଯାଜପୁର ୩୭.୨ ଫୁଲବାଣୀ ୩୭.୬, ହୀରାକୁଦ ୩୭.୯ ଏବଂ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୭.୫ ଡିଗ୍ରୀ ସେଲ୍‌ସିୟସ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ ଏବଂ ସମ୍ବଲପୁରରେ ପ୍ରବଳ ତାତି ଅନୁଭୂତ ହେବ। ଏ ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ସତର୍କ ରହିବା ଏବଂ ଅଂଶୁଘାତ ମୁକାବିଲା ଲାଗି ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି।

ମାର୍ଚ୍ଚ ତୃତୀୟ ସପ୍ତାହ ବେଳକୁ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଡେଇଁବା ସରକାରଙ୍କ ଚିନ୍ତା ବଢ଼ାଇଛି। ଏହାର ମୁକାବିଲା ଲାଗି ଗୁରୁବାର ଲୋକସଭା ଭବନରେ ମୁଖ୍ୟ ଶାସନ ସଚିବ ରାଜ୍ୟସ୍ତରୀୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପାନୀୟଜଳ ଯୋଗାଣ, ଡାକ୍ତରଖାନାରେ ଅଂଶୁଘାତ ଚିକିତ୍ସା, ଜଙ୍ଗଲ ନିଆଁ ନିରୋଧ ବ୍ୟବସ୍ଥାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ଉତ୍ସ ବିଶୁଦ୍ଧୀକରଣ, ନିୟମିତ ଯାଞ୍ଚ, ଆବଶ୍ୟକ ସ୍ଥଳେ ମରାମତି କରିବା ଲାଗି କୁହାଯାଇଛି। କୂଅ, ନଳକୂପ ନିକଟରେ ବୁଲାପ୍ରାଣୀଙ୍କ ପାଇଁ ଜଳକୁଣ୍ଡ ବ୍ୟବସ୍ଥା, ଜଙ୍ଗଲରେ ପ୍ରବାହିତ ଝରଣାରେ ବାଲି ବସ୍ତା ଦେଇ ଛୋଟ ଆଡିବନ୍ଧ ନିର୍ମାଣ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିପର୍ଯ୍ୟୟ ମୁକାବିଲା ଗ୍ରୁପ୍‌ଗୁଡ଼ିକ ଦୈନିକ ବୈଠକ କରି ପ୍ରସ୍ତୁତିର ଅନୁଶୀଳନ କରିବା, ଗ୍ରୀଷ୍ମପ୍ରବାହ ସମ୍ପର୍କରେ ଆଗୁଆ ସତର୍କ ସୂଚନା ପ୍ରସାରଣ, ସଚେତନତା ସୃଷ୍ଟିରେ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଘ, ପଞ୍ଚାୟତିରାଜ ଅନୁଷ୍ଠାନ, ଗ୍ରାମ୍ୟଗୋଷ୍ଠୀକୁ ସାମିଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଆର୍‌ସି ପ୍ରଦୀପ କୁମାର ଜେନା କହିଛନ୍ତି, ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଫେବୃୟାରୀରୁ ଏସ୍‌ଓପି ଜାରି କରାଯାଇଛି। ସମ୍ପୃକ୍ତ ବିଭାଗ ପ୍ରସ୍ତୁତି ଯୋଜନାର ଅଗ୍ରଗତି ବିଷୟରେ ନିୟମିତ ଭାବେ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଅଙ୍ଗନୱାଡି ଏବଂ ଆଶାକର୍ମୀଙ୍କ ପାଖରେ ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା, ପଶୁପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ଜଳ ଓ ବିଶ୍ରାମ ☞ପୃଷ୍ଠା-୫

# ଘରେ ପୋଡ଼ିହୋଇ ୪ ଗୁରୁତର

**ରାୟଗଡ଼ା ଅଫିସ,୧୭।୩**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦର ଅଞ୍ଚଳରେ ଗୁରୁବାର ଘରେ ନିଆଁ ଲାଗି ଗୋଟିଏ ପରିବାରର ୪ ଜଣ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦୟାନିଧି ବେହେରା, ସ୍ତ୍ରୀ ଲକ୍ଷ୍ମୀ, ବଡ଼ ବୋହୂ ସ୍ୱପ୍ନା ଏବଂ ସାନ ପୁଅ ଅନିଲ।

ସୂଚନା ଅନୁଯାୟୀ, ଘରୁ ଚିତ୍କାର ଶୁଣି ପଡ଼ୋଶୀ ଏବଂ ସାହି ଲୋକେ ନିଆଁକୁ ସାମାନ୍ୟ ଆୟତ୍ତ କରିବା ସହ ୪ ଗୁରୁତରଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଲିଭାଇଥିଲା। ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଥିବା ସାହି ଲୋକେ ଅନୁମାନ କରିଛନ୍ତି। ତେବେ ପ୍ରାଥମିକ ତଦନ୍ତବେଳେ ଘରୁ ପେଟ୍ରୋଲ ଡବା ମିଳିଥିବାରୁ ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ଥିବା କଲ୍ୟାଣସିଂହପୁର ଥାନା ଅଧିକାରୀ ସୁକୁମା ହାଁସଦା କହିଛନ୍ତି। ଏଥିସହ ଘଟଣା ବେଡ୍‌ରୁମ୍‌ରେ ଘଟିଥିବା ସେ କହିଛନ୍ତି। ତେଣୁ ଏହାର କାରଣକୁ ☞ପୃଷ୍ଠା-୫

# ଚିହ୍ନଟ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ



**ସେବାୟତଙ୍କୁ ଗୁଳିକରି ହତ୍ୟା ମାମଲା**

- ବିଭିନ୍ନ ସ୍ଥାନରେ ଚଢ଼ାଉ କଲା ୪ ଟିମ୍
- ରାଜ୍ୟ ବାହାରକୁ ଅଭିଯୁକ୍ତ ଖସିଯାଇଥିବା ସନ୍ଦେହ
- ଜଣେ ସହଯୋଗୀ ଅଟକ, ୨ଜଣଙ୍କୁ ପଚରାଉଚରା

**ପୁରୀ ଅଫିସ,୧୭।୩**

ସୁଆର ମହାସୁଆର ନିଯୋଗ ସମ୍ପାଦକ ତଥା ଶ୍ରୀମନ୍ଦିର ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ (କାଳିଆ)ଙ୍କ ହତ୍ୟା ମାମଲାକୁ ଇତିମଧ୍ୟରେ ୨୪ ଘଣ୍ଟା ପୂରିଲାଣି। ହେଲେ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। ଅଭିଯୁକ୍ତମାନଙ୍କୁ ଚିହ୍ନଟ ଏବଂ ପୁରୀଠୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପୋଲିସର ୪ ସ୍ୱତନ୍ତ୍ର ଟିମ୍ ସହ ସ୍ପେଶାଲ୍ ସ୍କାଡ୍ ଚଢାଉ କରିବା ସତ୍ତ୍ୱେ ଅଭିଯୁକ୍ତମାନଙ୍କୁ ଧରିପାରିନାହିଁ। କୃଷ୍ଣଚନ୍ଦ୍ରଙ୍କ ଭାଇ ନରସିଂହ ପ୍ରତିହାରୀଙ୍କ ଏତଲା ଭିତ୍ତିରେ ପୋଲିସ ୪ ଅଭିଯୁକ୍ତ କୁନୁମୁନି ସୁଆର, ହରି ପଣ୍ଡା, ଟୁଟୁ ମହାପାତ୍ର ଏବଂ ବାବା ମହାପାତ୍ରଙ୍କ ନାମରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏମାନଙ୍କ ବିରୋଧରେ ଆଇପିସି ଧାରା ୩୦୨, ୧୨୦ ବି, ୩୪ ଏବଂ ଆର୍ମ୍ସ ଆକ୍ଟ-୨୫ ଓ ୨୭ରେ ଏକ କେସ୍ (ନଂ. ୯୦/୨୦୨୨) ରୁଜୁ କରାଯାଇଛି।

ତଦନ୍ତର ଦ୍ୱିତୀୟ ଦିନରେ ଗୁରୁବାର ଅଭିଯୁକ୍ତଙ୍କୁ ଖୋଜିଖୋଜି ନୟାନ୍ତ ହୋଇଛି ପୁରୀ ପୋଲିସ। ପୁରୀ ସଦର ସମେତ ବ୍ରହ୍ମଗିରି, ସାତପଡ଼ା, କୃଷ୍ଣପ୍ରସାଦ, କୋଣାର୍କ ପ୍ରଭୃତି ଅଞ୍ଚଳର ସମ୍ଭାବ୍ୟ ସ୍ଥାନ ଓ ☞ପୃଷ୍ଠା-୫

# ଗ୍ରାମବାସୀ ଗଢ଼ିଲେ ଡାକଘର



ସେଦିନର ଜରାଜୀର୍ଣ୍ଣ ଗୋଗୁଆ ପୋଷ୍ଟ ଅଫିସ।


ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା କୋଠା।

**କେନ୍ଦ୍ରାପଡ଼ା ଅଫିସ,୧୭।୩**

**ମିଳିତ ହାତର ଫଳ**

- ଡାକ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେଲେ ନାହିଁ

କୁହାଯାଏ ମିଳିତ ହାତ ବଳ ଯେମିତି ଶକ୍ତିଶାଳୀ, ତା'ର ଫଳ ବି ସେମିତି ମିଠା । ଏହି କଥାକୁ ପ୍ରମାଣିତ କରି ଦେଖାଇଛନ୍ତି କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ୍ ଅଧୀନ ଗୋଗୁଆ ଗ୍ରାମବାସୀ। ସେମାନଙ୍କ ମିଳିତ ଉଦ୍ୟମ, ଆର୍ଥିକ ସହାୟତା ଓ ଶ୍ରମଦାନ ଫଳରେ ଗ୍ରାମର ମୃତପ୍ରାୟ ପୋଷ୍ଟ ଅଫିସ ଏବେ ଜୀବନ୍ୟାସ ପାଇଛି। ଏହି ରିପୋର୍ଟ ପ୍ରସ୍ତୁତ କରିବା ବେଳେ ଆମେ ସେଦିନର ଜରାଜୀର୍ଣ୍ଣ ପୋଷ୍ଟ ଅଫିସର ଫଟୋ ସହିତ ଗ୍ରାମବାସୀଙ୍କ ଉଦ୍ୟମରେ ନିର୍ମାଣ କରାଯାଇଥିବା ନୂତନ କୋଠାର ଫଟୋ ପ୍ରକାଶିତ କରିବାକୁ ଉଚିତ୍ ମଣିଛୁ। ସମସ୍ତଙ୍କ ପାଇଁ ପ୍ରେରଣା ସାଜିଥିବା ଗୋଗୁଆ ଗ୍ରାମବାସୀଙ୍କ ଏହି ଉଦ୍ୟମକୁ ଆମେ ବି ସ୍ୱାଗତ କରିଛୁ । କେବଳ ସରକାରଙ୍କ ଉପରେ ନିର୍ଭର କରିବା, କାମ ନ ହେଲେ ସମାଲୋଚନା କରିବା ବଦଳରେ ନିଜ ଉଦ୍ୟମରେ କିଛି କରାଯାଇପାରେ ବୋଲି ଗୋଗୁଆ ଗ୍ରାମବାସୀ ପ୍ରମାଣିତ କରି ଦେଖାଇଛନ୍ତି । ଅନ୍ୟପକ୍ଷେ ଏହି ପୋଷ୍ଟ ଅଫିସର ଜରାଜୀର୍ଣ୍ଣ ଅବସ୍ଥା ସମ୍ପର୍କରେ ୨୦୨୦ ଅଗଷ୍ଟ ୯ରେ ଗ୍ରାମାଞ୍ଚଳ ପୋଷ୍ଟ ଅଫିସ ଅବହେଳିତ ଶୀର୍ଷକରେ ଏକ ସ୍ୱତନ୍ତ୍ର ରିପୋର୍ଟ ଧରିତ୍ରୀରେ ପ୍ରକାଶ ପାଇଥିଲା । ଡାକ ବିଭାଗ ଉପରେ ଏହାର ପ୍ରଭାବ ପଡି ☞ପୃଷ୍ଠା-୫



## ସଂକ୍ଷେପରେ

### ୨୦୨୪ ସୁଦ୍ଧା ସରିବ ଉନ୍ନୟନ କାର୍ଯ୍ୟ

**ଏସ୍‌ସିବି ମେଡିକାଲକୁ ଏମ୍ସସ୍ତରୀୟ ନିମନ୍ତେ ବୈଠକ**

କଟକ ଅଫିସ, ୧୭।୩:
ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏମ୍‌ସସ୍ତରୀୟ କରିବା ନିମନ୍ତେ ଦ୍ୱିତୀୟ ଉନ୍ନୟନ ବୈଠକ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୪ ଜାନୁୟାରୀ ୧ ତାରିଖ ସୁଦ୍ଧା ସମସ୍ତ ଉନ୍ନୟନ କାର୍ଯ୍ୟ ସମାପ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବି ପ୍ରକଳ୍ପ ରୂପାୟନ କମିଟି ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଏସ୍‌ସିବି ମେଡିକାଲକୁ ଏମ୍‌ସସ୍ତରୀୟ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇ କହିଥିଲେ, ବିରୂପା ରେସିଡେନ୍ସି ନିର୍ମାଣ ସ୍ଥଳୀରେ ଥିବା ଓମ୍‌ଫେଡ୍ ଏବଂ ଓପୋଲଫେଡ୍ ବୁଥ୍‌କୁ ସ୍ଥାନାନ୍ତର ନିମନ୍ତେ ସ୍ଥାନ ନିରୂପଣ କରାଯାଇଛି। କାଠଯୋଡ଼ି ରେସିଡେନ୍ସି ନିର୍ମାଣସ୍ଥଳୀରେ ଥିବା ୱାର୍ଡ କାର୍ଯ୍ୟାଳୟ, ଓମ୍‌ଫେଡ୍, ଓପୋଲଫେଡ୍ ପାର୍ଲର ଓ ୨୫ଟି ଦୋକାନ ଭଙ୍ଗାଯାଇ ସ୍ଥାନାନ୍ତରଣ କାର୍ଯ୍ୟ ଚାଲୁ ରହିଛି। ଏଥିସହ ୱାଟ୍‌କୋ ବୋଷ ନିକଟରେ ଥିବା ଅଦରକାରୀ ଡ୍ରେନ, ୨ଟି ଜଳ ପ୍ରବାହିତ ଡ୍ରେନ, ଜଳ ଯୋଗାଣ ପାଇପଲାଇନ କାଠଯୋଡ଼ି ରେସିଡେନ୍ସି ନିକଟରୁ ଭାଙ୍ଗି ନୂତନ ଭାବେ ନିର୍ମାଣ କାର୍ଯ୍ୟ କରୁଥିବା କମିଶନର ଦାସ ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଜିଲା ପ୍ରଶାସନ ପକ୍ଷରୁ ମେଡିକାଲ ଚାରିପାଖରେ ଥିବା ଜମିଗୁଡ଼ିକୁ ଅଧିଗ୍ରହଣ ସହ ପ୍ରଦାନ କରାଯାଇଥିବା କ୍ଷତିପୂରଣ ତଥ୍ୟ ଉପସ୍ଥାପନ କରିଥିଲେ। ଓଏମ୍‌ପି ଛକ ନିକଟରେ ପ୍ରସ୍ତାବିତ ଡିଏଭି ପବ୍ଲିକ ସ୍କୁଲ ପରିସରରୁ ଗଛ କଟା ସରିଛି ଓ ନୂତନ ବୃକ୍ଷରୋପଣ ନିମନ୍ତେ ୮.୩୯ ଲକ୍ଷ ଟଙ୍କା ଜମା କରାଯାଇଥିବା ବନ ବିଭାଗ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ପାଢୀ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଓଡ଼ିଶା ବ୍ରିଜ୍ ନିର୍ମାଣ ନିଗମ ଲିଃ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜୟକୃଷ୍ଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ୍, ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ଏସ୍‌ସିବି ମେଡିକାଲର ଡିନ୍ ଓ ଅଧ୍ୟକ୍ଷ ଡା. ଦତ୍ତେଶ୍ୱର ହୋତା, ଅଧୀକ୍ଷକ ଡା. ଲୁସି ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିମାଡ଼

- ୩ ଦୁର୍ବୃତ୍ତ ନେଇଗଲେ ୫୮,୯୦୦ଟଙ୍କା
- ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ପୋଲିସ ଟିମ୍ ଗଠିତ

ଖୋର୍ଦ୍ଧା ଅଫିସ/ ବେଗୁନିଆ, ୧୭।୩ (ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲାରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ଘରେ ପଶି ଲୁଟ୍ କରୁଛନ୍ତି ତ ପୁଣି କେତେବେଳେ ରାସ୍ତାଘାଟରେ ଦିନଦ୍ୱିପ୍ରହରରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଗୁରୁବାର ବେଗୁନିଆ ଥାନା ଧାନଘରନୂଆଗାଁ ରାସ୍ତାରେ ୩ଜଣ ଦୁର୍ବୃତ୍ତ ଏକ ଘରୋଇ ଫାଇନାନ୍ସ ସଂସ୍ଥାର ଜଣେ ମହିଳା କର୍ମଚାରୀଙ୍କୁ ଗୁଳିମାଡ଼ କରି ୫୮ହଜାର ୯୦୦ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ହେଲେ ରଞ୍ଜିତା ଖଟୁଆ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଫାଇନାନ୍ସ ସଂସ୍ଥାର ଖାଖା ପରିଚାଳକ କିରଣ କୁମାର ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ



ଆହତ ମହିଳା ଫାଇନାନ୍ସ କର୍ମଚାରୀ

ମାମଲା(ନଂ.୬୬/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ସହରରେ ଥିବା ମଦୁରା ନାମକ ଏକ ଘରୋଇ ଫାଇନାନ୍ସ ସଂସ୍ଥା ବେଗୁନିଆ ବ୍ଲକ ଅଞ୍ଚଳର ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଆକାରରେ ଅର୍ଥ ପ୍ରଦାନ କରିଆସୁଛି। ଗୁରୁବାର ଅପରାହ୍ଣରେ ଧାନଘରନୂଆଗାଁ ଗ୍ରାମର ଏକ ଗ୍ରୁପରୁ ଟଙ୍କା ଆଦାୟ କରି ରଞ୍ଜିତା ସ୍କୁଟିରେ କାର୍ଯ୍ୟାଳୟକୁ ଫେରୁଥିଲେ। ପୂର୍ବରୁ ଏକ କଳା ପଲସରରେ ତାଙ୍କୁ ପିଛା କରୁଥିବା ୩ଜଣ ଦୁର୍ବୃତ୍ତ ଆସି ବେଗୁନିଆ-ଧାନଘରନୂଆଗାଁ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଟକାଇଥିଲେ। ତେବେ ରଞ୍ଜିତା ନ ଅଟକିବାରୁ ଲୁଟେରାମାନେ ତାଙ୍କ ଡାହାଣ ଗୋଡ଼କୁ ଗୁଳିମାଡ଼ କରିଥିଲେ। ଫଳରେ ସେ ସ୍କୁଟିରୁ ତଳେ ପଡ଼ିଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ରଞ୍ଜିତାଙ୍କ ଠାରୁ ଟଙ୍କା ଭର୍ତ୍ତି ବ୍ୟାଗକୁ ଛଡ଼ାଇ ନେଇ ପଳାଇଥିଲେ। ସ୍ଥାନୀୟଲୋକେ ଗୁରୁତର ଅବସ୍ଥାରେ ରଞ୍ଜିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଓ ଗୋଟଏ ଖୋକା ଜବତ କରିଛି। ଏନେଇ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି, ଗୁରୁତର ରଞ୍ଜିତାଙ୍କ ପ୍ରାଥମିକ ବୟାନ ରେକର୍ଡ କରାଯାଇଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ନିକଟରେ ଜେଲରୁ ଜାମିନରେ ଆସିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଫେବୃୟାରୀ ୨ରେ ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ଛକରେ ୪ଜଣ ଦୁର୍ବୃତ୍ତ ଦୁଇଟି କଳା ପଲସରରେ ଆସି ୨ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ୨ଜଣ କମ୍ପାନୀ କର୍ମଚାରୀଙ୍କ ଠାରୁ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଜୀବନ ବଞ୍ଚାଇବାକୁ କର୍ମଚାରୀ ଦ୍ୱୟ ରାସ୍ତାକଡ଼ କେନାଲକୁ ଡେଇଁପଡିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କ କୌଣସି ଟେର ପାଇନାହିଁ।

# ମହାନଦୀରେ ବୁଡ଼ି ଛାତ୍ର ମୃତ

- ୨ ଜଣ ବର୍ତ୍ତିଗଲେ
- ୫ ଜଣ ସାଙ୍ଗ ଗାଧୋଇବାକୁ ଯାଇଥିଲେ

ତିର୍ତ୍ତୋଲ, ୧୭।୩ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ମହାନଦୀ ପୋଷଲ ଘାଟକୁ ଗୁରୁବାର ଅପରାହ୍ଣରେ ଗାଧୋଇବାକୁ ଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର (ଶ) ପଞ୍ଚାୟତ ଅନ୍ତର୍ଗତ ବଡ଼ଜିଙ୍ଗଲ ଗ୍ରାମର ନୃସିଂହ ଦାସଙ୍କ ପୁଅ ବିବେକ (୧୮)। ସେ ହେଲେ ତିର୍ତ୍ତୋଲ ବ୍ଲକ କନିମୂଳସ୍ଥିତ ବାୟା ଅବଧୂତ କଲେଜର ଯୁକ୍ତ ୨ କଳା ଛାତ୍ର।

ବିବେକଙ୍କ ସହ ଉକ୍ତ ଗ୍ରାମର ଆଉ ୪ ଜଣ ସାଙ୍ଗ ଏହି ଘାଟକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପାଣିର ସ୍ରୋତରେ ବିବେକଙ୍କ ସହ ରାହୁଲ ଦାସ ଓ ନାଣ୍ଟୁ ଦାସ ପାଣିରେ ଭାସିଯାଇଥିଲେ। ସାଥିରେ ଥିବା ଅନ୍ୟ ସାଙ୍ଗ ଓ ପୋଷଲ ଗ୍ରାମର ଜଣେ ଯୁବକ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ବିବେକ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନଦୀରେ ଖୋଜାଖୋଜି କରି ଶେଷରେ ବିବେକଙ୍କ ମୃତଦେହ ପାଇଥିଲେ। ଗୁରୁତର ଅବସ୍ଥାରେ ରାହୁଲ ଓ ନାଣ୍ଟୁଙ୍କୁ ସ୍ଥାନୀୟ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ କୁଜଙ୍ଗ ଓ ଗରଦପୁର ବ୍ଲକ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। କୃଷ୍ଣାନନ୍ଦପୁର ଫାଣ୍ଡି ଅଧିକାରୀ ଅସିତ୍ କାନୁନ୍‌ଗୋ ବିବେକଙ୍କ ମୃତଦେହ ଜବତ କରିବା ସହ ତିର୍ତ୍ତୋଲ ଥାନାରେ ଜଣାଇଛନ୍ତି।

# ମାଓବାଦୀଙ୍କ ମୂଳୋତ୍ପାଟନ ଆମ ଦାୟିତ୍ୱ: ବିଏସ୍‌ଏଫ୍ ଆଇଜି



ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ ଆଇଜି ବୁଡାକଟି ସୂଚନା ଦେଉଛନ୍ତି।

ମାଲକାନଗିରି, ୧୭।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଏକ ମାଓବାଦୀପ୍ରବଣ ଅଞ୍ଚଳ। ମାଓବାଦୀଙ୍କ ମୂଳୋତ୍ପାଟନ, ଜିଲାର ବିକାଶ, ସାଧାରଣ ଲୋକଙ୍କ ସହିତ ଜଡ଼ିତ ଆମର ଦାୟିତ୍ୱ ବୋଲି ଗୁରୁବାର ମାଲକାନଗିରି ଏମ୍‌ଭି-୩ସ୍ଥିତ ବିଏସ୍‌ଏଫ୍ ମୁଖ୍ୟାଳୟରେ ଆଇଜି ସତୀଶ ଚନ୍ଦ୍ର ବୁଡାକଟି ପ୍ରକାଶ କରିଛନ୍ତି। ଏକ ସମ୍ପୂର୍ଣ୍ଣ ମାଓବାଦୀ ହିଂସାମୁକ୍ତ ଓ ବିକାଶଶୀଳ ମାଲକାନଗିରି ଗଠନ କରିବା ବିଏସ୍‌ଏଫ୍‌ର ଲକ୍ଷ୍ୟ ବୋଲି ଦିନିକିଆ ମାଲକାନଗିରି ଗସ୍ତରେ ଆସି ସେ ଏହା କହିଛନ୍ତି।

ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସେ କହିଛନ୍ତି ଯେ, ଅବିଭକ୍ତ କୋରାପୁଟ ଜିଲା ୨୦୧୦ ପୂର୍ବରୁ ମାଓବାଦୀଙ୍କ କବ୍‌ଜାରେ ଥିଲା। ଏଠାରେ ହିଂସା, ପୋଲିସ ଉପରେ ଆକ୍ରମଣ, ଅସ୍ତ୍ରଶସ୍ତ୍ର ଲୁଟ, ଅପହରଣ, ବିସ୍ଫୋରଣ ଭଳି ଘଟଣା ଘଟାଇ ମାଓବାଦୀମାନେ ଅଞ୍ଚଳକୁ ନିଜ କବ୍‌ଜାରେ ରଖିଥିଲେ। ସନ୍ଧ୍ୟା ହେଲେ ଅଞ୍ଚଳରେ ତାଟି କବାଟ ପଡ଼ିଯାଉଥିଲା। ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏଭଳି ସମୟରେ ଅବିଭକ୍ତ କୋରାପୁଟ ଜିଲାରେ ବିଏସ୍‌ଏଫ୍ ମୁତୟନ ହୋଇଥିଲା। ଏବେ ଦୀର୍ଘ ୧୧ ବର୍ଷ ମଧ୍ୟରେ ଲୋକଙ୍କ ସହଯୋଗରେ ମାଲକାନଗିରି ଜିଲାରୁ ମାଓବାଦୀଙ୍କ ମୂଳୋତ୍ପାଟନ ହୋଇଛି ବୋଲି ବୁଡ଼ାକଟି କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଲୋକଙ୍କ ବିକାଶ ହୋଇଛି। ମାଓବାଦୀ ଗଡ଼ ରୂପେ ପରିଚିତ ଚିତ୍ରକୋଣ୍ଡା ବ୍ଲକରେ ୬ଟି ପୋଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଇ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଯାଇପାରିଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ୧୫୨ ଖଣ୍ଡ ଗ୍ରାମକୁ ରାସ୍ତା ନିର୍ମାଣ, ନୂତନ ବିଦ୍ୟାଳୟ ନିର୍ମାଣ, ମୋବାଇଲ ଟାୱାର ପ୍ରତିଷ୍ଠା, ପଞ୍ଚାୟତ ନିର୍ବାଚନ ପରିଚାଳନାରେ ବିଏସ୍‌ଏଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚନା ଦେଇଥିଲେ। ମାଓବାଦୀଙ୍କୁ ଦମନ କରିବା କ୍ଷେତ୍ରରେ ପ୍ରାଣବଳି ଦେଇଥିବା ଯବାନଙ୍କୁ ଏହି ଅବସରରେ ବୁଡାକଟି ସ୍ମରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଟିଆର୍ ଓଡ଼ିଶା ଡିଆଇଜି ବିପୁଳବୀର ଗୁସାଇ, ମାଲକାନଗିରି ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ପ୍ରମୁଖ ବୁଡାକଟିଙ୍କ ସହ ଥିଲେ।



ନବୀନ ନିବାସଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାସ୍ୟ ଅଭିନେତା କପିଲ୍ ଶର୍ମା ଓ ଅଭିନେତ୍ରୀ ନନ୍ଦିତା ଦାସ ସାକ୍ଷାତ୍ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କପିଲ, ନନ୍ଦିତା

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ହାସ୍ୟ ଅଭିନେତା କପିଲ ଶର୍ମା ଗୁରୁବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ବଲିଉଡ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ । କପିଲ ଶର୍ମା ନନ୍ଦିତା ଦାସଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି । ପ୍ରାୟ ମାସେ ହେବ ସେ ଭୁବନେଶ୍ୱରରେ ରହି ଏହି ଫିଲ୍ମ ଶୁଟିଂ କରୁଛନ୍ତି । ଉକ୍ତ ଚଳଚ୍ଚିତ୍ରରେ କପିଲ ଶର୍ମା ଏକ ଡେଲିଭରି ବୟ ଭୂମିକାରେ ଅଭିନୟ କରୁଛନ୍ତି ।

# ଗ୍ରାମରୁ ୪ କିମି ଗଲେ ମିଳେ ଆନ୍ଧ୍ର ନେଟ୍ ୱର୍କ ସୁବିଧା

**ମାନ୍ୟମକୋଣ୍ଡା ପଞ୍ଚାୟତ**

ମାଲକାନଗିରି, ୧୭।୩ (ଡି.ଏନ.ଏ.)

ମାଲକାନଗିରି ଜିଲାର ବହୁ ଅଞ୍ଚଳ ଏବେ ମଧ୍ୟ ବିକାଶଠାରୁ ବହୁଦୂରରେ ରହିଛି। ଏପରି ଅନେକ ଗ୍ରାମ, ପଞ୍ଚାୟତ ଅଛି ଯାହା ବିକାଶଠାରୁ ବହୁ ଦୂରରେ। ଏପରି ଏକ ପଞ୍ଚାୟତ ହେଉଛି ଜିଲାର କାଲିମେଳା ବ୍ଲକର ମାନ୍ୟମକୋଣ୍ଡା ପଞ୍ଚାୟତ । ଏହି ପଞ୍ଚାୟତରେ ଲୋକମାନେ ମୌଳିକ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଥିବା ରାସ୍ତାରେ କେବଳ ଦୁଇଚକିଆ ଯାନ ଯାତାୟାତ କରିପାରୁଛି। ମାନ୍ୟମକୋଣ୍ଡା ପଞ୍ଚାୟତର ସମସ୍ତ ଗ୍ରାମକୁ ପାନୀୟଜଳ, ନେଟ୍‌ୱର୍କ ସମସ୍ୟା ଲାଗିରହିଛି। ନିକଟସ୍ଥ ଝରଣା ଜଳ ଲୋକଙ୍କ ଭରସା। ତେବେ ଖରାଦିନେ ଝରଣାର ଝର ଶୁଖି ଯାଉଥିବାରୁ ପାନୀୟ ଜଳ ପାଇଁ ସେମାନେ ହଇରାଣ ହୋଇଥାନ୍ତି। ପୋଖରୀର ଦୂଷିତ ଜଳ ସେମାନେ ବ୍ୟବହାର କରିଥାନ୍ତି। ସ୍ୱାସ୍ଥ୍ୟସେବା ନେଇ ମଧ୍ୟ ସମସ୍ୟା ଲାଗିରହିଛି ଏଠାରେ। କାହାର ଦେହ ଖରାପ ହେଲେ ତାଙ୍କୁ ଡାକ୍ତରଖାନା ନେବାକୁ ଗ୍ରାମଠାରୁ ୪ କ.ମି. ଦୂର ଯାଇ ଆନ୍ଧ୍ର ନେଟ୍ ୱର୍କ ସହାୟତାରେ ଆମ୍ବୁଲାନ୍ସକୁ ଫୋନ୍ କରି ଡାକିଥାନ୍ତି। ଯେଉଁଠି ଆମ୍ବୁଲାନ୍ସ ଆସି ରହେ ସେଠିକୁ ରୋଗୀଙ୍କୁ ବୋହି ନେଇ ଡାକ୍ତରଖାନା ନେଇଥାନ୍ତି। ନିର୍ବାଚନ ସମୟରେ ସବୁ ସମସ୍ୟା ସମାଧାନ କରି ଦେବାକୁ ପ୍ରତିଶ୍ରୁତି ଦେଉଥିବା ରାଜନେତାଙ୍କ ନିର୍ବାଚନ ପରେ ଦେଖା ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଏହି ଉପାନ୍ତ ଅଞ୍ଚଳବାସୀ।

# ସମିତିସଭ୍ୟାଙ୍କ ଶ୍ୱଶୁରଙ୍କୁ ହତ୍ୟା



ସିମୁଳିଆ ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ।

ସିମୁଳିଆ, ୧୭।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ବଡଜୟୀପୁର ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାରୁ ଏକ ହତ୍ୟାକାଣ୍ଡ ଘଟିଛି। ଖଇରା ବ୍ଲକ ବଡଜୟୀପୁର ପଞ୍ଚାୟତର ଭାଜପା ସମର୍ଥିତ ସମିତିସଭ୍ୟ ପାର୍ବତୀ ସେଠୀଙ୍କ ଶ୍ୱଶୁର ଉପେନ୍ଦ୍ର ସେଠୀ(୬୫)ଙ୍କୁ ମାଡ଼ ମାରି ହତ୍ୟା କରାଯାଇଛି। ଏହି ଘଟଣାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜୋର ଧରିଛି । ଉପେନ୍ଦ୍ରଙ୍କ ପୁଅ ରାଜୁପ୍ରସାଦଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ବଡ଼ଜୟୀପୁର ଅଞ୍ଚଳର ଘନଶ୍ୟାମ ବାରିକ, ଚନ୍ଦନ ସେଠୀ, ଗୌତମ ସେଠୀ, ପ୍ରଶାନ୍ତ ବାରିକ, ଭଗବାନ ସେଠୀ ଓ ଜୟନ୍ତ ବେହେରାଙ୍କ ନାମରେ ମାମଲା (ନଂ.୧୦୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଉପେନ୍ଦ୍ରଙ୍କୁ ହତ୍ୟା ଅଭିଯୋଗରେ ଭାଜପା ପକ୍ଷରୁ ଗୁରୁବାର ସିମୁଳିଆ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଖଇରା ଓ ସିମୁଳିଆ ଅଞ୍ଚଳର ବହୁ କର୍ମକର୍ତ୍ତା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ସିମୁଳିଆ ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ଓ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଭାଜପା କର୍ମୀମାନେ ବିକ୍ଷୋଭରୁ ବିରତ ରହିଥିଲେ।

ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଉପେନ୍ଦ୍ର ନିଜ ପାନ ଦୋକାନରେ ବସିଥିବା ବେଳେ ନିର୍ବାଚନକୁ କେନ୍ଦ୍ର କରି ସେଠାରେ ପ୍ରଥମେ ବଚସା ହୋଇଥିଲା। ଅଭିଯୁକ୍ତମାନେ ଉପେନ୍ଦ୍ରଙ୍କୁ ଦୋକାନରୁ ଟାଣିନେଇ ମାଡ଼ ମାରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁତ୍ର ରାଜୁପ୍ରସାଦ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ଦଳକୁ ବଦନାମ କରିବା ପାଇଁ ଟାଣିଓଟାରି ଏହାକୁ ରାଜନୈତିକ ରୂପ ଦିଆଯାଉଥିବା ବିଜେଡି ପକ୍ଷରୁ କୁହାଯାଇଛି । ମୃତ ଉପେନ୍ଦ୍ରଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି ।

## ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ତୀବ୍ର ପ୍ରତିକ୍ରିୟା

ଖଇରା, ୧୭।୩(ଡି.ଏନ.ଏ.)

ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ବଡଜୟୀପୁର ପଞ୍ଚାୟତର ସମିତିସଭ୍ୟା ଶ୍ୱଶୁରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମ୍ପୃକ୍ତି ଥିବା ନେଇ ମିଥ୍ୟା ଅଭିଯୋଗ କରାଯାଇଛି। ଏହାକୁ ନେଇ ଖଇରା ବିଜେଡି ତୀବ୍ର ପ୍ରତିକ୍ରିୟା ରଖିଛି। ପୋଲିସ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଉପରେ ଭରସା ନ ରଖି ମନ୍ତ୍ରୀଙ୍କୁ ଅଯଥା ବଦନାମ କରିବାକୁ ହୀନ ଉଦ୍ୟମ କରାଯାଉଛି ବୋଲି ୬ନଂ. ଜୋନର ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର କହିଛନ୍ତି। ମନ୍ତ୍ରୀଙ୍କୁ ବିବାଦ ଘେରକୁ ଟାଣିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

**ବୁଢ଼ାବଳଙ୍ଗରୁ ବେଆଇନ ବାଲି ଉତ୍ତୋଳନ ମାମଲା**

# ୧୦୦ କୋଟିର ରାଜସ୍ୱ କ୍ଷତି



ଡିଙ୍ଗିରା ସଇରାତ୍‌ରୁ ବାଲି ଖନନ କରାଯାଉଛି।

- କେନ୍ଦ୍ର, ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଏନ୍‌ଜିଟିର ଜବାବ ତଲବ

ବାରିପଦା ଅଫିସ, ୧୭।୩

ମୟୂରଭଞ୍ଜ ଜିଲା ବୁଢ଼ାବଳଙ୍ଗ ନଦୀର ଦୁଇଟି ବାଲି ସଇରାତ୍‌ରୁ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ଓ ପରିବହନ କ୍ଷେତ୍ରରେ ୧୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚ କୋଲକାତା ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ପ୍ରଶାସନିକ ଅଧିକାରୀମାନଙ୍କଠାରୁ ଜବାବ ତଲବ କରାଯାଇଛି। ରାଧା ମୋହନ ସିଂଙ୍କ ଅଭିଯୋଗ କ୍ରମେ ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ସ୍ଥହଲେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୬ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ୪ଜଣିଆ କମିଟି ଗଠନ କରାଯାଇ ମାସକ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇଟି ବାଲି ସଇରାତ୍ ହେଲା ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ଡିଙ୍ଗିରା ଓ ଆରପଟା । ସଇରାତ୍ ଦୁଇଟିକୁ ୫ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ଡିଙ୍ଗିରା ସଇରାତ୍‌ରେ ଥିବା ଖାତା ନଂ. ୧୮୮, ପ୍ଲଟ ନଂ. ୮୪୪, ୮୬୨ର ୧୬.୧୨ଏକର ସ୍ଥାନରୁ ପ୍ରତିଦିନ ୯ ସିୟୁଏମ୍ ବାଲି ଉତ୍ତୋଳନ ପାଇଁ ୩୧ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ମିଳିଛି। ମାତ୍ର ଅବଧି ସମୟ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଏକ ବର୍ଷଧରି ବାଲି ଉତ୍ତୋଳନ କରାଯାଉଥିବାରୁ ଏହା ନିୟମ ବହିର୍ଭୂତ ବୋଲି ଅଭିଯୋଗରେ ଦର୍ଶାଯାଇଛି। ୦.୩ ମିଟର ଗଭୀର ହିସାବରେ ବର୍ଷକୁ ୨ହଜାର ସିୟୁଏମ ବାଲି ଉତ୍ତୋଳନ କରିବାକୁ ଥିବା ବେଳେ ପ୍ରତିଦିନ ପ୍ରୋକଲିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବେ ୨୨୯୫ସିୟୁଏମ୍ ବାଲି ଉତ୍ତୋଳନ କରାଯାଇଛି। ଏହି କ୍ରମରେ ବର୍ଷକୁ ୪,୮୧୯ଲକ୍ଷ ସିୟୁଏମ ବାଲି ଖନନ ହେଉଥିବା ବେଳେ ଯାହାକି ଅନୁମତି ସୀମାର ୨୪୦ଗୁଣ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହା ଦ୍ୱାରା ସରକାର ୪୩.୬୮କୋଟି ଟଙ୍କା ରାଜସ୍ୱ ହରାଇଥିବା ଆକଳନ କରାଯାଇଛି।

ସେହିପରି ଆରପଟା ମୌଜା ଖାତା ନଂ. ୨୬୧, ପ୍ଲଟ ନଂ. ୫୫୪/୧ର ୧୩ଏକର କ୍ଷେତ୍ର ବିଶିଷ୍ଟ ଅଞ୍ଚଳରୁ ପ୍ରତିଦିନ ୧୦ସିୟୁଏମ ବାଲି ଉତ୍ତୋଳନ ପାଇଁ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ମିଳିଛି। ସମୟ ଅବଧି ଶେଷ ହେବା ପରେ ମଧ୍ୟ ଅଦ୍ୟାବଧି ମଞ୍ଜୁରୀକୁ ବିସ୍ତାର କରା ନ ଯାଇ ବାଲି ଖନନ ଜାରି ରହିଛି। ଫଳରେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ରାଜସ୍ୱ ଆଦାୟରେ କ୍ଷତି ପହଞ୍ଚିଛି । ଏକ ମିଟର ଗଭୀରରୁ ବର୍ଷକୁ ୨୨ଶହ ସିୟୁଏମ ବାଲି ଉତ୍ତୋଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପ୍ରତିଦିନ ୨୯୭୦ସିୟୁଏମ ବାଲି ଉତ୍ତୋଳନ କରାଯାଇଛି। ଯାହାର ବର୍ଷକୁ ୬.୨୩ଲକ୍ଷ ସିୟୁଏମ ବାଲି ଖନନ କରାଯାଇଥିବା ବେଳେ ଅନୁମତି ସୀମାର ୨୪୦ଗୁଣ ଅଟେ। ଏହାକୁ ନେଇ ବର୍ଷକୁ ୫୩.୨୬କୋଟି ଟଙ୍କାର ରାଜସ୍ୱହାନୀ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏଣୁ ଦୁଇଟି ସୈରାତରୁ ବେଆଇନ ଭାବେ ପାଖାପାଖି ଶହେ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉଭୟ ସୈରାତକୁ ନେଇ ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ୩୦/୨୦୨୨/ଇଜେଡ୍ ଓ ୩୧/୨୦୨୨ଇଜେଡ୍‌ରେ ମାମଲା ରୁଜୁ ହୋଇଛି। ତେବେ ତଦନ୍ତ କମିଟିରେ ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଜିଲାପାଳ କିମ୍ବା ତାଙ୍କର କେହି ପ୍ରତିନିଧି ଓ ଜିଲା ଖଣି ଅଧିକାରୀ କମିଟିରେ ରହି ତଦନ୍ତ କରିବେ। ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

## କୂଅରେ ପଡ଼ି ମହିଳା ଗୁରୁତର

ଭୁବନ,(ଡି.ଏନ.ଏ.): ଭୁବନ ଥାନା ଓଡ଼ିଶ ଗ୍ରାମର ସୁରେଶ ଚନ୍ଦ୍ର ରଣାଙ୍କ ସ୍ତ୍ରୀ ମଞ୍ଜୁଳା (୩୬) ଗୁରୁବାର ସନ୍ଧ୍ୟାରେ କୂଅରେ ପଡ଼ି ଗୁରୁତର ହୋଇଛନ୍ତି। ମଞ୍ଜୁଳା ପାଣି ବାହାର କରୁଥିବାବେଳେ କୂଅରେ ଖସିପଡ଼ିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୬ ମାସରେ ପ୍ରମୁଖ କାର୍ଯ୍ୟାଳୟରେ ଓସ୍ୱାସ୍

**ଢେଙ୍କାନାଳ ଅଫିସ, ୧୭।୩**

**ଜିଲା କାର୍ଯ୍ୟାଳୟରେ ଆରମ୍ଭ ହେଲା ଅନ୍‌ଲାଇନ୍ ନଥିପତ୍ର କାମ**

ଏଣିକି ଅନ୍‌ଲାଇନ୍‌ରେ ହେବ ଫାଇଲ୍ କାମ। ଚିଠିପତ୍ର, ନଥିପତ୍ର ତଦାରଖ କମ୍ପ୍ୟୁଟର ଦ୍ୱାରା କରାଯିବ। ଏହାଦ୍ୱାରା ସମୟ ଅପଚୟ କମିବ। ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବ। ହିତାଧିକାରୀଙ୍କୁ ଶୀଘ୍ର ଯୋଜନାର ସୁଫଳ ମିଳିବ। ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଗୁରୁବାରଠାରୁ ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ସେଠୀ ୩ଟି ଫାଇଲ୍ କାର୍ଯ୍ୟ ଅନ୍‌ଲାଇନ୍‌ରେ କରି ଆନୁଷ୍ଠାନିକ ଭାବେ ଏହାର ଆରମ୍ଭ କରିଛନ୍ତି। ଆଗାମୀ ୬ମାସ ମଧ୍ୟରେ ଜିଲାର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରେ ଓଡ଼ିଶା ଷ୍ଟେଟ୍ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ୍ (ଓସ୍ୱାସ୍) କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

ଓସ୍ୱାସ୍‌କୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବା ଲାଗି ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଦୁଇଦିନିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ବ୍ୟବସ୍ଥାର ରୂପରେଖ ବିଷୟରେ ବିସ୍ତୃତ ସୂଚନା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଓସ୍ୱାସର ରାଜ୍ୟ ପ୍ରକଳ୍ପ ସଂଯୋଜକ ରାଜେଶ କୁମାର ସାହୁ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ସୂଚନାଯୋଗ୍ୟ, ଜିଲା କାର୍ଯ୍ୟାଳୟରେ ଇ-ଗଭର୍ନାନ୍ସ କାର୍ଯ୍ୟକାରିତା ଲାଗି ନୋଡାଲ ଅଫିସର ଭାବେ ଭଜନାନନ୍ଦ ସାହୁ, ଇ-ଗଭର୍ନାନ୍ସ ମ୍ୟାନେଜର ଭାବେ ନଚିକେତା ସାହୁ ଦାୟିତ୍ୱରେ ଅଛନ୍ତି।


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ।

# ସମ୍ମାନ ରଖିବାକୁ ସମରସଜ୍ଜା

**ଢେଙ୍କାନାଳ ଅଫିସ, ୧୭।୩**


ଗୁଡ଼ିଆନାଳୀ ଅଞ୍ଚଳ।

- ୪ନଂ. ୱାର୍ଡରେ ନୂଆ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା
- ୫, ୬, ୭ନଂ.ରେ ବିଜେଡି-ଭାଜପା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ

ପାଖେଇ ଆସୁଛି ପୌର ନିର୍ବାଚନ। କମୁଛି ପ୍ରଚାର ମଇଦାନ। ପ୍ରତିପକ୍ଷଙ୍କୁ ପରାସ୍ତ କରିବାକୁ ପ୍ରମୁଖ ରାଜନୈତିକ ଦଳ ରଣନୀତି ପ୍ରସ୍ତୁତି ଚଳାଇଥିବାବେଳେ ସରଗରମ ହୋଇଉଠିଛି ଢେଙ୍କାନାଳ ସହରାଞ୍ଚଳର ରାଜନୈତିକ ବାତାବରଣ। ଏସବୁ ମଧ୍ୟରେ ସମସ୍ତଙ୍କ ନଜର ଅଟକିଛି ୪, ୫ ୬ ଏବଂ ୭ନଂ. ୱାର୍ଡ ଉପରେ। ୪ନଂ. ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ସବୁ ରାଜନୈତିକ ଦଳ ନୂଆ ପ୍ରାର୍ଥୀଙ୍କୁ ନେଇ ଭାଗ୍ୟ ପରୀକ୍ଷା କରୁଛନ୍ତି। ସେହିପରି ୫, ୬ ଏବଂ ୭ନଂ. ୱାର୍ଡରେ ଦଳଡିଆଁଙ୍କ ମଧ୍ୟରେ ଲଢ଼େଇ ହେଉଛି। ତେଣୁ ଏହିସବୁ ୱାର୍ଡକୁ କରାୟତ୍ତ କରିବା ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ଗୁଡିଆନାଳି, ଭାଗୀରଥି ବିହାର 'ଏ' ଓ 'ବି' ବ୍ଲକ, ଟାଉନ ଥାନା ପଛ ପାର୍ଶ୍ୱ ଆଦି ଅଞ୍ଚଳକୁ ନେଇ ଗଠିତ ୪ନଂ. ୱାର୍ଡର ଭୋଟର ସଂଖ୍ୟା ୨ ହଜାର ୪୩୮। ୨୦୦୩ରେ ଏହା କଂଗ୍ରେସ କବ୍‌ଜାରେ ଥିଲା। ଏଥର ବିଜେଡିର ଲିପିକା ଦାସ, ଭାଜପାର ରତ୍ନପ୍ରଭା ଆଏଚ୍, କଂଗ୍ରେସର ସୋନାଲି ସ୍ୱାଇଁ ଏବଂ ସ୍ୱାଧୀନ ଭାବେ ଐଶ୍ୱର୍ଯ୍ୟା ମହାନ୍ତି ନିର୍ବାଚନ ଲଢୁଛନ୍ତି। ପାନୀୟ ଜଳ, ଶୋଚନୀୟ କଂକ୍ରିଟ୍ ରାସ୍ତା ୱାର୍ଡବାସୀଙ୍କ ଦୀର୍ଘଦିନର ସମସ୍ୟା ପାଲଟିଥିବାବେଳେ ଚଳିତ ଥର ନୂଆ ସମୀକରଣ ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ସେହିପରି ଗତ ନିର୍ବାଚନରେ ୫ନଂ. ୱାର୍ଡକୁ ହାତେଇ ନେଇଥିଲା କଂଗ୍ରେସ। ହେଲେ ଚଳିତ ଥର ଦଳୀୟ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନେବା ପରେ କଂଗ୍ରେସ ଶୂନ୍ୟ ରହିଛି ଏହି ୱାର୍ଡ। କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ପ୍ରକାଶ ଚନ୍ଦ୍ର କୁଅଁର, ଭାଜପାର ନୂଆ ମୁହଁ ରୁଦ୍ରନାରାୟଣ ତ୍ରିପାଠୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଦେବେଶ କୁମାର ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଅମଲାପଡ଼ା ବସ୍‌ଷ୍ଟାଣ୍ଡ, ଚାନ୍ଦମାରିସାହି ଆଦି ଅଞ୍ଚଳକୁ ନେଇ ଗଠିତ ଏହି ୱାର୍ଡର ଭୋଟର ସଂଖ୍ୟା ୧,୫୫୦। ରାସ୍ତାଘାଟ, ଡ୍ରେନେଜ୍, ପାନୀୟଜଳ ସମସ୍ୟାକୁ ନେଇ ଏହି ୱାର୍ଡରେ ତୀବ୍ର ଅସନ୍ତୋଷ ଲାଗି ରହିଥିବାବେଳେ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି।

## ସମସ୍ତଙ୍କ ନଜରରେ ୬ନଂ. ୱାର୍ଡ

ଢେଙ୍କାନାଳ ପୌର ନିର୍ବାଚନରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ ରହୁଥିବା ୱାର୍ଡ ନଂ. ୬। ଗତ ନିର୍ବାଚନରେ କଂଗ୍ରେସର ସାଗରିକା ରାଉତ ଏଠାରୁ ବିଜୟୀ ହୋଇଥିବାବେଳେ ଚଳିତ ଥର ଦଳ ପ୍ରାର୍ଥୀ ଦେଇପାରିନାହିଁ। ବିଜେଡିରୁ ସନ୍ଦୀପ ଷଡ଼ଙ୍ଗୀ, ଭାଜପାରୁ ସନ୍ତୋଷ ରାଉତ, ଏଏପିରୁ ଦୀପକ ମହାପାତ୍ର ଏବଂ ସ୍ୱାଧୀନ ଭାବେ ପ୍ରତାପ ପଣ୍ଡା ଏହି ୱାର୍ଡରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜନଅର ଅଞ୍ଚଳ, ଦୁର୍ଗାବଜାର, ବଳରାମ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ, ରଥଗଡ଼ା ଏବଂ ଗଣେଶ ବଜାରର କିଛି ଅଞ୍ଚଳକୁ ନେଇ ଗଠିତ ୬ନଂ. ୱାର୍ଡର ମୋଟ ଭୋଟର ସଂଖ୍ୟା ୧୪୯୮। ଆଲୋକୀକରଣ, ଡ୍ରେନେଜ୍ ଆଦି ସମସ୍ୟାରେ ଦୀର୍ଘଦିନ ଧରି ଅଞ୍ଚଳବାସୀ ଧନ୍ଦି ହେଉଥିବାବେଳେ ନିର୍ବାଚନରେ ଏହାର ପ୍ରତିଫଳନ ହେବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ଅବହେଳିତ ୱାର୍ଡ ନଂ. ୭

ପ୍ରଶାସନିକ ଅବହେଳାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି ୱାର୍ଡ ନଂ. ୭। ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ ଭଳି ମୌଳିକ ସମସ୍ୟା ଅଞ୍ଚଳବାସୀଙ୍କ ଉପରେ ଦାଉ ସାଧୁଛି। ଦେଉଳସାହି, ଜୁବିଲି ଟାଉନ, ମୃଦଙ୍ଗସାହି, ଗୋଡ଼ିସାହିକୁ ନେଇ ଗଠିତ ଏହି ୱାର୍ଡର ଭୋଟର ସଂଖ୍ୟା ୩,୩୪୪। ତଥାପି ସମସ୍ୟାର ସମାଧାନ ଦିଗରେ ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଭାସିନୀ ବେହେରା ଏଠାରୁ ବିଜୟୀ ହୋଇଥିଲେ। ଏଥର ଭାଜପା ଛାଡି ବିଜେଡିରେ ଯୋଗଦେଇଥିବା ଅଜୟ ଭଞ୍ଜଙ୍କ ସ୍ତ୍ରୀ ସସ୍ମିତା ଭଞ୍ଜ, ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ବିନୋଦ ମହାନ୍ତିଙ୍କ ସ୍ତ୍ରୀ ଜୁଲିନା ମହାନ୍ତି ଏବଂ କଂଗ୍ରେସରୁ ସୁବାସିନୀ ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହେଉଛି। ଭାଜପା ଏବଂ ବିଜେଡି ଆମଦାନୀ ନେତାଙ୍କୁ ଟିକେଟ ଦେଇଥିବାରୁ ଉଭୟ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଛି। କଂଗ୍ରେସ ମଧ୍ୟ ଦୁର୍ଗ ବଞ୍ଚାଇ ରଖିବାକୁ କସରତ ଜାରି ରଖିଛି।

# 'ପ୍ରେରଣା ଯୋଗାଏ ରିଡିଂ ରୁମ୍'

**ଢେଙ୍କାନାଳ ଅଫିସ, ୧୭।୩**

**ଅନୁଭୂତି ବଖାଣିଲେ ଯୁଗ୍ମ ସଚିବ**

ଶିକ୍ଷାନୁଷ୍ଠାନ ପରିସରରେ ଥିବା ରିଡିଂ ରୁମ୍‌ରୁ ପଡ଼ିଥାଏ ଶିକ୍ଷାର୍ଥୀଙ୍କ ଭବିଷ୍ୟତର ଭିତ୍ତିଭୂମି। ସହପାଠୀଙ୍କ ସହ ଗୋଟିଏ ପ୍ରକୋଷ୍ଠରେ ବସି ପଢ଼ିବା, ଅନୁଭୂତି ବାଣ୍ଟିବା, ଆଲୋଚନା କରିବା ଦ୍ୱାରା ଜ୍ଞାନର ପରିସର ବ୍ୟାପକ ହୋଇଥାଏ। ସାଧାରଣ, ମଧ୍ୟବିତ୍ତ ବର୍ଗର ପିଲାଙ୍କ ପାଇଁ କଲେଜ ରିଡିଂ ରୁମ୍‌ର ଭୂମିକା ଅନନ୍ୟ। କେବଳ ପାଠ୍ୟଖସଡ଼ା ଭିତରେ ସୀମିତ ରହିଲେ ହେବନାହିଁ। ପାରିପାର୍ଶ୍ୱିକ ଏବଂ ସାମ୍ପ୍ରତିକ ଜ୍ଞାନ ଆହରଣ କରିବା ଅପରିହାର୍ଯ୍ୟ ବୋଲି କହିଛନ୍ତି ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ମଧୁସ୍ମିତା ସାହୁ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ରିଡିଂ ରୁମ୍ ବାର୍ଷିକ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁଗ୍ମସଚିବ ନିଜ ଅନୁଭୂତି ବାଣ୍ଟିବା ସହ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ଢେଙ୍କାନାଳ ମାଟିର ଝିଅ ତଥା ଢେଙ୍କାନାଳ କଲେଜର ପୁରାତନ ଛାତ୍ରୀ ଯୁଗ୍ମ ସଚିବ ମଧୁସ୍ମିତା କହିଲେ, ଆଇଏଏସ୍ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ପ୍ରତିକୂଳ ସମୟରେ କଲେଜ ରିଡିଂ ରୁମ୍ ତାଙ୍କର ବନ୍ଧୁ ତଥା ପ୍ରେରଣା ପାଲଟିଥିଲା। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ହେବାକୁ ହେଲେ ଛାତ୍ରୀଛାତ୍ରଙ୍କୁ କଠୋର ସାଧନା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ମୋ କଲେଜ ଅଭିଯାନ ଓ କ୍ୟାରିୟର କାଉନ୍‌ସେଲିଂ ସହଯୋଗରେ ଆୟୋଜିତ ଏହି ପାଠଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ରିଡିଂ ରୁମ୍ ଅଧିକାରୀ ଡ. ରଞ୍ଜିତା କୁମାରୀ ମହାନ୍ତି, ସହ ଅଧିକାରୀ ଅଧ୍ୟାପିକା ସୁମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରିଡିଂ ରୁମର ପୁରାତନ କର୍ମଚାରୀ ସୂର୍ଯ୍ୟକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ନାତକୋତ୍ତର ଛାତ୍ର ନର୍ଗିସ୍ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଅନିମା ଦାସ ରିଡିଂ ରୁମ୍‌ର ଅନୁଭୂତି ବର୍ଣ୍ଣନା କରିଥିଲେ।



ପ୍ରତିଯୋଗିତାର ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।




# କାନ୍‌ଫେଷ୍ଟ ନାଟ୍ୟୋତ୍ସବରେ ଭାଗ ନେବ କଳାପରିଷଦ


କଳାପରିଷଦ ଅନୁଷ୍ଠାନର କଳାକାରମାନେ।

**ଢେଙ୍କାନାଳ ଅଫିସ, ୧୭।୩**

ପାରାଦୀପ ନାଟ୍ୟସଂସ୍ଥା କାନମାସ୍ ସହଯୋଗରେ ଆୟୋଜିତ ହେବାକୁ ଥିବା ଜାତୀୟ ନାଟ୍ୟ ଉତ୍ସବ 'କାନ୍‌ଫେଷ୍ଟ'ରେ ଭାଗନେବ ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ 'କଳାପରିଷଦ'। ପାରାଦୀପ ଜୟଦେବ ସଦନ ମଞ୍ଚରେ ଆସନ୍ତା ୨୦ ତାରିଖରେ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ନାଟକ 'ସିଦ୍ଧାନ୍ତ' ପରିବେଷଣ କରାଯିବ। ଦିଲ୍ଲୀଶ୍ୱର ମହାରଣା ଏହି ନାଟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶତ୍ରୁଘ୍ନ ମାଟି।







## ଲଉଡ଼ି ନୃତ୍ୟର ମଜାନେଲେ ପର୍ଯ୍ୟଟକ

**ଢେଙ୍କାନାଳ ଅଫିସ,୧୭।୩;** ଢେଙ୍କାନାଳ ରାଜବାଟୀ ପରିସରରେ ସିଆରିଆ ଗ୍ରାମର ଲଉଡି ଦଳ ନୃତ୍ୟ ପରିବେଷଣ କରି ପର୍ଯ୍ୟଟକଙ୍କ ମନ ମୋହିଛନ୍ତି। ସଭାପତି ନୀଳମଣି ବେହେରାଙ୍କ ନେତୃତ୍ୱରେ ଲଉଡି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବେଙ୍ଗାଲୁରୁରୁ ଆସିଥିବା ୧୪ଜଣ ପର୍ଯ୍ୟଟକ ଏହି ଲୋକନୃତ୍ୟକୁ ଉପଭୋଗ କରିଥିଲେ। ରାଜା କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଲଉଡ଼ି ନୃତ୍ୟଦଳ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ରାଉତ ସହଯୋଗ କରିଥିଲେ।

## ସ୍କୁଲ ସୀମା ନିର୍ଦ୍ଧାରଣ ଦାବି

**ଢେଙ୍କାନାଳ ଅଫିସ୍, ୧୭।୩**ଢେଙ୍କାନାଳ ଲକ୍ଷ୍ମୀବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସୁଲକ୍ଷଣା ଦେବୀ ହାଇସ୍କୁଲ ସହିତ ସଂଲଗ୍ନ କରି ସୀମା ନିର୍ଦ୍ଧାରଣ କରିବା ପାଇଁ ଅଭିଭାବକମାନେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୁଲକ୍ଷଣାଦେବୀ ହାଇସ୍କୁଲ ପରିଚାଳନା କମିଟି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ନିକଟରେ ଶିକ୍ଷାନୁଷ୍ଠାନରେ ନିକଟବର୍ତ୍ତୀ ୪ଟି ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବା ଫଳରେ ଶ୍ରେଣୀଗୃହ ସମସ୍ୟା ଦେଖାଦେଇଛି। କେତେଜଣ ବ୍ୟକ୍ତି ବିଦ୍ୟାଳୟ ଜମିକୁ ମାଡ଼ିବସିଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ କରିବାକୁ କମିଟି ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ପ୍ରଶିକ୍ଷଣ ନେଲେ ପୋଲିଂ ଟିମ୍

**ଭୁବନ, ୧୭।୩(ଡି.ଏନ୍.ଏ):** ଭୁବନରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପୋଲିଂ ଟିମ୍‌କୁ ଇଭିଏମ୍‌ରେ ଭୋଟିଂ ବ୍ୟବସ୍ଥା ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ହିନ୍ଦୋଳ ଉପଜିଲାପାଳ ଉଦୟ ମହାପାତ୍ର, ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ର, ତହସିଲଦାର ରୋସାଲିନ୍ ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଗୋଦ୍‌ରେଜ୍ ଇଣ୍ଟେରିଓର ୫ବର୍ଷରେ ୨୦% ସିଏଜିଆର୍ ଅଭିବୃଦ୍ଧି

**ନୂଆଦିଲ୍ଲୀ:** ଗୋଦରେଜ୍ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଗୋଦ୍‌ରେଜ୍ ଆଣ୍ଡ ବଏସ୍‌ର ଅଂଶ ତଥା ଭାରତର ଅଗ୍ରଣୀ ଫର୍ନିଚର ବ୍ରାଣ୍ଡ ଗୋଦ୍‌ରେଜ୍ ଇଣ୍ଟେରିଓ ପକ୍ଷରୁ ଆସନ୍ତା ୫ ବର୍ଷରେ ଏହାର ମାଟ୍ରେସ୍ ବର୍ଗରେ ୨୦% ସିଏଜିଆର୍‌ରେ ଅଭିବୃଦ୍ଧି ହାସଲ କରିବା ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଇଣ୍ଟେରିଓର ବରିଷ୍ଠ ଉପସଭାପତି (ବିଟୁସି), ସୁବୋଧ ମେହତା କହିଛନ୍ତି, ଆମର ଦୃଢ଼ ବିଶ୍ୱାସ ରହିଛି ଯେ ଗୁଣାତ୍ମକ ଏବଂ ଉପଯୁକ୍ତ ନିଦ୍ରା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଯାହା ଜୀବନଯାପନ ଓ ସାମଗ୍ରିକ କଲ୍ୟାଣରେ ଉନ୍ନତି ଆଣିଥାଏ।

### ସଂକ୍ଷେପରେ

## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୭।୩:** ଚଳିତ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଗୁରୁବାର କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ବୃଦ୍ଧି ପାଇଛି। ହୋଲି ଅବସରରେ ଶୁକ୍ରବାର ଶେୟାର ବଜାର ବନ୍ଦ ରହୁଥିବାରୁ ଗୁରୁବାର ସପ୍ତାହର ଶେଷ ବ୍ୟବସାୟ ଦିନରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟି ଗ୍ରୀନ୍ ପଏଣ୍ଟରୁ ଆରମ୍ଭ ହୋଇଥିଲା। ଏହିଦିନ ସେନ୍‌ସେକ୍ସ ୧,୦୪୭.୨୮ ଅଙ୍କ ବୃଦ୍ଧି ଘଟି ୫୭,୮୬୩.୯୩ ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୩୧୧.୭୦ ପଏଣ୍ଟ ବୃଦ୍ଧି ଘଟି ୧୭,୨୮୭.୦୫ରେ ଶେଷ ହୋଇଛି। ଗୁରୁବାର ଉଭୟ ସେନସେକ୍ସ ଏବଂ ନିଫ୍ଟିରେ ୧.୮୪% ବୃଦ୍ଧି ଘଟିଛି। ଏଚ୍‌ଡିଏଫ୍‌ସି, ଟାଇଟନ୍, କୋଟାକ ବ୍ୟାଙ୍କ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସିଆନ୍ ପେଣ୍ଟସ୍ ଏବଂ ଟାଟାଷ୍ଟିଲ୍ ଭଳି ଶେୟାରଗୁଡିକ ଟପ୍ ଗେନର୍ସ ତାଲିକାରେ ରହିଛନ୍ତି।

## ଆକ୍ସିସ୍ ନିଫ୍ଟି ମିଡ଼କ୍ୟାପ୍ ୫୦ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୭।୩ :** ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ଆକ୍ସିସ୍ ନିଫ୍‌ଟି ମିଡ୍‌କ୍ୟାପ୍ ୫୦ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇଣ୍ଡେକ୍ସ ଫଣ୍ଡ୍ ଯାହା ନିଫ୍‌ଟି ମିଡ୍‌କ୍ୟାପ୍ ୫୦ଇଣ୍ଡେକ୍ସକୁ ଟ୍ରାକ୍ କରୁଛି। କମ୍ପାନୀର ଇକ୍ୱିଟି ମୁଖ୍ୟ ଜିନେଶ୍ ଗୋପାନି ଏହି ଫଣ୍ଡ୍‌ର ପରିଚାଳନା କରିବେ। ନୂଆ ଫଣ୍ଡ୍ ଅଫର ଚଳିତ ବର୍ଷ ମାର୍ଚ୍ଚ ୧୦ରୁ ସବ୍‌ସ୍କ୍ରିପ୍‌ସନ୍ ପାଇଁ ଖୋଲି ୨୧ ମାର୍ଚ୍ଚରେ ବନ୍ଦ ହେବ। ଏଥିପାଇଁ ସର୍ବନିମ୍ନ ଆବେଦନ ରାଶି ୫୦୦୦ ଟଙ୍କା ରହିଥିବା ବେଳେ ଏହା ପରେ ଏକ ୧ ଟଙ୍କାର ଗୁଣିତକ ହିସାବରେ ଆଗକୁ ବଢ଼ିବ। ଆବଣ୍ଟନର ୭ ଦିନ ଭିତରେ ସ୍ୱିଚ୍ କିମ୍ବା ରିଡିମ୍ କଲେ ୧% ଏକ୍‌ଜିଟ୍ ଲୋଡ୍ ରହିବ। ୭ଦିନ ପରେ ରିଡିମ୍ କିମ୍ବା ସ୍ୱିଚ୍ ଆଉଟ୍ କଲେ କୌଣସି ଏକ୍‌ଜିଟ୍ ଲୋଡ୍ ରହିବ ନାହିଁ। ନିଫ୍‌ଟି ମିଡ୍‌କ୍ୟାପ୍ ୫୦ରେ ଅଭିବୃଦ୍ଧି ସମ୍ଭାବନା ଥିବା ୫୦ଟି ଶ୍ରେଷ୍ଠ କମ୍ପାନୀ ରହିଛି। ବଜାର ପୁଞ୍ଜି ଆଧାରରେ ସେମାନଙ୍କୁ ଚୟନ କରାଯାଇଛି। ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଏକ ବ୍ୟାପକ ବଜାରରେ ମିଡ୍‌କ୍ୟାପ୍ ସର୍ବଦା ଅଧିକ ପ୍ରଦର୍ଶନ କରିଥାଏ। ଯାହା ଦୀର୍ଘମିଆଦୀ ଭିତ୍ତିରେ ସମ୍ପତ୍ତି ସୃଷ୍ଟି କରିବା ଲାଗି ଏହାକୁ ଉପଯୁକ୍ତ କରିପାରିଛି।

# ରୁଷିଆରୁ ତେଲ ଆଣିବାକୁ ଭାରତୀୟ କମ୍ପାନୀ ଆଗ୍ରହୀ

**ନୂଆଦିଲ୍ଲୀ,୧୭।୩**

### ଆଇଓସି ପରେ କିଣିବେ ଏଚ୍‌ପିସିଏଲ୍, ଏମ୍‌ଆର୍‌ପିଏଲ୍
### ୨୦-୨୫ ଡଲାର ଶସ୍ତାରେ ମିଳୁଛି ତୈଳ



ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ନେଇ ସୂଚନା ମିଳିବା ପରେ ଦେଶର ଅନ୍ୟ କମ୍ପାନୀ ଯଥା ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍‌ପିସିଏଲ୍) ମଧ୍ୟ ରୁଷିଆଠାରୁ ୨୦ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ କ୍ରୟ କରିଛି। ଅପରପକ୍ଷରେ ଭାରତୀୟ ତୈଳ ରିଫାଇନେରି କମ୍ପାନୀଗୁଡ଼ିକ ରୁଷିଆଠାରେ କମ୍ ଦାମ୍‌ରେ ଉପଲବ୍ଧ ତୈଳ କ୍ରୟ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏପରିକି ଆଇଓସିଏଲ୍ ଭଳି ଏଚ୍‌ପିସିଏଲ୍ ମଧ୍ୟ ୟୁରୋପିଆନ୍ ଟ୍ରେଡର 'ଭିଟୋଲ୍' ଜରିଆରେ ୟୁରାଲ୍ସ କ୍ରୁଡ୍ (ରୁଷିଆରେ ଉପଲବ୍ଧ ଅଶୋଧିତ ତୈଳ) କ୍ରୟ କରିଛନ୍ତି। ସେହିଭଳି ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ୍ (ଏମ୍‌ଆର୍‌ପିଏଲ୍) ପକ୍ଷରୁ ୧୦ଲକ୍ଷ ବ୍ୟାରେଲ ସମାନ ପ୍ରକାର ଅଶୋଧିତ ତୈଳ କ୍ରୟ କରିବାକୁ ଟେଣ୍ଡର ଜାରି କରାଯାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ବିଭିନ୍ନ ପଶ୍ଚିମ ଦେଶଗୁଡ଼ିକ ରୁଷିଆ ଉପରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲଗାଯାଇଛି। ଫଳରେ ଅନେକ ଦେଶ ରୁଷିଆ ନିକଟରୁ ଅଶୋଧିତ ତୈଳ କ୍ରୟ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ରୁଷିଆ ବଜାରରେ ଅଶୋଧିତ ତୈଳ ଦର କମ୍ ରହିଛି। ଏହାର ସୁଯୋଗ ଉଠାଇବା ପାଇଁ ଭାରତୀୟ ରିଫାଇନେରି କମ୍ପାନୀଗୁଡ଼ିକ ରୁଷିଆଠାରୁ କମ୍ ଦାମ୍‌ରେ ତେଲ କ୍ରୟ କରିବାକୁ ଟେଣ୍ଡରମାନ ଜାରି କରିଛନ୍ତି। ଦେଶର ସର୍ବବୃହତ୍ ପେଟ୍ରୋଲିୟମ୍ କମ୍ପାନୀ ଆଇଓସିଏଲ୍ ଗତ ସପ୍ତାହରେ ଭିଟୋଲ୍ ଜରିଆରେ ମେ' ମାସ ଡେଲିଭରି ପାଇଁ ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ କରିଛି। କମ୍ପାନୀକୁ ଏହି ତୈଳ ବ୍ୟାରେଲ ପିଛା ୨୦-୨୫ ଡଲାରରେ କ୍ରୟ କରିଛି। ସେହିପରି ଚଳିତ ସପ୍ତାହରେ ଏଚ୍‌ପିସିଏଲ୍ ୨୦ଲକ୍ଷ ବ୍ୟାରେଲ ୟୁରାଲ୍ସକ୍ରୁଡ୍ କ୍ରୟ କରିଛି। ତେବେ ବିଶ୍ୱର ସର୍ବବୃହତ୍ ରିଫାଇନେରି ପରିଚାଳନା କରୁଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଆମେରିକାରେ ନିବେଶ ରହିଥିବାରୁ ଏହା ରୁଷିଆ ନିକଟରୁ ତୈଳ କ୍ରୟ କରିବା ସୁଯୋଗରୁ ବଞ୍ଚିତ ହୋଇପାରେ। ୨୦୨୦ଠାରୁ ରୁଷିଆର ରୋସ୍‌ନେଫ୍ଟରୁ ତୈଳ କ୍ରୟ ପାଇଁ ଆଇଓସିଏଲ୍‌ର ବୁଝାମଣା ରହିଛି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ



### ପିଏନ୍‌ବି ପକ୍ଷରୁ ଗ୍ରାହକ ସମ୍ମିଳନୀ

**ଭୁବନେଶ୍ୱର,୧୭।୩**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଗ୍ରାହକ ସମ୍ମିଳନୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ପରେଶ ଦାସ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ମଣ୍ଡଳର ବିଭିନ୍ନ ଶାଖାର ଗ୍ରାହକମାନଙ୍କୁ ସେ ସ୍ୱାଗତ କରିବା ସହ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାଗୁଡ଼ିକ ଉପରେ ବିଶେଷ ଆଲୋକପାତ କରିଥିଲେ। ସେହିଭଳି ଉପମଣ୍ଡଳ ମୁଖ୍ୟ ଉମାକାନ୍ତ ଦାସ ଉପଭୋକ୍ତାମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରାହକମାନଙ୍କର ରୁଚି ଓ ଆଗ୍ରହକୁ ସୁରକ୍ଷିତ ରଖିବା ପାଇଁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାଗୁଡିକ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଜଗବନ୍ଧୁ ଦଳେଇ ଉକ୍ତ ସମ୍ମିଳନୀର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଣ୍ଡାର ୨୦୨୨ ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍

**ନୂଆଦିଲ୍ଲୀ,୧୭।୩**



ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂଆ ୨୦୨୨ ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍ ବାଇକର ଉନ୍ମୋଚିତ ସହ ସାରା ଭାରତରେ କମ୍ପାନୀର ସ୍ୱତନ୍ତ୍ର ବିଗ୍ ୱିଙ୍ଗ୍ ଟପ୍‌ଲାଇନ୍ ଶୋ'ରୁମ୍‌ରେ ବୁକିଂ ଆରମ୍ଭ ମଧ୍ୟ ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ସିକେଡି (କମ୍ପ୍ଲିଟ୍‌ଲି ନକ୍ ଡାଉନ୍) ଭାବେ ଏହି ନୂଆ ମୋଟରସାଇକଲ ଭାରତୀୟ ବଜାରରେ

### ବୁକିଂ ଶୁଭାରମ୍ଭ ସମ୍ପର୍କରେ ଘୋଷଣା

ପହଞ୍ଚିବ। ୨୦୨୨ ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର୍ସ ସ୍ପୋର୍ଟସ୍ ମଡେଲର ୨ଟି ଭାରିଆଣ୍ଟ-ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ୍‌ରେ ମ୍ୟାଟ୍ ବାଲିଷ୍ଟିକ୍ ବ୍ଲାକ୍ ମେଟାଲିକ୍ ରଙ୍ଗ ଏବଂ ମାନୁଆଲ୍ ଟ୍ରାନ୍ସମିସନ୍‌ରେ ପର୍ଲ ଗ୍ଲେୟାର ହ୍ୱାଇଟ୍ ଟ୍ରାଇକଲର ସ୍କିମ୍ ସହିତ ନୂଆ ଆକର୍ଷଣୀୟ ଷ୍ଟାଇଲ୍‌ରେ ଉପଲବ୍ଧ ହେବ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାଟା କହିଛନ୍ତି, ୨୦୧୭ରେ ଆସିବା ପରଠାରୁ ଭାରତରେ ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର ଗାଡ଼ି ଚାଳନାର ସଂଜ୍ଞା ନିରୂପଣ କରିଛି। କିଛି ପାଦ ଆଗକୁ ବଢ଼ି ୨୦୨୨ ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍ ନିଜର ପଥ ବାଛିବା ଏବଂ ଅଜଣା ସ୍ଥାନର ଅନୁସନ୍ଧାନ କରିବା ଲାଗି ଏହା ଚାଳକମାନଙ୍କୁ ଅନୁପ୍ରାଣିତ କରିଛି। ଅପରପକ୍ଷରେ ଏହାର ବୁକିଂ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ, ବିକ୍ରି ଓ ମାର୍କେଟିଂ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଅନୁସନ୍ଧାନ ପାଇଁ ଭାରତ ଏକ ବିବିଧ ଦୃଶ୍ୟପଟ ଓ ପଥ ପ୍ରଦର୍ଶନ କରୁଥିବା ବେଳେ ରୋମାଞ୍ଚ ଚାହୁଁଥିବା ଚାଳକଙ୍କ ଗୋଷ୍ଠୀ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଫ୍ରିକା ଟୁଇନ୍‌ର ସମ୍ପ୍ରଦାୟ ଏହାର ଡାକାର ରାଲି ଡିଏନ୍ଏ ସହିତ ଭାରତରେ ବୃଦ୍ଧି ପାଉଥିବା ବେଳେ ସବୁ ପ୍ରକାର ପଥରେ ଏହାର ଅତୁଳନୀୟ ଦକ୍ଷତାକୁ ଉପଭୋଗ କରୁଛି ଏବଂ ଏବେ ୨୦୨୨ ଆଫ୍ରିକା ଟୁଇନ୍ ସହିତ ଏହି ରୋମାଞ୍ଚ ସଂସ୍କୃତି ଆହୁରି ଉପରକୁ ଯିବ। ଆଫ୍ରିକା ଟୁଇନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍‌ର ମାନୁଆଲ୍ ଟ୍ରାନ୍ସମିସନ୍ ମଡେଲର ପର୍ଲ ଗ୍ଲେୟାର ହ୍ୱାଇଟ୍ କଲର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୬,୦୧,୫୦୦ ଟଙ୍କା ଓ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନର ମ୍ୟାଟ୍ ବାଲିଷ୍ଟିକ୍ ବ୍ଲାକ୍ ମେଟାଲିକ୍ ମଡେଲର ଏକ୍ସ ଶୋ'ରୁମ୍ ଦାମ୍ ୧୭,୫୫,୫୦୦ ଟଙ୍କା ରହିଛି।

# ଜିଡିପି ଅଭିବୃଦ୍ଧି ନେଇ ଆକଳନ

**ନୂଆଦିଲ୍ଲୀ,୧୭।୩**

୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ହ୍ରାସ ହେବା ନେଇ ମୁଡିଜ୍ ପକ୍ଷରୁ ଆକଳନ କରାଯାଇଛି। ଏହା ପୂର୍ବରୁ ବାର୍ଷିକ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୯.୫% ରହିବ ବୋଲି ମୁଡିଜ୍ ଆକଳନ କରିଥିଲା। ତେବେ ଏହା ୯.୧% ରେ ସୀମିତ ରହିବ ବୋଲି ବର୍ତ୍ତମାନ ମୁଡିଜ୍ ସୂଚିତ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ନଜରରେ ରଖି ମୁଡିଜ୍ ଗୁରୁବାର ଅଭିବୃଦ୍ଧି ହାର ସଂଶୋଧନ କରିଥିବା ବେଳେ ଏହାକୁ ୦.୪% ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ସେହିଭଳି ଭାରତ ବିପୁଳ ପରିମାଣରେ ଅଶୋଧିତ ତୈଳ ଆମଦାନୀ କରିଥାଏ। ଏଣୁ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁ ଭାରତର ଆମଦାନୀ ବିଲ୍ ବହୁ ଅଧିକ ବଢ଼ିଯିବ ବୋଲି ମୁଡିଜ୍ ଆକଳନ କରିଛନ୍ତି।୨୦୨୨-୨୩ ସହ ମୁଡିଜ୍ ଭାରତ ନିମନ୍ତେ ୨୦୨୩-୨୪ ଲାଗି ମଧ୍ୟ ଅଭିବୃଦ୍ଧି ହାର ଆକଳନ କରିଛନ୍ତି। ଏଥିରେ ଦେଶର ବିକାଶ ହାର ୫.୪% ପର୍ଯ୍ୟନ୍ତ ରହିବା ନେଇ ଅନୁମାନ କରାଯାଇଛି।

# ପିବିଏସର ନୂତନ ଶିକ୍ଷା ବର୍ଷ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୭।୩**

### ମାର୍ଚ୍ଚ ୨୬ରେ ପିଏଟି ପ୍ରବେଶିକା ପରୀକ୍ଷା

ଦେଶର ପ୍ରମୁଖ ବି ସ୍କୁଲ ଭାବେ ଜଣାଶୁଣା 'ପ୍ରାକ୍ସିସ୍ ବିଜ୍‌ନେସ୍ ସ୍କୁଲ (ପିବିଏସ) ର ଚଳିତ ଶିକ୍ଷା ବର୍ଷ ୨୦୨୨-୨୩ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଭବିଷ୍ୟତର ଡିଜିଟାଲ ଲିଡର୍ସ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କୋଲକାତାସ୍ଥିତ ପିବିଏସର ପ୍ରାକ୍ସିସ୍ ଆଡ୍‌ମିସନ ଟେଷ୍ଟ (ପିଏଟି) ଚଳିତ ବର୍ଷ ମାର୍ଚ୍ଚ ୨୬ରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ପିଏଟି ହେଉଛି ଏକ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା, ଏହାକୁ ପିବିଏସ ଦ୍ୱାରା ଏଆଇ ଏବଂ ଏମ୍ଏଲ୍ ସହିତ ପୋଷ୍ଟ ଗ୍ରାଜୁଏଟ୍ ପ୍ରୋଗ୍ରାମ୍ ଇନ୍ ଡାଟା ସାଇନ୍ସ (ପିଜିପିଡିଏସ୍) ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ଭାବେ ଆୟୋଜନ କରାଯାଏ। ଏହା ଦେଶର ସମସ୍ତ ଡାଟା ସାଇନ୍ସ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି। ଅପରପକ୍ଷରେ ସିଏଟି/ଏକ୍ସଏଟି/ଜିଏମ୍ଏଟିକିମ୍ବା ଜିଆର୍‌ଇ ଭଳି ପରୀକ୍ଷାଗୁଡ଼ିକରେ ଭଲ ନମ୍ବର ଆଣିଥିବା ଶିକ୍ଷାର୍ଥୀଙ୍କୁ ମଧ୍ୟ ପିଏଟି ପରୀକ୍ଷା ଦେବା ପାଇଁ ପ୍ରୋତ୍ସାହିତ କରାଯାଇଥାଏ। ସେହିପରି ସିଏଟି/ଏକ୍ସଏଟିରେ ୮୦% କିମ୍ବା ତଦୂର୍ଦ୍ଧ୍ୱ ନମ୍ବର ସହ ଜିଆର୍‌ଇରେ ୩୨୦ କିମ୍ବା ତଦୂର୍ଦ୍ଧ୍ୱ, ଜିଏମ୍ଏଟିକେ ୬୫୦ କିମ୍ବା ତଦୂର୍ଦ୍ଧ୍ୱ ନମ୍ବର ରଖିଥିବା ପିଲା ମଧ୍ୟ ଏହି ପାଠ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇପାରିବେ। ପିଏଟି ଲିଖିତ ଏବଂ ପର୍ସନାଲ ଇଣ୍ଟରଭ୍ୟୁ ଭଳି ଦୁଇଟି ପର୍ଯ୍ୟାୟରେ ହେବ। ଜାନୁୟାରୀ ୨୦୨୨ ପିଜିପିଡିଏସ୍ ବ୍ୟାଚ୍‌ର ପ୍ରାୟ ୨୦% ଛାତ୍ରୀଙ୍କୁ ପ୍ରାକ୍ସିସ୍ ୱିମେନ୍ ଇନ୍ ଟେକ୍ (ଡବ୍ଲ୍ୟୁଆଇଟି) ଛାତ୍ରବୃତ୍ତି ପ୍ରଦାନ କରାଯାଉଛି ବୋଲି ପିବିଏସ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର କୋଲକାତା ଏବଂ ବେଙ୍ଗାଲୁରୁଠାରେ ପ୍ରାକ୍ସିସ୍‌ର କ୍ୟାମ୍ପସ୍ ରହିଛି।

### ଫୁର୍‌ସତ

# 'କାମ୍ପେଓନ୍ସ' ରିମେକ୍‌ରେ ଆମିର



ଆମିର ଖାନ

**ମୁମ୍ବାଇ:** ଆମିର ଖାନ ତାଙ୍କ ଆଗାମୀ ଫିଲ୍ମ ଲାଲ ସିଂ ଚଡ୍ଢାକୁ ନେଇ ଏବେ ବ୍ୟସ୍ତ ଅଛନ୍ତି। ଏହି ଚଳଚ୍ଚିତ୍ରଟି ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବ। ତେବେ ଆମିରଙ୍କ ହାତରେ ଆଉ ଏକ ପ୍ରୋଜେକ୍ଟ ଆସି ଲାଗିଛି। ଆର.ଏସ. ପ୍ରସନ୍ନଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମରେ ସେ କାମ କରିବାକୁ ଯାଉଛନ୍ତି। ଫିଲ୍ମରେ ଆମିରଙ୍କ ସହ ସ୍କ୍ରିନ୍ ସେୟାର କରିବେ ଅନୁଷ୍କା ଶର୍ମା। ଏଥିରେ ଆମିର ମୁଖ୍ୟ ଭୂମିକାରେ ଅଭିନୟ କରିବକାକୁ ଥିବାବେଳେ ଏଥିରେ ତାଙ୍କୁ ଜଣେ ମଦ୍ଦୁଆ ଓ ଜିଦ୍‌ଖୋର କୋଚ୍ ଭୂମିକାରେ ଦେଖିବେ ଦର୍ଶକ। ଫିଲ୍ମଟି ଡ୍ରାମାଟିକ୍ କମେଡି କାହାଣୀ ଉପରେ ପର୍ଯ୍ୟବସିତ। ତେବେ ସିନେମାଟି ସ୍ପେନର ଚଳଚ୍ଚିତ୍ର 'କାମ୍ପେଓନ୍ସ'ର ଅଫିସିଆଲ୍ ରିମେକ୍ ହେବ। ଏହି ଫିଲ୍ମର ଅର୍ଥ ହେଉଛି ବାସ୍କେଟବଲ୍ ର ପୃଷ୍ଠଭୂମି ବିରୁଦ୍ଧରେ ଏକ ସ୍ପୋର୍ଟସ୍ କମେଡି-ଡ୍ରାମା, ଯେଉଁଠାରେ କି ଏକ ଅହଂକାରୀ ପ୍ରଶିକ୍ଷକ ସମାଜ ସେବା କରିବା ସହ ଦଳକୁ ତାଲିମ ଦେବାକୁ ବାଧ ହେଉଛି। ଏହି ଚଳଚ୍ଚିତ୍ରରେ ଜାଭିୟର୍ ଗୁଟିରେସ୍, ଜୋସ୍ ଡି ଲୁନା, ଗ୍ଲୋରିଆ ରାମୋସ୍, ରୋବର୍ଟୋ ଚିଞ୍ଚିଲା, ଆଥେନିଆ ମାତା, ଲୁଇସା ଗାଭାସା, ମାରିଆନୋ ଲୋରେଣ୍ଟେ, ଡାନିଏଲ୍ ଫ୍ରାଇରେ ଏବଂ ଜୁଆନ୍ ମାର୍ଗାଲୋ ପ୍ରମୁଖ ଅଭିନୟ କରିଥିଲେ। ତେବେ ଆମିରଙ୍କ ଲାଲ ସିଂ ଚଡ୍ଢା ରିଲିଜ ପରେ ଏହି ପ୍ରୋଜେକ୍ଟ କାମ ଆରମ୍ଭ ହେବ। ଅନୁଷ୍କା ମଧ୍ୟ ତାଙ୍କ ଫିଲ୍ମ 'ଚକ୍‌ଦେ ଏକ୍ସପ୍ରେସ୍' ସୁଟିଂ ଶେଷ ପରେ କାମ ଆରମ୍ଭ କରିବା କଥା କୁହାଯାଉଛି।

# ଇନ୍ଦ୍ରଧନୁ ରଙ୍ଗର ବୃକ୍ଷ



ପ୍ରକୃତିର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ତା' ସୌନ୍ଦଯ୍ୟ ଆଗରେ ଫିକା ସବୁକିଛି। ଜଣେ ଭାରତୀୟ ଫରେଷ୍ଟ ଅଫିସର ସୁଶାନ୍ତ ନନ୍ଦ ଟୁଇଟରେ ଅଷ୍ଟ୍ରେଲିଆ ବାହାରେ ମିଳୁଥିବା ଇନ୍ଦ୍ରଧନୁ ରଙ୍ଗ ଗଛର ଫଟୋ ପୋଷ୍ଟ କରିଛନ୍ତି। ଏହାକୁ ଅନେକେ ମିଛ ଭାବିଥିବାବେଳେ ଅଧିକାଂଶ ଆଶ୍ଚର୍ଯ୍ୟ ହୋଇଥିଲେ। ପ୍ରକୃତରେ ଏହି ଗଛ ହେଉଛି ଇନ୍ଦ୍ରଧନୁ ୟୁକାଲକପଟାସ। ଏହାର ୪ଟି ପ୍ରଜାତି ରହିଥିବାବେଳେ ଫଟୋରେ ଥିବା ଏହି ଗଛ ତା'ର ଏକ ପ୍ରଜାତି। ଏପରି ଗଛ କେବଳ ରେନ୍ ଫରେଷ୍ଟ ଜନ୍ମ ନେଇଥାଏ। ଏହା ବ୍ୟତୀତ ଏପରି ବୃକ୍ଷ ଇଣ୍ଡୋନେସିଆ, ପପୁଆ ନିଉ ଗୁଇନିଏ ଅଞ୍ଚଳଗୁଡିକରେ ଦେଖିବାକୁ ମିଳିଥାଏ। ଗଛଗୁଡିକ ୧୫୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢିଥାନ୍ତି।

# ଷ୍ଟେଶନ ରେକର୍ଡ



**ନୂଆଦିଲ୍ଲୀ:** ଟ୍ରେନ୍‌ରେ ଯିବା ସମୟରେ ବିଭିନ୍ନ ଷ୍ଟେଶନ ଦେଇ ଗନ୍ତବ୍ୟ ସ୍ଥଳକୁ ଯିବାକୁ ହୋଇଥାଏ। ଅତିବେଶୀରେ ଜଣେ ହୁଏତ ଦିନକୁ ୧୦ କିମ୍ବା ୨୦ ଅଥବା ୩୦ଟି ଷ୍ଟେଶନ ଦେଇ ଯାତ୍ରା କରିପାରନ୍ତି। କିନ୍ତୁ ମାତ୍ର ୧୬ ଘଣ୍ଟାରେ ୨୫୪ଟି ଷ୍ଟେଶନ ଅତିକ୍ରମ କରିବା କଥା କେବେ ଶୁଣିଛନ୍ତି! ଆଶ୍ଚର୍ଯ୍ୟ ମନେହେଉଥିଲେ ବି ଏଭଳ କାମ କରି ଏବେ ରେକର୍ଡ କରିଛନ୍ତି ପ୍ରଫୁଲ୍ଲ ସିଂହ। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ (ଡିଏମ୍‌ଆର୍‌ସି)ରେ ଚାକିରି କରନ୍ତି ପ୍ରଫୁଲ୍ଲ ସିଂହ। ରେଳ ବିଭାଗ ଚାକିରି ଭିତରେ ତାଙ୍କ ମୁଣ୍ଡକୁ ଏକ ଅଜବ ଖିଆଲ ଆସିଥିଲା। ବିଭିନ୍ନ ଷ୍ଟେଶନ୍‌କୁ ଯାଇ ସେ ବିଶ୍ୱ ରେକର୍ଡ କରିବାକୁ ଚାହିଁଥିଲେ। ମାତ୍ର ୧୬ ଘଣ୍ଟା ୨ ମିନିଟ୍‌ରେ ସେ ୨୫୪ଟି ଷ୍ଟେଶନ୍ ଅତିକ୍ରମ କରି ପାରିଛନ୍ତି। ଏତେ କମ୍ ସମୟ ମଧ୍ୟରେ ସେ ସବୁଠୁ ଅଧିକ ଷ୍ଟେଶନ୍ ଅତିକ୍ରମ କରି ପାରିଥିବାରୁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ସବୁଠୁ ଦ୍ରୁତତମଭାବେ ଷ୍ଟେଶନ ଅତିକ୍ରମ କରିଛନ୍ତି ପ୍ରଫୁଲ୍ଲ ଆଉ ଭିନ୍ନ କଥା ହେଉଛି କି ପ୍ରଥମ ଥର ପାଇଁ ସେ ଏଭଳି ଏକ ବିଭାଗରେ ଗିନିଜ୍ ରେକର୍ଡ କରିଛନ୍ତି।

# ଚାଲି ଚାଲି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ଯୁବ ଇଞ୍ଜିନିୟର



**କୋହିମା:** ପେସାରେ ଇଞ୍ଜିନିୟର କିନ୍ତୁ ରୁଚି ଭିନ୍ନ। ଦୁଇ ଯୁବ ଇଞ୍ଜିନିୟର ସାଜିଛନ୍ତି ବାର୍ତ୍ତାବାହକ। ନାଗାଲାଣ୍ଡର କୋହିମାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଚାଲି - ଚାଲି ସାଚତନତା ବର୍ତ୍ତା ପ୍ରଚାର କରୁଛନ୍ତି ଅକ୍ଷୟ ଓ ଗୁରକିରତ। ଚାଲିବା ଶରୀର ପାଇଁ ହିତକର ଏବଂ ଭାରତୀୟ ଇନ୍‌ଫ୍ରାଟ୍ରେକ୍ଟରକୁ ନେଇ ଏହି ଦୁଇ ଯୁବ ଇଞ୍ଜିନିୟର ଲୋକଙ୍କୁ ସାଚେତନ କରିବାରେ ବାହାରିଛନ୍ତି। ଦୁହେଁ ଇଣ୍ଡିଆହାଇକ୍ସରେ ଚାକିରି ସମୟରେ ପରିଚିତ ହୁଅନ୍ତି। ଏକାଠି କାମ କରିବା ପରେ ଦୁହିଁଙ୍କ ଚିନ୍ତାଧାରା ମେଳ ଖାଇଥିଲା; ଯାହାପରେ ସେମାନେ ଚାକିରି ଛଡ଼ା କିଛି ଭିନ୍ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଉ ଦୁହେଁ ବାହାରି ଯାଇଥିଲେ ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ। ନାଗାଲାଣ୍ଡରୁ କନ୍ୟାକୁମାରୀ ୪୦୦୦ କିଲୋମିଟର ଦୂର ଚାଲି-ଚାଲି ସଚେତନତା ପ୍ରଚାର ସେମାନଙ୍କ ଲକ୍ଷ୍ୟ। ପ୍ରତ୍ୟେକ ଦିନ ସେମାନଙ୍କୁ ୪୦ କି.ମି. ଦୂର ଅତିକ୍ରମ କରିବାକୁ ପଡୁଛି। ଶରୀର ଥକି ପଡୁଥିଲେ ସୁଦ୍ଧା କିଛି ନୂଆ କରିବାର ମନୋବଳ ସେମାନଙ୍କୁ ଆଗକୁ ବଢିବାର ଆଶା ସଂଚାର କରୁଛି। ଦୁହେଁ ପାରାମାଉଣ୍ଟେନିଂ ଟ୍ରେନିଂ ନେଇଥିବାବେଳେ ରାସ୍ତା କଡ଼ରେ କିମ୍ବା ଜଙ୍ଗଲରେ ଟେଣ୍ଟ ବାନ୍ଧି ରହୁଛନ୍ତି। ସେହିପରି ଖାଦ୍ୟ-ପେୟରେ କିଛି ସ୍ଥିରତା ରହୁନାହିଁ। କେଉଁ ଦିନ ଖାଲି ଭାତ, ଡାଲିରେ ମନ ଭରିବାକୁ ପଡୁଛି ତ ଆଉ କେଉଁଦିନ ଚା' ସିଙ୍ଗଡାରେ କାମ କାମ ଚଳିଯାଉଛି। ଚାଲି କରି ନୂଆ ଜାଗା ବୁଲିବାର ମଜା ନିଆରା। ନୂଆ ଲୋକଙ୍କ ସହିତ ମିଶିବାର ସୁଯୋଗ ମିଳୁଥିବାବେଳେ ଲୋକେ ସେମାନଙ୍କ କାମକୁ ପ୍ରଶଂସା କରୁଥିବା ଅକ୍ଷୟ କହିଛନ୍ତି। ସେମାନଙ୍କ ଏହି ଅଭିଯାନ ଯାତ୍ରାକୁ ୧୧୭ ଦିନ ପୂରିଛି।



## ODISHA PUBLIC SERVICE COMMISSION
## CUTTACK

### NOTICE

**No. 2723/PSC, Dt. 17.03.22**
**(1R-49-21-22) (DR-V)**

**No. D-365:-** It is for information of all concerned that, pursuant to the advertisement No. 08 of 2020-2021, **55 (fifty five)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "Sociology"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **28.03.2022, 29.03.2022 & 30.03.2022** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time | PPSAN |
|---|---|---|
| 28.03.2022 | 10.30 A.M. | 00100859, 00087376, 00080653, 00089832, 00090782, 00094787, 00096713, 00096883, 00098051, 00089913, 00096594 & 00100184 = **12 Candidates.** |
| | 02.30 P.M. | 00097801, 00047312, 00097294, 00078429, 00088333, 00088604, 00088813 & 00089033 = **08 Candidates.** |
| 29.03.2022 | 10.30 A.M. | 00093798, 00095868, 00092449, 00090078, 00099762, 00087064, 00089175, 00089827, 00090597, 00092356, 00097037 & 00099713 = **12 Candidates.** |
| | 02.30 P.M. | 00083078, 00045191, 00060881, 00087078, 00069243, 00089562, 00044170 & 00072256 = **08 Candidates** |
| 30.03.2022 | 10.30 A.M. | 00055000, 00096390, 00091914, 00086411, 00088635, 00093951, 00094503, 00090741, 00026291 & 00092744 = **10 Candidates.** |
| | 02.30 P.M. | 00099665, 00096248, 00096959, 00081227 & 00089796 = **05 Candidates.** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0294/2122

**Sd./- Secretary**

## ଇଭିଏମ୍ ପରିଚାଳନା ତାଲିମ

**ବଇଣ୍ଡା,(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସଭାଗୃହ ପରିସରରେ ଗୁରୁବାର ଏନ୍ଏସି ନିର୍ବାଚନ ପାଇଁ ଇଭିଏମ୍ ପରିଚାଳନା ସମ୍ପର୍କରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଶାନ୍ତିସ୍ୱରୂପ ମିଶ୍ର, ଆଠମଲ୍ଲିକ ଉପଜିଲାପାଳ ଲଳିତ କୁମାର ବେହେରା, ତହସିଲଦାର ସୋଫି ସାଇନିକା ଯୋଗଦେଇ ଇଭିଏମ ପରିଚାଳନା ସମ୍ପର୍କରେ ପ୍ରିଜାଇଡିଂ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଆର୍ଆଇ

**ଅନୁଗୋଳ ଅଫିସ,୧୭।୩:** ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ତହସିଲ ଅନ୍ତର୍ଗତ ବନ୍ତଲା ରାଜସ୍ୱ ନିରୀକ୍ଷକ (ଆର୍ଆଇ) ଜଗବନ୍ଧୁ ନାଏକ। ସୂଚନା ଅନୁସାରେ, ବନ୍ତଲା ଅଞ୍ଚଳର ସୁବାସ ସାହୁଙ୍କ ଜମି ପଟ୍ଟା କରାଇଦେବାକୁ ଆର୍ଆଇ ଜଗବନ୍ଧୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସୁବାସ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ମଧ୍ୟାହ୍ନରେ ଆର୍ଆଇ ସୁବାସଙ୍କ ପାଖରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସ୍ଥାନୀୟ ଅଞ୍ଚଳର ନପନ ସାହୁଙ୍କ ମାଧ୍ୟମରେ ଆର୍ଆଇ ଉକ୍ତ ଲାଞ୍ଚ ଗ୍ରହଣ କରୁଥିବାରୁ ନପନଙ୍କୁ ମଧ୍ୟ ଭିଜିଲାନ୍ସ ନିଜ ହେପାଜତକୁ ନେଇଛି।

### କୁମ୍ଭୀର ଶାବକ ଉଦ୍ଧାର



**ମାଧପୁର,୧୭।୩:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ନୂଆଗାଁ ନିକଟ ମନଯୋର କେନାଲରୁ ଗୁରୁବାର ମାଧପୁର ବନବିଭାଗ ଏକ କୁମ୍ଭୀର ଶାବକ ଉଦ୍ଧାର କରିଛି। ସୂଚନା ଅନୁସାରେ, ନିକଟସ୍ଥ ମନଯୋର ଡ୍ୟାମ୍‌ରୁ କେନାଲ ମାଧ୍ୟମରେ ଏହି କୁମ୍ଭୀର ଶାବକଟି ଭାସି ଆସୁଥିବା ଗ୍ରାମର କେତେଜଣ ଯୁବକ ଦେଖି ବନବିଭାଗକୁ ଖବର ଦେଇଥିଲେ। ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇଙ୍କ ନେତୃତ୍ୱରେ ବନ କର୍ମଚାରୀ ପହଞ୍ଚି କୁମ୍ଭୀର ଶାବକକୁ ଉଦ୍ଧାର ପରେ ମନଯୋର ଡ୍ୟାମ୍‌ରେ ଛାଡି ଦେଇଛନ୍ତି।

### ପୂର୍ବତନ ସମିତିସଭ୍ୟଙ୍କ ପରଲୋକ



**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର.):** ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ୧୬ନଂ ଜିଲା ପରିଷଦ ଜୋନରୁ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା କୁଶକିଳା ଗ୍ରାମର ଡିଲେଶ୍ୱର ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଅତୀତରେ କୁଶକିଳା ପଞ୍ଚାୟତର ସମିତି ସଭ୍ୟ ରହିଥିଲେ। ପଞ୍ଚାୟତର ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ। ଅସୁସ୍ଥତା ଯୋଗୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିୟୋଗ ଖବରପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ କୁଶକିଳା ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ସମିତି ସଭ୍ୟ ସହଦେବ ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ପ୍ରମୁଖ ତାଙ୍କ ବାସଗୃହରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଦୋଳରେ ଦୁଲୁକାଇବ ଦୁଲ୍‌ଦୁଲି

■ହୋଲି ପାଇଁ ଉତ୍ସବମୁଖର ଶଙ୍ଖପୁର
■୨୦୨ ବର୍ଷର ନିଆରା ପରମ୍ପରା
■କୋଭିଡ୍ ନିୟନ୍ତ୍ରଣରେ ଥିବାରୁ ଧୁମ୍‌ଧାମରେ ଆୟୋଜନ

**ଖମାର,୧୭।୩(ଡି.ଏନ.ଏ.)**

୨ବର୍ଷ ହେଲା କୋଭିଡ୍ କାରଣରୁ ଦୋଳ ଓ ହୋଲି ପର୍ବ ଫିକା ପଡ଼ିଯାଇଥିଲା। ହେଲେ ଏବେ ସ୍ଥିତି ନିୟନ୍ତ୍ରଣରେ ଥିବାରୁ ଚଳିତବର୍ଷ ଧୁମ୍‌ଧାମରେ ଦୋଳ ଉତ୍ସବ ପାଳନ ହେବ। ସମ୍ବଲପୁରୀ ଲୋକବାଦ୍ୟ ଦୁଲ୍‌ଦୁଲିରେ କମ୍ପିବ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ଶଙ୍ଖପୁର ଗ୍ରାମ। ଗାଁ ସ୍ଥାପନ ପରଠାରୁ ପ୍ରତିବର୍ଷ ନିଆରା ଢଙ୍ଗରେ ପାଳନ ହେଉଥିବା ଏହି ପର୍ବ ୨୦୨ ବର୍ଷରେ ପହଞ୍ଚିଛି। ତେଣୁ ଏଥର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି।



ଶଙ୍ଖପୁର ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର।

ମେଲୋଡ଼ି ସହ ନାଟକ ପରିବେଷଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶଙ୍ଖପୁର ଗାଁ ସ୍ଥାପନ ପରେ ପୁରୀ ମୁକ୍ତିମଣ୍ଡପରେ ପୂଜାର୍ଚ୍ଚନା କରି ରାଧାକୃଷ୍ଣଙ୍କ ପ୍ରତିମାଙ୍କୁ ମନ୍ଦିରରେ ସ୍ଥାପନ ପରଠାରୁ ଏଠାରେ ଦୋଳ ମହୋତ୍ସବ ପାଳନ ହୋଇଆସୁଛି। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀରୁ ଆରମ୍ଭ ହୋଇ ଏହା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ପରଦିନ ହୋଲି ଉତ୍ସବ ପାଳନ ହୋଇଥାଏ। ଦଶମୀ ଦିନ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିର ବାହାରକୁ ଅଣାଯାଇ ୪ ଦିନ ପର୍ଯ୍ୟନ୍ତ ପରିକ୍ରମା କରାଯାଇଥାଏ। ପ୍ରଥମେ ମାଉସୀ ଘର, ଦ୍ୱିତୀୟ ଦିନ ଗ୍ରାମ ପ୍ରଧାନଙ୍କ ଘର, ତୃତୀୟ ଦିନ ପଡୋଶୀ ଗ୍ରାମ ଓ ଚତୁର୍ଥ ଦିନ ଶଙ୍ଖପୁର ଗ୍ରାମ ପରିକ୍ରମା ହୋଇଥାଏ। ପୂର୍ଣ୍ଣିମା ପୂର୍ବ ଦିନ ଅର୍ଥାତ ଚତୁର୍ଦ୍ଦଶୀ ତିଥିରେ ହୋଲିକା ଦହନ ହୋଇଥାଏ। ଦୋଳ କାର୍ଯ୍ୟକ୍ରମକୁ ୩ ଭାଗ ଅର୍ଥାତ୍ ଦିନ ପହଣ୍ଡି, ରାତି ପହଣ୍ଡି ଓ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଏ। ଦିବା ପହଣ୍ଡିରେ ଦହଲା, ନଦିଆ ସଂକୀର୍ତ୍ତନ, ଗୋପାଳମାନଙ୍କ ବାଡ଼ି ଖେଳ, ସମ୍ବଲପୁରୀ ଦୁଲ୍‌ଦୁଲି ବାଦ୍ୟ ଓ ଜନ ସମାଗମ ମଧ୍ୟରେ ରାଧାକୃଷ୍ଣଙ୍କୁ ଦୋଳ ମଣ୍ଡପ ଯାଏ ପହଣ୍ଡି କରି ନିଆଯାଇଥାଏ। ସେଠାରେ ରାଧାକୃଷ୍ଣଙ୍କୁ ଦୋଳିରେ ବିରାଜମାନ କରାଇ ବର୍ଷର ପ୍ରଥମ ପଞ୍ଜିକା ପାଠ କରାଯାଇଥାଏ। ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ କାର୍ଯ୍ୟ ଚାଲେ। ରାତି ପହଣ୍ଡି ମାଧ୍ୟମରେ ରାଧାକୃଷ୍ଣଙ୍କୁ ମନ୍ଦିର ବେଢ଼ାରେ ରଖାଯାଇଥାଏ ଓ ରାତି ୨ଟା ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପରଦିନ ସକାଳେ ୧୦ରୁ୧୫ ଦଳ ଦହଲା ବାଦକଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଯୁବକମାନେ ହୋଲି ଖେଳର ମଜା ନେଇଥାନ୍ତି। ସନ୍ଧ୍ୟାରେ ରାଧାକୃଷ୍ଣଙ୍କୁ ସ୍ନାନ କରାଇ ମନ୍ଦିରରେ ପ୍ରବେଶ ସହ ଦୋଳ ଯାତ୍ରା ସମ୍ପୂର୍ଣ୍ଣ ହୋଇଥାଏ।

**ଯୁବପିଢ଼ି ଉତ୍ସାହିତ**



" ଚଳିତବର୍ଷ ଦୋଳ ଉତ୍ସବ ପାଳନରେ କରୋନାର ସେପରି ପ୍ରତିବନ୍ଧକ ନାହିଁ। ତେଣୁ ଏକ ସୁନ୍ଦର ଓ ଶୃଙ୍ଖଳିତ ଢଙ୍ଗରେ ମହୋତ୍ସବ ପାଳନ ହେବ। ଯୁବପିଢ଼ି ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

-ପ୍ରଫୁଲ୍ଲ କୁମାର ପ୍ରଧାନ, ସଭାପତି, ଯାତ୍ରା କମିଟି

**ଲୋକଙ୍କ ମନ ମୋହିବ**



" ସବୁବର୍ଷ ଭଳି ଏବର୍ଷ ମଧ୍ୟ ମହୋତ୍ସବର ଦାୟିତ୍ୱ ଯୁବକ ସଂଘ ନେଇଛି। ଶୃଙ୍ଖଳାରେ ଉତ୍ସବ ପାଳନ ପାଇଁ ସଦସ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ମିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଲୋକଙ୍କ ମନ ମୋହିବ।

-ସୌମ୍ୟରଞ୍ଜନ ପ୍ରଧାନ, ସମ୍ପାଦକ, ଯାତ୍ରା କମିଟି

**ସମସ୍ତ ପ୍ରସ୍ତୁତି ସରିଛି**



" ରାଧାକୃଷ୍ଣଙ୍କ କୃପାରୁ ଓ ଗ୍ରାମବାସୀଙ୍କ ସହଯୋଗରେ ଦୋଳ ମହୋତ୍ସବ ଅତି ଆଡମ୍ବର ସହିତ ପାଳନ କରିବାର ସବୁ ଚେଷ୍ଟା କରାଯାଇଛି। ଚଳିତ ବର୍ଷର କାର୍ଯ୍ୟକ୍ରମ ସମସ୍ତଙ୍କ ମନରେ ଖୁସି ଭରିଦେବ।

-ଡିଲେଶ୍ୱର ଦାସ, ସଭାପତି, ପରିଚାଳନା କମିଟି

**ମହୋତ୍ସବ ରୂପରଙ୍ଗ ବଦଳିଛି**



" ଗାଁର ଏହି ନିଆରା ପରମ୍ପରାକୁ ୨ଶହ ବର୍ଷ ପୂରଣ ହେଲାଣି। ସମୟ ସହିତ ମହୋତ୍ସବ ରୂପରଙ୍ଗ ବଦଳିଛି। ତଥାପି ଯୁବପିଢ଼ିଙ୍କ ଆୟୋଜନ ଶୈଳୀ ଗ୍ରାମବାସୀଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ଆଶା ରହିଛି।

-ପବିତ୍ର ମୋହନ ସାହୁ, ଗ୍ରାମବାସୀ, ଶଙ୍ଖପୁର

# ଜଙ୍ଗଲ ନିଆଁରେ ବୃଦ୍ଧାଙ୍କ ମୃତ୍ୟୁ ସନ୍ଦେହ

**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପାଟକୁମୁଣ୍ଡା ସରମାଳ ଜଙ୍ଗଲରେ ଲାଗିଥିବା ନିଆଁରେ ପୋଡିହୋଇ ପାଟକୁମୁଣ୍ଡା ଗ୍ରାମର ବୃଦ୍ଧା ଜଉଥ ସାହୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଜଉଥ ଗାଁପାଖ ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇଥିଲେ। ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇ ଏକ ମହୁଲ ଗଛମୂଳ ଜଉଥଙ୍କ ମୃତଦେହ ଅଧାପୋଡ଼ା ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଜଙ୍ଗଲ ନିଆଁରେ ଯଉଥଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ବାଇକ୍‌ରୁ ଖସି ମହିଳା ଗୁରୁତର

**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା-ବୁଢାପଳ ରାସ୍ତାର ମାମୁରିଆ ଗୁରୁଡିସାହି ନିକଟରେ ଗୁରୁବାର ମୋଟୋରସାଇକେଲରୁ ପଡି ତିଲେଇପଶି ଅଞ୍ଚଳର କ୍ଷିରୋଦିନୀ ମାହାର ଗୁରୁତର ହୋଇଛନ୍ତି। କ୍ଷିରୋଦିନୀ ବାପଘର ପରଙ୍ଗ ଗ୍ରାମରୁ ପୁତୁରା ଶ୍ରୀନିବାସ ମାହାରଙ୍କ ସହ ଶାଶୁଘର ବୁଢାପାଳ ତିଲେଇପଶି ଗ୍ରାମକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

# ଦିନକରେ ୪ ସୁସ୍ଥ

**ଅନୁଗୋଳ ଅଫିସ,୧୭।୩**

ଅନୁଗୋଳ ଜିଲାରୁ ଗୁରୁବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଫଳରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୫୪୮ରେ ସ୍ଥିର ରହିଛି। ପୂର୍ବରୁ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି। ସେହିପରି ଦିନକରେ ଜିଲାରୁ ୪ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ମଜୁରି ମିଳୁନି, ଆନ୍ଦୋଳନ ଜାରି

**ବଇଣ୍ଡା,୧୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଗାୟତ୍ରୀର ବାମୁର ଭାଙ୍ଗମୁଣ୍ଡା କ୍ୟାମ୍ପରେ ଶ୍ରମିକ ଅଶାନ୍ତି ଲାଗି ରହିଛି। ଏହି କ୍ୟାମ୍ପ ଅଧୀନରେ କାମ କରୁଥିବା ଶତାଧିକ ଶ୍ରମିକ ୬ ମାସର ମଜୁରି ପାଇ ନ ଥିବା ଯୋଗୁ ଏକ ସପ୍ତାହ ଧରି ଆନ୍ଦୋଳନ ଜାରି ରଖିଛନ୍ତି।

ଶ୍ରମିକମାନେ କହିଛନ୍ତି, ଠିକାସଂସ୍ଥା ପକ୍ଷରୁ ସେପ୍ଟେମ୍ବର ୨୦୨୧ଠାରୁ ମଜୁରି ଦିଆଯାଇ ନାହିଁ। ଏ ନେଇ ଗତ ୮ ତାରିଖରେ ଆନ୍ଦୋଳନ କରାଯାଇଥିଲା। ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଖବରପାଇ ଠିକାସଂସ୍ଥାର ଅଧିକାରୀମାନେ ପହଞ୍ଚି ୭ ଦିନ ମଧ୍ୟରେ ମଜୁରି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ମଜୁରି ମିଳିନାହିଁ। ଫଳରେ ଶ୍ରମିକମାନେ କ୍ୟାମ୍ପ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ମଜୁରି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରମିକ ଅବନୀ ସାମଲ, ବିଦ୍ୟାଧର ପ୍ରଧାନ, ରବିନାରାୟଣ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ମିଳନ ପ୍ରଧାନ, ରମାକାନ୍ତ ଚୌଧୁରୀ ଚେତାବନୀ ଦେଇଛନ୍ତି।

# 'ଡାକ ଟିକଟ ଦ୍ୱାରା ଜ୍ଞାନ ବଢ଼ାଅ'

**ଅନୁଗୋଳ ଅଫିସ,୧୭।୩**

ଢେଙ୍କାନାଳ ଡାକ ଡିଭିଜନ ତରଫରୁ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ଫିଲାଟେଲି କର୍ମଶାଳା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅନୁଗୋଳ ପୂର୍ବ ଡାକ ଉପଅଧୀକ୍ଷକ ଟିକନ କୁମାର ଦେବତା, ପଶ୍ଚିମ ଡାକ ନିରୀକ୍ଷକ କୁଶଳ ମାହାଳି, ପ୍ରଧାନ ଡାକପାଳ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ଡାକ କର୍ମଚାରୀ ସୁଜିତ କୁମାର ଦେହୁରୀ ପ୍ରମୁଖ ଯୋଗଦେଇ ଡାକ ଟିକଟ ସଂଗ୍ରହର ଉପାଦେୟତା ଓ ନିଜର ଜ୍ଞାନ ବୁଦ୍ଧିକୁ ବୁଦ୍ଧିମନ୍ତ କରିବା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।




ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କୃତୀ ଛାତ୍ରୀମାନେ।

ଅନୁଗୋଳର ଡାକ ଟିକଟ ସଂଗ୍ରହକାରୀ ତ୍ରେତାନନ୍ଦ ସାମନ୍ତ ନିଜର ବିରଳ ସଂଗ୍ରହକୁ କର୍ମଶାଳାରେ ଉପସ୍ଥାପିତ କରିଥିଲେ। ଅନୁଗୋଳ ପ୍ରଧାନ ଡାକଘରର ପୂର୍ବତନ ଉପଡାକପାଳ ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ସମ୍ପାଦନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଉପ ଅଧୀକ୍ଷକ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ କୁମାର ପ୍ରଧାନ ଓ ପ୍ରିୟବ୍ରତ ପ୍ରଧାନ ସହଯୋଗ କରିଥିଲେ।

# ଟ୍ୟାଙ୍କରେ ଜଳ ଯୋଗାଣ ନିର୍ଦ୍ଦେଶ

**ବଇଣ୍ଡା,୧୭।୩(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳ କାର୍ଯ୍ୟାଳୟ ସଭାଗୃହ ପରିସରରେ ଗୁରୁବାର ଉପଖଣ୍ଡସ୍ତରୀୟ ଅଂଶୁଘାତ ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ ମୋହନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଠମଲ୍ଲିକ ତହସିଲଦାର ସୋଫି ସାଇନିକା, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, କିଶୋରନଗର ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା, ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ସୁଦାମ ସାମଲ, ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି, ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସବୁ ପ୍ରଶାସନିକ ଅଧିକାରୀମାନେ ଯତ୍ନବାନ ହେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ବିଶେଷକରି ଜଳ ସଙ୍କଟ ଲାଗିରହୁଥିବା ଗ୍ରାମଗୁଡିକୁ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦେବାକୁ ଉପଜିଲାପାଳ ୨ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ମାଧପୁର,୧୭।୩:** ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୪ ସପ୍ତାହ ଧରି ଆୟୋଜିତ ଏହି ଶିବିରରେ ବିଦ୍ୟାଳୟର ୧୦୦ ଛାତ୍ରୀ ଭାଗନେଇଥିଲେ। କାୟାନାତ ନୁରି ଏବଂ ସ୍ୱର୍ଣ୍ଣମଞ୍ଜରୀ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରଧାନ ଶିକ୍ଷକ ଜୟନ୍ତ ମାହାର ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଏହି ତାଲିମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ଶିବିରରେ ତାଲିମ ଦିଆଯାଉଛି।

**OFFICE OF THE SPECIAL PLANNING AUTHORITY, TALASARI**

No.01/SPA, Talsari Dated the 16th March, 2022

**QUOTATION CALL NOTICE**

**No.F-335:** Sealed Quotations in plain paper are invited from the eligible intending Bidders having past experience for "Operation & Management of Parking Place and Toilet Block at Udaypur" for a period of twelve months starting from dtd. 01/04/2022 to dtd. 31/03/2023. The eligible organization/individual having no criminal records interested to operate the Parking place & Toilet block may submit their quotations latest by 2 P.M. of dtd. 25/03/2022 to the Office of the Tourist Officer, Balasore-cum-Secretary, SPA, Police Line,Balasore,Pin-756001 which will be taken up for evaluation on dtd. 28/03/2022 at 11.00 A.M. in presence of the quotationers /bidders or their authorized representatives. The upset price for the period has been fixed at Rs.4,50,000/- (Rupees Four Lakh Fifty Thousand) only. The successful bidder shall have to deposit the bid price in full in shape of Bank Draft in favour of the Collector,Balasore & Chairman, Special Planning Authority, Talasari at any Nationalized Bank before issue of Work Order. He /She shall have to execute agreement prior to issue of the Work Order as per the terms & conditions. If the successful bidder fails to accept the award in his/her favour, his/her EMD shall be forfeited.

The tender document may be obtained from the office of the Tourist Officer, Balasore cum Secretary, SPA, Police Line,Balasore,Pin-756001 from 16.03.2022(11AM) to 25.03.2022 (11AM) on payment of Rs.500/- (Non-refundable) in favour of Collector, Balasore & Chairman, Special Planning Authority, Talasari in shape of Bank Draft, payable at Balasore. Applications received after due date & time will not be entertained for any reason. The authority reserves the right to reject any or all the quotations without assigning any reason thereof.

Sd./- Collector, Balasore & Chairman
Special Planning Authority, Talasari
OIPR-24260/11/0001/2122

# ସଂଶୋଧନ ହେଲା ୧୮୮ ବିଦ୍ୟୁତ୍ ବିଲ୍

**ବଇଣ୍ଡା,୧୭।୩(ଡି.ଏନ.ଏ.):** ଟିପିସିଓଡିଏଲ୍ ପକ୍ଷରୁ ଗୁରୁବାର କିଶୋରନଗର ବ୍ଲକ ବଇଣ୍ଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିସିଓଡିଏଲ୍‌ର ପ୍ରଶ୍ନଜିତ ଜେନା, ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁ, କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାର, ହିମାଂଶୁ ଶେଖର ପଣ୍ଡା, ଶାନ୍ତନୁ ବେହେରା, ସୌରଭ ଦେବସି, ବିଶ୍ୱଜିତ୍ ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ, ଯୋଗେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭୁଲ ଥିବା ୧୮୮ଟି ବିଲ ସଂଶୋଧନ କରିଥିଲେ। ନିରଞ୍ଜନ ପ୍ରଧାନ, ସୁନୀଲ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମଳୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଟିପିସିଓଡିଏଲର ଅଧିକାରୀମାନେ ବିଦ୍ୟୁତ୍ ବିଲ୍ ସଂଶୋଧନ କରୁଛନ୍ତି।

# ଡ୍ରେନ୍ ସମସ୍ୟାର ସମାଧାନ ହେଉନି

**ଅନୁଗୋଳ ଅଫିସ,୧୭।୩:** ଅନେକଥର ପୌର ନିର୍ବାଚନ ହେଲାଣି। କେତେ କାଉନସିଲରଙ୍କ କାର୍ଯ୍ୟକାଳ ସରିଲାଣି। ହେଲେ ଅନୁଗୋଳ ପୌର ପରିଷଦର ୧୯ନଂ. ୱାର୍ଡ ଏବେ ବି ଅବହେଳିତ ଅବସ୍ଥାରେ ପଡ଼ିଛି। ପ୍ରମୁଖ ସମସ୍ୟା କୁହାଯାଉଥିବା ଡ୍ରେନ୍ ବ୍ୟବସ୍ଥାକୁ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ।

ଅନୁଗୋଳ ପୌରାଞ୍ଚଳର ହେମସୁରପଡ଼ା ଅଞ୍ଚଳକୁ ନେଇ ୧୯ନଂ. ୱାର୍ଡ ଗଠିତ। ଲୋକ ସଂଖ୍ୟା ତୁଳନାରେ ଏହା ପୌର ପରିଷଦର ୬ଷ୍ଠ ବୃହତ୍ତମ ୱାର୍ଡ। ଏଠାକାର ଲୋକ ସଂଖ୍ୟା ୨୪୯୦ ହୋଇଥିବା ବେଳେ ୨୦୪୨ଜଣ ଭୋଟର ରହିଛନ୍ତି। ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନର ଭୋଟ ଗ୍ରହଣ ହେବାକୁ ଥିବାରୁ ପ୍ରାର୍ଥୀମାନଙ୍କ ଗହଳି ଚହଳି ଏଠାରେ ଲାଗି ରହିଛି। ସ୍ଥାନୀୟ ନେତାମାନଙ୍କ ସହ ସେମାନେ ଘର ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। ସେମାନଙ୍କ ଦୁଃଖସୁଖରେ ସାମିଲ ହେବାର ପ୍ରତିଶ୍ରୁତି ଦେଉଛନ୍ତି। ୱାର୍ଡର ଉନ୍ନୟନ କରିବେ ବୋଲି କହୁଛନ୍ତି। ହେଲେ ଡ୍ରେନ୍ ସମସ୍ୟାର ସମାଧାନ ହେବ ବୋଲି ଲୋକେ ଆଉ ବିଶ୍ୱାସ କରିପାରୁନାହାନ୍ତି। କାରଣ ଅତୀତରେ ଅନେକ କାଉନସିଲର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଚଳିତ ନିର୍ବାଚନରେ ଏହି ୱାର୍ଡରୁ ବଳରାମ ଜେନା ବିଜେଡି ପ୍ରାର୍ଥୀ ହୋଇଛନ୍ତି। କଲ୍ଲୋଳକାନ୍ତ ସାହୁ ଭାଜପାରୁ ଓ ଭଗବାନ ମହାନ୍ତି କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼େଇ କରୁଛନ୍ତି। ଏହି ୱାର୍ଡର ସବିତା ଦାସ କହିଛନ୍ତି, ଡ୍ରେନ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଆବର୍ଜନା ଜଳ ନିଷ୍କାସିତ ହୋଇପାରୁ ନାହିଁ। ଦୂଷିତ ପରିବେଶ ମଧ୍ୟରେ ରହିବାକୁ ପଡୁଛି। ମଶା, ମାଛି ବଂଶ ବୃଦ୍ଧି ପାଉଛି।

**ଅନୁଗୋଳ ୱାର୍ଡ ନଂ. ୧୯**
■ମୋଟ ଜନ ସଂଖ୍ୟା- ୨୪୯୦
■ଭୋଟରଙ୍କ ସଂଖ୍ୟା- ୨୦୪୨
■ମହିଳା ଭୋଟର- ୧୦୧୨
■ପୁରୁଷ ଭୋଟର- ୧୦୩୦

GOVERNMENT OF ODISHA No. O-1856

**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**

No.1045 / Date: 15.03.2022

**"e" PROCUREMENT NOTICE FOR BRIDGE WORKS UNDER BIJU SETU YOJANA FOR THE YEAR 2021-22**

| | | | |
|---|---|---|---|
| 1. | Name of the Work | : | Bridge Work under Biju Setu Yojana |
| 2. | Total No. of Packages | : | 02 Nos. of Bridge Works |
| 3. | Estimated Cost of the Package | : | Varies from Rs.571.37 lakhs to Rs.758.96 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.300.00 lakhs upto Rs.600.00 lakhs | : | A Class & Special Class (Of Odisha PWD) or relevant Class of other licensing authorities |
| | c) Estimated cost more than Rs.600.00 lakhs upto Rs.1500.00 lakhs | : | Special Class & Super Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-06 of 2022 | 28.03.2022 at 11.00 A.M. | 12.04.2022 upto 5.00 P.M. | 13.04.2022 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.

Sd./- Chief Construction Engineer,
Central Works Rural Circle, Bhubaneswar

OIPR-25082/11/0060/2122

**PANCHAYAT RAJ & DRINKING WATER DEPARTMENT**
GOVERNMENT OF ODISHA
**OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR**
Tel. (06858) 222643, E-mail: eerwss_ngp@rediffmail.com / eerwssngp@gmail.com

**INVITATION FOR BIDS**

**No. RWSS_NGP_ONLINE_19 / 2021-22 Dated: 07.03.2022**

No. O-1849: The Superintending Engineer, RWS&S Division, Nabarangpur on behalf of Additional Chief Engineer, RWSS Circle, Koraput invites percentage rate bid through E-Procurement in Double Cover System according to norm of e-procurement system in Online mode.

1. Name of works : As mentioned in Table "A" which includes construction of different capacity ESR/OGR laying of pipeline, FHTC and its ancilary work in commissioned Pipe Water supply scheme of different Block in the Nabarangpur district (Clubbed up projects)
2. No. of works : 04 (Four) Nos. (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : As mentioned in Table "A"
5. Class of Contractor : As mentioned in Table "A"
6. Period of Completion : 365 days
7. Critical dates : * Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
 * Subsequent corrigendum if required shall be appeared in the website.
 * Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of Bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_19 of 2021-22 | 30.03.2022 at 11.00 A.M. | 12.04.2022 at 05.00 P.M. | 11.04.2022 upto 5.30 P.M. | 12.04.2022 upto 05.30 P.M. | 13.04.2022 at 11.00 A.M. |

OIPR-25028/11/0018/2122 Superintending Engineer, RWS&S Division, Nabarangpur

**OFFICE OF THE SUPERINTENDING ENGINEER PADAMPUR INVESTIGATION DIVISION, PADAMPUR - 768036 (BARGARH)**
GOVERNMENT OF ODISHA
**DEPARTMENT OF WATER RESOURCES**
e-Mail: seinvestigationwrpadampur@gmail.com

**Quotation Call Notice No. PID-05/2021-22 Dt.16.03.2022**

No. A-891: Sealed quotations/tenders are invited from interested reputed travel agencies/tour operators or private individual for providing 02 (Two) nos. of AC Diesel driven Vehicles (TUV300/Scorpio/Bolero/Sumo Gold/Ertiga etc.) having sitting capacity of minimum seven but not more than ten including driver, which shall confirm to the terms and conditions (Annexure-I) on monthly rent basis. The details of 02 (Two) nos. vehicles are details given below in the table.

| | | |
|---|---|---|
| 1. | For official use of the Superintending Engineer of Padampur Investigation Division, Padampur | 01 (One) No. |
| 2. | For official use of Assistant Executive Engineer of Padampur Investigation Sub-Division No. IV, Padampur | 01 (One) No. |

1. The vehicle must be in road worthy condition, shall **not be more than 3 years old as on 31.03.2023** from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up-to-date tax payment etc. which are mandatory for plying of vehicle. **If new vehicle within 03 years is not available then the Vehicles within 05 years old as on 31.03.2023 to be considered for the use of Assistant Executive Engineer of Padampur Investigation Sub-Division No. IV, Padampur.**
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of **Rs.5000.00 (Rupees five thousand)** only shall be deposited by the intending bidders in shape of N.S.C./K.V.P./Deposit Receipt of Nationalized Schedule Bank within Odisha duly pledged in favour of the Superintending Engineer, Padampur Investigation Division, Padampur and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of minimum **12 kms per litre**.
7. The details of the make and year of manufacture of the vehicle, Registration No., mileage (kms covered per litre) and name of the Driver with Driving Lincence No. and period of validity should be specifically provided in the general bid information to be furnished with the Quotation/Tender **(Annexure - II)**.
8. The quotation completed in all respect should reach the office of the undersigned on or before **30.03.2022 by Regd. Post/Speed Post** and shall be opened on **Date: 31.03.2022 at 11.00 A.M.** in presence of the bidders or thier authorized representatives.
9. The application form of quotation & Terms and Conditions for Hiring of Vehicles etc. will be available within the Office of the Superintending Engineer, Padampur Investigation Division, Padampur during the office hours **upto 29.03.2022**.
10. The Prescribed form along with other documents are obtainable from the Office of the **Superintending Engineer, Padampur Investigation Division, Padampur** on payment of **Rs.100.00 (Rupees one hundred) only** towards **cost of tender paper** during office hours. Tender must be submitted in sealed covers. The name of the work being noted on the cover.

Sd./- Superintending Engineer
Padampur Investigation Division, Padampur
OIPR-32086/11/0005/2122

# ଦାହିଆଙ୍କୁ ଉଗୁଏଭ ବାଧା

**ଇଭାନ୍ କୁମାର ସାହୁ**

ଅଲିମ୍ପିଆନ କୁସ୍ତିବିତ୍ ରବି କୁମାର ଦାହିଆଙ୍କ ନଜର ଏବେ ଜଣକ ଉପରେ ସ୍ଥିର। ସେ ହେଲେ ରୁଷୀୟ ଅଲିମ୍ପିଆନ ଜାଉର ଉଗୁଏଭ। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଉଗୁଏଭ୍ ୨୫ ବର୍ଷୀୟ ଦାହିଆଙ୍କ ପଥରେ ବାଧକ ପାଲଟିଛନ୍ତି। ଉଗୁଏଭ୍‌ଙ୍କଠାରୁ ବିଶ୍ୱର ଦୁଇଟି ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟରେ ହାରିଯାଇ ଶ୍ରେଷ୍ଠ ସଫଳତା ମିସ୍ କରିଥିବାରୁ ଦାହିଆ ପ୍ରତିଶୋଧ ଅପେକ୍ଷାରେ ଅଛନ୍ତି। ୨୦୧୯ ବିଶ୍ୱ କୁସ୍ତି ସେମିଫାଇନାଲରେ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ ଫାଇନାଲରେ ଦାହିଆ ପ୍ରତିପକ୍ଷ ଉଗୁଏଭଙ୍କ କୌଶଳ ଆଗରେ ହାର୍ ମାନିଥିଲେ। ତାଙ୍କୁ ଯଥାକ୍ରମେ ବ୍ରୋଞ୍ଜ ଏବଂ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଟୋକିଓ ଫାଇନାଲରେ ଦାହିଆ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାତ୍ର ୪ ପଏଣ୍ଟ ପଛରେ ରହିଯାଇ ଟାଇଟଲ ଆଶା ନିରାଶାରେ ପରିଣତ ହୋଇଥିଲା। ଠିକ୍ ଏଇଭଳି ଦୁଃଖଦ ପରାଜୟ ସୁଶୀଲ କୁମାର ଲଣ୍ଡନ ଅଲିମ୍ପିକ୍ସରେ ଭୋଗିଥିଲେ।

ଅଧିକାଂଶ ପ୍ରସିଦ୍ଧ କ୍ରୀଡ଼ାବିତ୍‌ମାନଙ୍କ ଭଳି ଦାହିଆଙ୍କର ଅତୀତ ମଧ୍ୟ ସଂଘର୍ଷମୟ ଥିଲା। ହରିୟାଣାର ସୋନେପତ୍ ଜିଲାସ୍ଥିତ ନହରୀ ଗ୍ରାମରେ ୧୯୯୭, ଡିସେମ୍ବର ୧୨ରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାକେଶ ଦାହିଆ ଥିଲେ ଜଣେ ସାଧାରଣ ଚାଷୀ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସୁଶୀଲ ବ୍ରୋଞ୍ଜ ପଦକ ବିଜୟୀ ହେବା ପରେ ଭାରତରେ କୁସ୍ତି ଲହର ଦେଖାଯାଇଥିଲା। ଉତ୍ତର ଭାରତରେ ପିଲାମାନଙ୍କ ମଧ୍ୟରେ କୁସ୍ତି ପ୍ରତି ଆକର୍ଷଣ ବଢ଼ିଯାଇଥିଲା। ଏହି ସମୟରେ ବାଳକ ରବି ସ୍କୁଲ ଶିକ୍ଷା ଭୁଲି କୁସ୍ତି ଖେଳରେ ମନୋନିବେଶ କରିଥିଲେ। ୧୦ବର୍ଷର ହୋଇଥିଲା ବେଳେ ୨୦୦୯ରେ ତାଙ୍କୁ ପିତା ରାକେଶ ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମର କୁସ୍ତି ତାଲିମ କେନ୍ଦ୍ରରେ ଛାଡ଼ିଥିଲେ। ନହରୀ ଗାଁଠାରୁ ଷ୍ଟାଡିୟମର ଦୂରତା ୩୯କିମି। ରାକେଶ ପୁଅର ହିତ ପାଇଁ ଦୈନିକ ସାଇକେଲ ଚଳାଇ ଷ୍ଟାଡିୟମ ଆଖଡ଼ାକୁ ଆସୁଥିଲେ ଏବଂ ପୁଅକୁ କ୍ଷୀର, ଫଳ ଦେଉଥିଲେ। ରାକେଶଙ୍କର ଦୈନିକ ସାଇକେଲ ଯାତ୍ରା ୧୦ବର୍ଷରୁ ଅଧିକ କାଳ ଚାଲୁ ରହିଥିଲା। ମାତ୍ର ୨୦୧୦ ଓ ୨୦୧୧ ମସିହାରେ ସାମ୍ନା କରିଥିବା ସମସ୍ୟା କଥା ଦାହିଆ ଭୁଲିନାହାନ୍ତି। ଆଖଡ଼ାରେ ସେତେବେଳେ କୁସ୍ତି ଖେଳାଳିମାନଙ୍କର ଭିଡ଼ ଥିଲା। ଏହି ଭିଡ଼ରେ ରବିଙ୍କୁ ସମ୍ଭାବନା ଭିତରେ ରହିବାକୁ ପଡୁଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ ଦିନେ ରାକେଶ ପୁଅକୁ ସାଇକେଲରେ ବସାଇ ଗାଁକୁ ଫେରାଇ ନେବାକୁ ବସିଥିଲେ। ତେବେ ରବିଙ୍କ ଭାଗ୍ୟଲିପି ଅଲଗା ପ୍ରକାର ଥିଲା। ଯଦି ବାଟରେ ସେଦିନ ଶୁଭେଚ୍ଛୁ ଜଣକ ଦେଖାହୋଇ ନ ଥାନ୍ତେ ତା'ହେଲେ ରବି ଛତ୍ରସାଲ ଆଖଡ଼ାକୁ ସବୁଦିନ ପାଇଁ ଗୁଡ୍‌ବାଏ କରିବା ଭଳି ସମ୍ଭାବନା ଆସିଯାଇଥିଲା। ସେହି ଶୁଭେଚ୍ଛୁଙ୍କ କଥା ମନେ ପକାଇ ଜୀବନରେ କେତେଜଣଙ୍କର ଉପଦେଶ ଓ ପରାମର୍ଶ ତାଙ୍କ ପାଇଁ ବହୁ ମୂଲ୍ୟବାନ୍ ଥିଲା ବୋଲି ଦାହିଆ ପ୍ରକାଶ କରନ୍ତି। ଆଖଡ଼ାକୁ ଫେରି ଆସିଲା ପରେ ତାଙ୍କ ଯାତ୍ରାପଥ ସୁଗମ ହୋଇଥିଲା। କେତେକ ଜାତୀୟ ସ୍ତରୀୟ ଜୁନିୟର ପ୍ରତିଯୋଗିତାରେ ଜୟଯୁକ୍ତ ହେବା ପରେ ୨୦୧୫ କନିଷ୍ଠ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏଠାରେ ଦାହିଆ ରୌପ୍ୟ ପଦକର ଅଧିକାରୀ ହୋଇଥିଲେ। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ସେମିଫାଇନାଲରେ ଉଗୁଏଭଙ୍କୁ ଭେଟିବା ପୂର୍ବରୁ ଦାହିଆଙ୍କ ହାତରେ ତତ୍କାଳୀନ ୟୁରୋପୀୟ ଚାମ୍ପିୟନ୍ ଅର୍ସେନ୍ ହରୁତ୍ୟୁନିଆଁ ଏବଂ ୨୦୧୭ ବିଶ୍ୱ ଚାମ୍ପିୟନ୍ ୟୁକି ତାକାହାସି ପରାଜୟ ବରଣ କରିଥିଲେ। ସେମିଫାଇନାଲକୁ ଉଠି ଟୋକିଓ ଅଲିମ୍ପିକ୍ସ ପଥ ପରିଷ୍କାର କରିଥିଲେ। ଟୋକିଓରେ ପ୍ରଥମ ଦୁଇଟି ବାଉଟ୍‌କୁ ଦାହିଆ ଉନ୍ନତ ବୈଷୟିକ କୌଶଳ ପ୍ରୟୋଗ କରି ଜିତି ନେଇଥିଲେ। ହେଲେ ସେମିଫାଇନାଲରେ ସଂଘର୍ଷ କରିଥିଲେ। ଏହି ବାଉଟ୍‌ର ଶେଷ ମିନିଟ୍ ଯାଏ ଦାହିଆ ପ୍ରତିପକ୍ଷ ନୁରିସ୍ଲାମ୍ ସାନାଏଭଙ୍କଠାରୁ ପଛରେ ଥିଲେ। ତେବେ ଅନ୍ତିମ କ୍ଷଣରେ ଦାହିଆଙ୍କର ଟେକ୍‌ନିକ ନୁରିସ୍ଲାମ୍‌ଙ୍କୁ ସ୍ତବ୍ଧ କରିଦେଇଥିଲା। ଏହି ବାଉଟ୍‌ରେ ନୁରିସ୍ଲାମ୍ ଦାହିଆଙ୍କର ବାହୁ କାମୁଡ଼ି ଦେଇଥିଲେ। ଏଥିପାଇଁ ପରଦିନ ସେ ଦାହିଆଙ୍କୁ ଭେଟି ଭୁଲ ସ୍ୱୀକାର କରିଥିଲେ। ୨୦୨୧ ମସିହାରେ କେନ୍ଦ୍ର ସରକାର ରବି ଦାହିଆଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ପଦାର୍ପଣ ଅଲିମ୍ପିକ୍ସରେ ପଦକ ଜିଣିବା କଷ୍ଟସାଧ୍ୟ ବୋଲି ଯାହା କୁହାଯାଉଥିଲା ତାହାକୁ ସେ ଭୁଲ ପ୍ରମାଣିତ କରିଥିଲେ। ୨୦୧୯ ପ୍ରୋ ରେସଲିଂ ଲିଗ୍‌ରେ ସେ ହରିୟାଣା ହାମର୍ସ ପକ୍ଷରୁ ଖେଳି ଅପରାଜେୟ ରହିଥିଲେ। ସଂପ୍ରତି ଦାହିଆ ନିଜ ପ୍ରିୟ ଛତ୍ରସାଲ ଷ୍ଟାଡିୟମ କୁସ୍ତି ଆଖଡ଼ା ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି।

*-ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ*




ରବି କୁମାର ଦାହିଆ ଓ ଜାଉର ଉଗୁଏଭ

**ଭାରତର ଅନ୍ୟତମ ପ୍ରତିଷ୍ଠିତ କୁସ୍ତିବିତ୍ ରବି ଦାହିୟାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ରୁଷିଆର ଜାଉର ଉଗୁଏଭ । ୨୦୧୯ ବିଶ୍ୱ କୁସ୍ତି ସେମିଫାଇନାଲ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସ ଫାଇନାଲରେ ଉଗୁଏଭଙ୍କ କୌଶଳ ଆଗରେ ହାର୍ ମାନିଥିବା ଦାହିୟା ଏବେ ପ୍ରତିଶୋଧ ଅପେକ୍ଷାରେ ଅଛନ୍ତି...**

| ପ୍ରତିଯୋଗିତା | ପଦକ | ପ୍ରତିଦ୍ୱନ୍ଦ୍ୱୀ |
|---|---|---|
| ୨୦୧୫ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ | ରୌପ୍ୟ | ମାହିର ଅମିରାସ୍ଲାନୋଭ |
| ୨୦୧୮ ବିଶ୍ୱ ଯୁବ ଚାମ୍ପିୟନଶିପ୍ | ରୌପ୍ୟ | ତୋଶିହିରୋ ହାସେଗାୱା |
| ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ | ବ୍ରୋଞ୍ଜ | ଜାଉର ଉଗୁଏଭ |
| ୨୦୨୦ ଏସୀୟ ଚାମ୍ପିୟନଶିପ୍ | ସ୍ୱର୍ଣ୍ଣ | ହିକ୍‌ମାତୁଲୋ ଭୋହିଦୋଭ |
| ୨୦୨୧ ଏସୀୟ ଚାମ୍ପିୟନଶିପ୍ | ସ୍ୱର୍ଣ୍ଣ | ଅଲିରେଜା ନୁସ୍ରାତୋଲ୍ଲା ସର୍ଲାକ |
| ୨୦୨୧ ଟୋକିଓ ଅଲିମ୍ପିକ୍ସ | ରୌପ୍ୟ | ଜାଉର ଉଗୁଏଭ |

## ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

**ନନ୍ଦ କିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)**

ସିଟି କ୍ଲବ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ଓ ଓଡ଼ିଶା ପୋଲିସ ବିଜୟୀ ହୋଇଛି। ଟୁର୍ନାମେଣ୍ଟର ୫ମ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୩-୦ ଗୋଲରେ କିଟ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଭାରତୀ ଦାସ ୪୨, ଗାୟତ୍ରୀ ବେହେରା ୪୫ ଓ ଲହରି ମଙ୍ଗରାଜ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୬ଷ୍ଠ ମ୍ୟାଚରେ ଓଡ଼ିଶା ପୋଲିସ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇ ଦେଇଥିଲା। ଓଡ଼ିଶା ପୋଲିସର ଜସମଣି ସମଦ ୭୦+୨ ଓ କରିସ୍ମା ଓରାମ ୭୦+୪ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଞ୍ଜୁରି ଟାଇମ୍‌ରେ ୨ଟି ଯାକ ଗୋଲ ହୋଇଥିଲା। ମ୍ୟାଚ ୨ଟିରେ ଯଥାକ୍ରମେ ଭାରତୀ ଦାସ ଓ ସୁମିତ୍ରା ଖାଲ୍‌କୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମେଶ ମଲିକ, ସରିତା ପଣ୍ଡା, କଳ୍ପନା ସାହୁ ଓ ରଣଦୀପ ବରୁଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଓଡ଼ିଶା ପୋଲିସ ଓ ବିଡ଼ାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ହକି: ସମ୍ବଲପୁର ସେମିରେ

**ପୁଣେ, ୧୭।୩ (ପି.ଟି.)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଫଗୱାରାର ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ଏଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ନେହେରୁ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୩-୧ ଗୋଲରେ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନୀତେଶ (୪ର୍ଥ ଓ ୫୯ତମ ମିନିଟ) ଦୁଇଟି ଓ ପ୍ରଯୁକ୍ତ ନାଗ୍ (୪୩ତମ) ଗୋଟିଏ ଗୋଲ ଦେଇଥିଲେ। ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ସରବଜିନ୍ଦର ସିଂ (୪୪ତମ) ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ପରେ ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ସମାନ ୩-୧ ଗୋଲ ବ୍ୟବଧାନରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଥିଲା।

**ଏସିଆ କପ୍ ତୀରନ୍ଦାଜୀ**

## ଭାରତ ପାଇଁ ୬ ପଦକ ନିଶ୍ଚିତ

**ଫୁକେଟ୍, ୧୭।୩ (ପି.ଟି.):** ଚଳିତ ଏସିଆ କପ୍ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ କମ୍ପାଉଣ୍ଡ କାଟେଗୋରିରେ ୬ଟି ପଦକ ନିଶ୍ଚିତ କରିଛି। ଭାରତର ପୁରୁଷ ତୀରନ୍ଦାଜମାନେ କିନ୍ତୁ ପୁଣି ଥରେ ଖରାପ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ବ୍ୟକ୍ତିଗତ ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନାହାନ୍ତି। ଭାରତୀୟମାନେ କିନ୍ତୁ ଟିମ୍ ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ବିଭାଗ ଫାଇନାଲରେ ପ୍ରବେଶ କରିପାରିଛନ୍ତି। କମ୍ପାଉଣ୍ଡ ସେକ୍ସନରେ ଭାରତ କ୍ଲିନ୍ ସୁଇପ୍ କରିବା ସମ୍ଭାବନା ରହିଛି। ଚତୁର୍ଥ ସିଡ୍ ତିଶା ପୁନିଆ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ମାଲେସିଆର ନା ଫୋଜିଙ୍କ ସହ ମୁକାବିଲା କରିବେ। ପାର୍ଥ ସାଲୁଙ୍ଖେ, ଧୀରଜ ଓ ରାହୁଲ କୁମାର ନଗରୱାଲଙ୍କୁ ନେଇ ଭାରତୀୟ ଦଳ ଫାଇନାଲରେ କାଜାଖସ୍ତାନକୁ ଭେଟିବେ। କମ୍ପାଉଣ୍ଡ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ରିଷଭ ଯାଦବ ବାଂଲାଦେଶର ନୱାଜ ଅହମଦ ରକିବ (୧୪୮-୧୪୪) ଓ ଇରାନର ସୟେଦ କୋସାର (୧୪୮-୧୪୫)ଙ୍କୁ ପରାସ୍ତ କରି ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ସ୍ୱର୍ଣ୍ଣ ପଦକ ଲଢେଇରେ ସେ ଚତୁର୍ଥ ସିଡ୍ ତଥା ଇରାନର ମହମ୍ମଦସାଲେ ପାଲିଜବାନ୍‌ଙ୍କ ସହ ମୁକାବିଲା କରିବେ। ଭାରତ ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ଏକ ବ୍ରୋଞ୍ଜ ଜିତିବ ବୋଲି ଆଶା ରଖିଛି। ଏଥିରେ ପ୍ରଥମେଶ ଜାକର କୋସାରଙ୍କୁ ହରାଇବାକୁ ପଡ଼ିବ।

## ଦକ୍ଷିଣ ଆଫ୍ରିକାର କ୍ରମାଗତ ଚତୁର୍ଥ ବିଜୟ

**ମହିଳା କ୍ରିକେଟ ବିଶ୍ୱକପ୍**

**ହାମିଲଟନ, ୧୭।୩ (ପି.ଟି.):** ଚଳିତ ଆଇସିସି ମହିଳା ବିଶ୍ୱକପ୍ କ୍ରିକେଟ ଟୁର୍ନାମେଣ୍ଟର ଏକ ଲିଗ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ସହ ଅପରାଜେୟ ଧାରା ବଜାୟ ରଖିଛି। ସ୍ଥାନୀୟ ସେଡନପାର୍କଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ସିମ୍ ବୋଲର ଆୟା ବୋଙ୍ଗା ଖାଖା (୩/୩୧), ଶବନିମ ଇସ୍‌ମାଇଲ (୩/୨୭) ଓ ମାରିଜାନେ କାପ୍ (୨/୪୪)ଙ୍କ ଚମତ୍କାର ବୋଲିଂ ଯୋଗୁ ଅଧିନାୟିକା ସୋଫି ଡିଭାଇନ୍‌ଙ୍କ ୯୩ ରନ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୨୨୮ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଲାଉରା ଓଲଭାର୍ଡଟ (୬୭) ଓ ଅଧିନାୟିକା ସୁନେ ଲୁସ୍ (୫୧) ଓ କାପ୍ (୩୪*)ଙ୍କ ଆକର୍ଷଣୀୟ ବ୍ୟାଟିଂ ଯୋଗୁ ଦକ୍ଷିଣ ଆଫ୍ରିକା ବିଜୟ ଲକ୍ଷ୍ୟ ଅତିକ୍ରମ କରିଯିବା ସହ ଟୁର୍ନାମେଣ୍ଟରେ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଥିଲା। ଗୁରୁବାର ଏହି ବିଜୟ ଦ୍ୱାରା ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲରେ ଏହାର ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବାବେଳେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚରୁ ୨ଟି ବିଜୟ ସହ ପୂର୍ବଭଳି ଚତୁର୍ଥ ସ୍ଥାନରେ ରହିଛି।

## ଲକ୍ଷ୍ୟ ସେନ୍ କ୍ୱାର୍ଟରଫାଇନାଲରେ

**ବର୍ମିଂହାମ୍, ୧୭।୩ (ପି.ଟି.):** ବିଶ୍ୱର ୩ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଣ୍ଡର୍ସ ଆଣ୍ଟନସେନଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତର ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଲମୋରାର ଏହି ୨୦ ବର୍ଷୀୟ ଖେଳାଳି ଗତ ଜାନୁୟାରୀରେ ଇଣ୍ଡିଆ ଓପନରେ ତାଙ୍କ ପ୍ରଥମ ସୁପର ୫୦୦ ଟାଇଟଲ ହାସଲ କରିଥିଲେ। ଗତ ସପ୍ତାହରେ ସେ ଜର୍ମାନ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଗୁରୁବାର ସେ ଏଠାରେ ତୃତୀୟ ସିଡ୍ ତଥା ୨୦୧୯ ବାସେଲ ଓ ୨୦୨୧ ହୁଏଲ୍‌ଭା ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଆଣ୍ଟନସେନଙ୍କୁ ୨୧-୧୬, ୨୧-୧୮ରେ ହରାଇ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦୁଇ ଖେଳାଳି ପ୍ରଥମ ଥର ପରସ୍ପରକୁ ଭେଟିଥିଲେ। ସେନ୍ ବର୍ତ୍ତମାନ ହଂକଂର ୮ମ ସିଡ୍ ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସ କିମ୍ବା ଚାଇନାର ଲୁ ଗୁଆଙ୍ଗ ଜୁଙ୍କୁ ଭେଟିବେ। ପୂର୍ବରୁ ଭାରତର ସାଇନା ନେହ୍ୱାଲ ଦ୍ୱିତୀୟ ରାଉଣ୍ଡରେ ଲଢୁଆ ପ୍ରଦର୍ଶନ କରି ଦ୍ୱିତୀୟ ସିଡ୍ ଜାପାନର ଆକାନେ ୟାମାଗୁଚିଙ୍କଠାରୁ ୩ ମ୍ୟାଚ ବିଶିଷ୍ଟ ଗେମ୍‌ରେ ହାରିଯାଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ତଥା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ୱାନ ସାଇନା ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ୟାମାଗୁଚିଙ୍କଠାରୁ ୧୪-୨୧, ୨୧-୧୭, ୧୭-୨୧ରେ ହାରିଯାଇଥିଲେ। ଏହି ମହିଳା ସିଙ୍ଗଲ୍ସ ମ୍ୟାଚ ୫୦ ମିନିଟ ଧରି ଚାଲିଥିଲା। ସାଇନା ଗତ ସପ୍ତାହରେ ଜର୍ମାନ ଓପନରେ ଥାଇଲାଣ୍ଡର ରାଚାନୋକ୍ ଇନ୍ଥାନନ୍‌ଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଥିଲେ। ଏଠାରେ ତାଙ୍କଠାରୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳିଛି।



# ଓଡ଼ିଶାର ଆଜମିନା, ଜିଓ୍ୱନ କିଶୋରୀ ସାମିଲ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

## ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷିତ

ଦକ୍ଷିଣ ଆଫ୍ରିକାର ପୋର୍‌ଚେଫ୍‌ଷ୍ଟ୍ରୁମ୍‌ଠାରେ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଯାଉଥିବା ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ଆଜମିନା କୁଜୁର ଓ ଜିଓ୍ୱନ କିଶୋରୀ ଟପ୍ପୋ ସ୍ଥାନ ପାଇଛନ୍ତି। ଅନ୍ୟତମ ଓଡ଼ିଆ ମାଧୁରୀ କିଣ୍ଡୋ ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେ ୨୦ ଜଣିଆ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଡିଫେଣ୍ଡର ଇଶିକା ଚୌଧାରୀ ଉପ ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ପ୍ରତିଯୋଗିତା ଗତବର୍ଷ ଡିସେମ୍ବରରେ ହେବାର ଥିଲା। ମାତ୍ର ଦକ୍ଷିଣ ଆଫ୍ରିକାରେ ଓମିକ୍ରନ ଭୟ ଯୋଗୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିବା ଭାରତୀୟ ଦଳର ସଦସ୍ୟ ଶର୍ମିଳା ଦେବୀ, ଲାଲରେମସିଆମି ଜୁନିୟର ଦଳରେ ସ୍ଥାନ ପାଇଛନ୍ତି।

ଭାରତୀୟ ଦଳ ପୁଲ୍ 'ଡି'ରେ ଜର୍ମାନୀ, ମାଲେସିଆ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ଏପ୍ରିଲ ୨ରେ ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ୱେଲ୍ସ ସହିତ ଖେଳିବ। ଏପ୍ରିଲ ୩ରେ ଜର୍ମାନୀ ଓ ୫ରେ ମାଲେସିଆ ବିପକ୍ଷରେ ଖେଳି ଦଳ ଏହାର ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ। ଜର୍ମାନୀ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ସିନିୟର ସ୍ତରରେ କ୍ୟାରିୟର ଆରମ୍ଭ କରିଥିବା ବିଚୁ ଦେବୀ ଖାରିବାମ୍ ଜୁନିୟର ଦଳର ମୁଖ୍ୟ ଗୋଲକିପର ରହିଛନ୍ତି। ଦଳ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ଜାନେକ ସ୍କୁପମାନ କହିଛନ୍ତି ଯେ, ''ଦୀର୍ଘ ପ୍ରତୀକ୍ଷା ପରେ ଜୁନିୟର ଖେଳାଳିମାନେ ବିଶ୍ୱସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି। ସବୁ ଖେଳାଳି ନିଜ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ତେଣୁ ଚୂଡ଼ାନ୍ତ ୨୦ ଜଣିଆ ଦଳ ଚୟନ କରିବା କଷ୍ଟସାଧ ଥିଲା। ନିକଟରେ କେତେଜଣ ଖେଳାଳି ପ୍ରୋ ଲିଗ୍‌ରେ ସିନିୟର ପଦାର୍ପଣ କରିଛନ୍ତି। ସେହି ଅଭିଜ୍ଞତାକୁ ସେମାନେ ଆଗାମୀ ପ୍ରତିଯୋଗିତାରେ ଉପଯୋଗ କରିବାନେଇ ଆଶା ରହିଛି''।


ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ମନୋନୀତ ଭାରତୀୟ ଦଳ।

୨୦୧୩ ଜୁନିୟର ହକି ବିଶ୍ୱକପରେ ଭାରତୀୟ ମହିଳା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିଲା। ପଦକ ମୁକାବିଲାରେ ଭାରତ ଶୁଟ୍‌ଆଉଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

**ଭାରତୀୟ ଦଳ**

ଗୋଲକିପର: ବିଚୁ ଦେବୀ ଖାରିବାମ୍, ଖୁସ୍‌ବୁ। ଡିଫେଣ୍ଡର: ମାରିନା ଲାଲରାମଘାକି, ପ୍ରୀତି, ପ୍ରିୟଙ୍କା, ଇଶିକା ଚୌଧାରୀ (ଉପ ଅଧିନାୟିକା), ଅକ୍ଷତା ଆବାସୋ ଦେଖଲେ। ମିଡ୍‌ଫିଲ୍ଡର: ବୈଷ୍ଣବୀ ଭିଟ୍ଠଲ ଫାଲ୍‌କେ, ସାଲିମା ଟେଟେ (ଅଧିନାୟିକା), ରୀତ୍, ଆଜମିନା କୁଜୁର, ଶର୍ମିଳା ଦେବୀ, ଲାଲରେମସିଆମି, ବଲଜିତ କୌର। ଫରଓ୍ୱାର୍ଡ: ଲାଲରିଣ୍ଡିକି, ଜିଓ୍ୱନ କିଶୋରୀ ଟପ୍ପୋ, ମୁମ୍‌ତାଜ ଖାଁ, ବିୟୁଟି ଡୁଙ୍ଗଡୁଙ୍ଗ, ଦୀପିକା, ସଙ୍ଗୀତା କୁମାରୀ। ଷ୍ଟାଣ୍ଡବାଇ, ମାଧୁରୀ କିଣ୍ଡୋ, ନୀଲମ, ମଞ୍ଜୁ ଚୌରାସିଆ, ରୁତୁଜା ଦଦସୋ ପିସାଲ, ଅନୁ।

# ଉତ୍କଳ ଦ୍ୱିତୀୟ, ଅଭିଷିକ୍ତା ତୃତୀୟ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ବ୍ୟକ୍ତିଗତ ପୁରୁଷ

## ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍

ବିଭାଗରେ ଭୁବନେଶ୍ୱର ଆରଏସ୍‌ବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଉତ୍କଳ ରଞ୍ଜନ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବେଙ୍ଗାଲୁରୁର ଏନ୍. ସଞ୍ଜୟ ୮ ପଏଣ୍ଟ ସହିତ ଚାମ୍ପିୟନ ଏବଂ ୭.୫ ପଏଣ୍ଟ ପାଇ ଉତ୍କଳ ରନର୍ସଅପ୍ ହୋଇଛନ୍ତି। ମନୋଜ କୁମାର ପାଣିଗ୍ରାହୀ ୭ ପଏଣ୍ଟ ସହିତ ୭ମ ସ୍ଥାନରେ ରହିଛନ୍ତି। ବ୍ୟକ୍ତିଗତ ମହିଳା ବିଭାଗରେ ଓଡ଼ିଶାର ଅଭିଷିକ୍ତା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଖେଳରେ ଚେନ୍ନାଇର ଜେ. ସରଣ୍ୟା ୯ ଓ ବିହାରର ମିଙ୍କି ସିହ୍ନା ୭.୫ ପଏଣ୍ଟ ସହିତ ପ୍ରଥମ ଦୁଇ ସ୍ଥାନରେ ରହିଥିବାବେଳେ ଅଭିଷିକ୍ତା ୭ ପଏଣ୍ଟ ସହିତ ତୃତୀୟ ସ୍ଥାନ ପାଇଛନ୍ତି।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଉତ୍କଳ ରଞ୍ଜନ ସାହୁ ଓ ଅଭିଷିକ୍ତା ପଟ୍ଟନାୟକ।


## ସମ୍ପୂର୍ଣ୍ଣ ଭାରତରେ 'ମହିଳା ଦିବସ' ଅବସରରେ 'ସଚ୍ଚୀ ସହେଲୀ' ତିଆରି କରିଛି 'ଅବିଶ୍ୱସନୀୟ ରେକର୍ଡ'

### 1,16,241 ମହିଳାଙ୍କ ଘରକୁ ଫ୍ରି ଗିଫ୍ଟ ପଠାଇଛି

ଚଣ୍ଡିଗଡ଼ । ଦିବିସା ହର୍ବାଲ୍‌ଜ ପ୍ରା. ଲିଃ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ପୂର୍ଣ୍ଣ ଭାରତର ମହିଳାଙ୍କ ପାଇଁ 'Mera Gift' ଅଭିଯାନ ଆୟୋଜନ କରାଯାଇଛି । ଏହାର ସୂଚନା ୫ ମାର୍ଚ୍ଚ ଦିନ ଭାରତର ଖ୍ୟାତନାମା ଖବରକାଗଜର ସ୍ୱତନ୍ତ୍ର ପୃଷ୍ଠା ଏବଂ ଖ୍ୟାତନାମା ଟି.ଭି. ଚ୍ୟାନେଲ୍ସ ଓ ଡିଜିଟାଲ୍ ମିଡିଆ ମାଧ୍ୟମରେ ଦିଆଯାଇଥିଲା । ଏହି ଗିଫ୍ଟ ପାଇବା ପାଇଁ ମହିଳାମାନେ କମ୍ପାନୀ ଦ୍ୱାରା ଦିଆଯାଇଥିବା ଏକ କ୍ୟୁ.ଆର୍. କୋଡ୍ ସ୍କାନ୍ କଲେ ଏବଂ ସେମାନଙ୍କୁ ଘରେ ବସି ସଚ୍ଚୀ ସହେଲୀ ଆୟୁର୍ବେଦିକ ଟନିକ୍‌ର ଏକ ବୋତଲ ପଠାଗଲା ।

କମ୍ପାନୀର ପ୍ରତିନିଧି ସୋନିଆ ବଜାଜ ଜଣାଇଛନ୍ତି ଯେ ଏହି ଅଫର୍ ୫ ମାର୍ଚ୍ଚ ପ୍ରାତଃ 12ଟା 1 ମିନିଟ୍‌ରୁ ଆରମ୍ଭ ହୋଇଥିଲା । ଦେଖୁ ଦେଖୁ ମାତ୍ର ଅଳ୍ପ କିଛି ଘଣ୍ଟା ମଧ୍ୟରେ ଲକ୍ଷାଧିକ ମହିଳା ସଚ୍ଚୀ ସହେଲୀ ୱେବ୍‌ସାଇଟ୍ ଭିଜିଟ୍ କଲେ । କମ୍ପାନୀକୁ ପ୍ରତି ମିନିଟ୍‌ରେ ସହସ୍ରାଧିକ ଅର୍ଡର ପ୍ରାପ୍ତ ହେଉଥିଲା । ଏମିତି ପରିସ୍ଥିତି ମଧ୍ୟ ଆସିଗଲା ଯେ ଅପରାହ୍ନ 2 ଘଟିକାରେ ଅପ୍ରତ୍ୟାଶିତ କାରଣରୁ ଅଫରକୁ ବନ୍ଦ କରିବାକୁ ପଡ଼ିଲା ।

ଏହି ଅଭିଯାନ ଅଧୀନରେ କୌଣସି ଉପଭୋକ୍ତାଙ୍କଠାରୁ କୌଣସି ପ୍ରକାରର ଶୁଳ୍କ ଆଦାୟ କରାଯାଇ ନ ଥିଲା, ଅର୍ଥାତ୍ ଶିପିଂ ଚାର୍ଜ ମଧ୍ୟ ସମ୍ପୂର୍ଣ୍ଣ ନିଃଶୁଳ୍କ ଥିଲା । ପ୍ରତ୍ୟେକ ମହିଳା ଯେପରି ଏହି ଅଫରର ଲାଭ ଉଠାଇପାରନ୍ତୁ ଏହା ସୁନିଶ୍ଚିତ କରିବା ପାଇଁ ନିଃଶୁଳ୍କ ସଚ୍ଚୀ ସହେଲୀ ଆୟୁର୍ବେଦିକ ଟନିକ୍ ମଗାଇବାର ପ୍ରକ୍ରିୟାକୁ ଖୁବ୍ ସରଳ ମଧ୍ୟ କରାଯାଇଥିଲା । ଅନ୍ତର୍ଜାତୀୟ ମହିଳା ଦିବସ ଦିନ ଏହାର ଅର୍ଡର କରି ସୁସ୍ଥ ରହିବା ଲାଗି ନିଜର ରୁଚିକୁ ଜାହିର କରିଥିବା 1,16,241 ଜଣ ମହିଳାଙ୍କୁ କମ୍ପାନୀ ଏହି ଉପହାର ପଠାଇଛି ।




କୋରିୟର୍ ଖର୍ଚ୍ଚ ମଧ୍ୟ କମ୍ପାନୀ ନିଜେ ବହନ କରିଥିଲା

ଲକ୍ଷ୍ୟ ପ୍ରାପ୍ତି ପାଇଁ କରିଛି କୋଟି କୋଟି ଟଙ୍କା ଖର୍ଚ୍ଚ

ଏହା ସର୍ବବିଦିତ ଯେ, କଠିନ ଜୀବନଶୈଳୀ କାରଣରୁ ଆଜିକାଲି ମହିଳା ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇପାରୁନାହାନ୍ତି, କିନ୍ତୁ ଏହି ଅଭିଯାନ ଅଧୀନରେ ଭାରତର ଏକ ଲକ୍ଷରୁ ଅଧିକ ମହିଳା ସଚ୍ଚୀ ସହେଲୀ ଆୟୁର୍ବେଦିକ ଟନିକ୍ ମଗାଇ ଏହା ମଧ୍ୟ ପ୍ରମାଣିତ କରିଦେଇଛନ୍ତି ଯେ ଆଜିର ମହିଳା ଏବେ ସ୍ୱାସ୍ଥ୍ୟକୁ ନେଇ ସଚେତନ ହୋଇଯାଇଛନ୍ତି । ସୋନିଆଙ୍କ କହିବା ଅନୁସାରେ ମହିଳାମାନଙ୍କ ବିଶ୍ୱାସ ହିଁ ସଚ୍ଚୀ ସହେଲୀ ସେମାନଙ୍କ ଆଶାର କଷଟିରେ ବର୍ଷ ବର୍ଷ ଧରି ଉତ୍ତୀର୍ଣ୍ଣ ହୋଇଆସୁଛି । ଭାରତର କୋଣ ଅନୁକୋଣର ମହିଳା ଏହାର ସେବନ କରୁଛନ୍ତି ଏବଂ ଏହା ପ୍ରତ୍ୟେକ ଘରର ଏକ ଅଂଶବିଶେଷରେ ପରିଣତ ହେବାରେ ଲାଗିଛି ।

ସୂଚନାଯୋଗ୍ୟ ଯେ, ଦିବିସା ହର୍ବାଲ୍‌ଜ ପ୍ରା. ଲିଃର ଏହି ଉତ୍ପାଦ 'ସଚ୍ଚି ସହେଲୀ ଆୟୁର୍ବେଦିକ ଟନିକ୍' 67 ପ୍ରାକୃତିକ ଜଡ଼ି-ବୁଟିରେ ପ୍ରସ୍ତୁତ ଅଟେ; ଯାହା ବ୍ୟଥା, ଚିଡ଼ିଚିଡ଼ାପଣ, କ୍ଳାନ୍ତି, ଦୁର୍ବଳତା, ଅଣ୍ଟା ବ୍ୟଥା ଏବଂ ଇମ୍ୟୁନିଟି ଆଦି ଭଳି କଠିନ ସମସ୍ୟାରେ ସହାୟକ ଅଟେ । କେବଳ ଏତିକି ନୁହେଁ, ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତ୍ରୀ ରବିନା ଟଣ୍ଡନ ମଧ୍ୟ ଏହାକୁ ନିୟମିତ ଭାବେ ବ୍ୟବହାର କରନ୍ତି ।

-Advt.


# ଆରାଧ୍ୟାଙ୍କୁ ୩ ଟାଇଟଲ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)**

## ସିଏସ୍‌୭ ଚାମ୍ପିୟନଶିପ୍ ସିରିଜ ଟେନିସ

ରାଜ୍ୟର ଉଦୀୟମାନ ଟେନିସ ପ୍ରତିଭା ଆରାଧ୍ୟା କ୍ରମାଗତ ଦ୍ୱିତୀୟ ସପ୍ତାହରେ ୩ ଟାଇଟଲ ହାସଲ କରିଛନ୍ତି। ହରିୟାଣାର ରୋହତକରେ ଅନୁଷ୍ଠିତ ସିଏସ୍‌୭ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ୩ ବିଭାଗରେ ସେ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ସେ ହରିୟାଣାର ଖୁସି ଗୌରଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ୧୬ ବର୍ଷରୁ କମ୍ ଫାଇନାଲ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ସେ ସୁପର ଟାଇବ୍ରେକରରେ ସେହି ଖୁସିଙ୍କ ବିପକ୍ଷରେ ୪-୬, ୬-୧ ଓ ୧୦-୩ ସେଟ୍‌ରେ ବିଜୟୀ ହୋଇଥିଲେ। ଡବଲ୍ସ ବିଭାଗରେ ସେ ଅଗ୍ରିମା ଜୟସ୍ୱାଲଙ୍କୁ ସାଥିକରି ଫାଇନାଲରେ ହରିୟାଣାର ଅଭିକା ଓ ଦିଲ୍ଲୀର ବୈଷ୍ଣବୀ ସିଂଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ''ଆରାଧ୍ୟାଙ୍କ ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ହୋଇ ଚାଲିଛି। ଫରହାନ ଟେନିସ ଏକାଡେମୀର ସୋହିନୀ ମହାନ୍ତି ଓ ଦେବାଶିଷ ସାହୁଙ୍କ ପରେ ଆରାଧ୍ୟା ଭଲ ପ୍ରଦର୍ଶନ ଜାରିରଖି ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ ଆରାଧ୍ୟା କଠିନ ପରିଶ୍ରମ କରୁଥିବାରୁ ଆଗାମୀ ଦିନରେ ଆହୁରି ସଫଳତା ପାଇବା ସମ୍ଭାବନା ଅଛି'' ବୋଲି କୋଚ୍ ଫରହାନ ଅଲୀ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ, ଗତ ସପ୍ତାହରେ ଆରାଧ୍ୟା ରୋହତକର ହକ୍ ଟେନିସ ଏକାଡେମୀରେ ଅନୁଷ୍ଠିତ ସିଏସ୍‌୭ ଟେନିସ ଟୁର୍ନାମେଣ୍ଟରେ ଟ୍ରିପଲ ଟାଇଟଲ ହାସଲ କରିଥିଲେ। ସେଥିରେ ମଧ୍ୟ ସେ ୧୪ ଓ ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଏବଂ ବାଳିକା ଡବଲ୍ସରେ ସାଥି ଖେଳାଳି କ୍ରିଷ୍ଟା ରାଜ୍‌ଙ୍କୁ ପାର୍ଟନରକରି ଚାମ୍ପିୟନ ହୋଇଥିଲେ।


ହରିୟାଣାରେ ୨ ସପ୍ତାହରେ ୬ ଟ୍ରଫି ହାସଲ କରିଥିବା ଓଡ଼ିଶାର ଆରାଧ୍ୟା।

# ଭାରତ-ନେଦରଲାଣ୍ଡ୍ସ ମ୍ୟାଚ ଭୁବନେଶ୍ୱରରେ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ଦଳ ଓ ଅଲିମ୍ପିକ ଚାମ୍ପିୟନ ନେଦରଲାଣ୍ଡ୍ସ ମଧ୍ୟରେ ଏକ ଡବଲ ହେଡର ଆସନ୍ତା ଏପ୍ରିଲ ୮ ଓ ୯ ତାରିଖରେ ଭୁବନେଶ୍ୱରରେ ହେବ। ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଭାରତ ଓ ଗତଥରର ଚାମ୍ପିୟନ ନେଦରଲାଣ୍ଡ୍ସର ଏହି ମ୍ୟାଚ ପ୍ରକୃତରେ ଗତ ଫେବୃୟାରୀ ୧୯ ଓ ୨୦ରେ ଖେଳିବା କାର୍ଯ୍ୟକ୍ରମ ରହିଥିଲା। ସେମାନଙ୍କ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରୁ ଭ୍ରମଣକାରୀ ଦଳ ଭାରତ ଆସିନ ଥିଲା। ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍ କହିଛନ୍ତି, ନିଜ ମାଟିରେ ବିଶ୍ୱର ନମ୍ବର ୱାନ ଦଳ ସହ ଖେଳିବାକୁ ଯାଉଥିବାରୁ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଭାରତ ଇତିମଧ୍ୟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୬ଟି ମ୍ୟାଚ ଖେଳି ସାରିଛି। ଭାରତ ମସ୍କାଟରେ ଚାଇନାକୁ ୭-୧ ଓ ୨-୧ ଗୋଲରେ ହରାଇ ଦେଇଥିବା ବେଳେ ଗତ ଫେବୃୟାରୀରେ ସ୍ପେନ ବିପକ୍ଷରେ ୨-୧ରେ ବିଜୟ ଏବଂ ୩-୪ରେ ପରାଜୟ ବରଣ କରିଛି। ନିକଟରେ ଜର୍ମାନୀ ବିପକ୍ଷ ପ୍ରଥମ ମ୍ୟାଚ ୨-୧ ଶୁଟଆଉଟରେ ପରାସ୍ତ ହେବା ପରେ ଦ୍ୱିତୀୟ ମ୍ୟାଚ ୩-୦ ଶୁଟ୍ ଆଉଟରେ ବିଜୟ ଲାଭ କରିଥିଲା।

# ରୁଷିଆ, ବେଲାରୁଷକୁ ବାସନ୍ଦ

**ମ୍ୟୁନିକ୍, ୧୭।୩ (ଏପି):** ମଲ୍‌ଟି ସ୍ପୋର୍ଟ୍ସ ୟୁରୋପିଆନ ଚାମ୍ପିୟନଶିପ୍‌ରୁ ରୁଷିଆ ଓ ବେଲାରୁଷ ଆଥଲେଟଙ୍କୁ ବାସନ୍ଦ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଗାଇଡ୍ ଲାଇନ୍ ଅନୁସାରେ ଏହି ପଦକ୍ଷେପ ନିଆଯାଇଥିବା ଜର୍ମାନୀର ମ୍ୟୁନିକ୍‌ରେ ଅଗଷ୍ଟ ୧୧ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ଏହି ଚାମ୍ପିୟନଶିପ୍‌ର ଆୟୋଜକଗଣ କହିଛନ୍ତି। ରୁଷିଆର ଆକ୍ରମଣକୁ ଆମେ ନିନ୍ଦା କରୁଛୁ ବୋଲି ଆୟୋଜକ କମିଟି ଚେୟାରମ୍ୟାନ ଲିବର ଭାର୍‌ହାନିକ୍ କହିଛନ୍ତି।

# ଶ୍ରୀ ଜୟଦେବ କ୍ରୀଡ଼ାସଂଘ ସେମିରେ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି):** ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଆୟୋଜକ ଦଳ ବିଜୟୀ ହୋଇ ତୃତୀୟ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ୭୦ ରନରେ ସ୍ପୋର୍ଟିଂ ୟୁନିୟନକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀ ଜୟଦେବ କ୍ରୀଡ଼ାସଂଘ ୨୮.୫ ଓଭରରେ ୨୨୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସୌମ୍ୟ ଶ୍ରୀଚନ୍ଦନ ସର୍ବାଧିକ ୫୬, ଦେବବ୍ରତ ପ୍ରଧାନ ୫୨ ଓ ନବୀନ ବିଷୋୟୀ ୪୭ ରନ କରିଥିଲେ। ୩ ଜଣ ଖେଳାଳି ରନ୍ ଆଉଟ ହୋଇଥିବାବେଳେ ବିପକ୍ଷ ଦଳର ସସ୍ମିତ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ୨୨୩ ରନ ବିଜୟ ଲକ୍ଷ୍ୟରେ ସ୍ପୋର୍ଟିଂ ୟୁନିୟନ ୨୮ ଓଭରରେ ୧୫୨ ରନକରି ଅଲ୍ ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଭାଗୀରଥି ଜେନା ସର୍ବାଧିକ ୪ଟି ଓ ସର୍ଫରାଜ ୩ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଭାଗୀରଥି ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଲୁଲୁ ମହାପାତ୍ର ଓ ସନ୍ତୋଷ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ।

## ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ


ଭାଗୀରଥି ଜେନାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ